

ଅଡୁଆରେ ରଣବୀର
▶ପୃଷ୍ଠା-୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-187 ♦FRIDAY ♦2 JANUARY 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୧୮୭ ♦ଶୁକ୍ରବାର ♦୨ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ନୂଆବର୍ଷ ପାଳନ ବେଳେ ଅଘଟଣ**

## ସ୍ୱିଜରଲାଣ୍ଡ ରିସୋର୍ଟରେ ବିସ୍ଫୋରଣ; ୪୦ ମୃତ



■ ବର୍ଣ୍ଣ, ୧।୧ (ଏଜେନ୍ସି): ନୂଆବର୍ଷ ଆରମ୍ଭରୁ ୟୁରୋପୀୟ ଦେଶ ସ୍ୱିଜରଲାଣ୍ଡରେ ଏକ ବଡ଼ ଧରଣର ଅଘଟଣ ଘଟିଛି । ନୂଆବର୍ଷ ପାଳନ ବେଳେ ସ୍ୱିଜରଲାଣ୍ଡର କ୍ରାନ୍ସ ମୋଣ୍ଟାନା ସହରର ଏକ ଆଲପାଇନ ସ୍କି ରିସୋର୍ଟରେ ଗତକାଲି ବିଳମ୍ବିତ ରାତିରେ ବଡ଼ ଧରଣର ବିସ୍ଫୋରଣ ଘଟିବାରୁ ୪୦ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଶତାଧିକ ଆହତ ହୋଇଛନ୍ତି । ଆହତମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ନୂଆବର୍ଷ ପାଳନ ବେଳେ ଆତସବାଜି ଯୋଗୁଁ ବିସ୍ଫୋରଣ ହୋଥିବା ସନ୍ଦେହ କରାଯାଉଛି । ତେବେ ଏହା କୌଣସି ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଗତ ରାତି ୧ଟା ୩୦ରେ ଏହି ବସ୍ଫୋରଣ ହୋଇଥିଲା । ନବବର୍ଷ ଉତ୍ସବ ପାଳନ ଚାଲିଥିବା ବେଳେ କନଷ୍ଟେଲେସନ ବାରରେ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ସମୟରେ ବାର୍ ଭିତରରେ ୧୫୦ରୁ ଅଧିକ ଲୋକ ଉପସ୍ଥିତ ଥିଲେ । ସୂଚନା ପାଇବା ମାତ୍ରେ ପୁଲିସ, ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଓ ଜରୁରୀକାଳୀନ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିଥିଲେ । ଆହତମାନଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିଛି ଆହତଙ୍କ ଅବସ୍ଥା ଗୁରୁତର ବୋଲି ଜଣାଯାଇଛି । ସତର୍କତା ସ୍ୱରୂପ ବିସ୍ଫୋରଣ ଅଞ୍ଚଳ ଓ ଏହାର ଆଖପାଖ ଅଞ୍ଚଳକୁ ସିଲ୍ କରାଯାଇଛି । ବିସ୍ଫୋରଣର କାରଣ ନେଇ ଏପର୍ଯ୍ୟନ୍ତ କିଛି ଜଣାପଡ଼ିନାହିଁ ଓ ଏହାର ତଦନ୍ତ ଚାଲିଛି । ଫରେନସିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି । ବାର୍‌ରେ ଉପସ୍ଥିତ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି । ତେବେ ବାଣଫୁଟା ଯୋଗୁଁ ବିସ୍ଫୋରଣ ହୋଇଥିବା ସନ୍ଦେହ କରାଯାଉଛି । କନସର୍ଟ ସମୟରେ ବ୍ୟବହାର କରାଯାଇଥିବା ବାଣ ଯୋଗୁଁ ବିସ୍ଫୋରଣ ଓ ପରେ ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ସ୍ୱିସ ନ୍ୟୁଜ ଆଉଟଲେଟ୍ ବ୍ଲିକ ତରଫରୁ କୁହାଯାଇଛି ।

କ୍ରାନ୍ସ- ମୋଣ୍ଟାନା ରିସୋର୍ଟ ସ୍ୱିଜରଲାଣ୍ଡ ରାଜଧାନୀ ବର୍ଣ୍ଣଠାରୁ ଦୁଇ ଘଣ୍ଟା ଦୂରରେ ଭାଲାଇସ ▶ପୃଷ୍ଠା-୭

# ମହଙ୍ଗା ହେବ ବିଡ଼ି, ସିଗାରେଟ୍

- ଫେବୃଆରୀରୁ ୪୦% ଜିଏସ୍‌ଟି ସହ ନୂଆ ସେସ୍
- ସିଗାରେଟ କମ୍ପାନୀ ସେୟାରରେ ବଡ଼ ହ୍ରାସ
- ଦାନାପାଣି ହରାଇବେ ବହୁ କେନ୍ଦୁପତ୍ର ଶ୍ରମିକ

■ ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଫେବ୍ରୁଆରୀରୁ ମହଙ୍ଗା ହେବ ବିଡ଼ି, ସିଗାରେଟ, ଜର୍ଦ୍ଦା ଜାତୀୟ ପାନମସଲା । ପ୍ରଚଳିତ ଜିଏସ୍‌ଟି ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ ଯୋଗୁଁ ଏହି ସାମଗ୍ରୀଗୁଡ଼ିକର ମୂଲ୍ୟ ବଢ଼ିବ । ଆକଳନ ଅନୁସାରେ ବିଡ଼ି ଓ ସିଗାରେଟ ମୂଲ୍ୟ ପ୍ରାୟ ୪୦% ପର୍ଯ୍ୟନ୍ତ ମହଙ୍ଗା ହେବ ଏବଂ ୧୫ଟଙ୍କା ମୂଲ୍ୟରେ ବିକ୍ରି ହେଉଥିବା ସିଗାରେଟ ୧୮ ରୁ ୨୦ ଟଙ୍କାରେ ପହଞ୍ଚିବ ।

ଭାରତରେ ତମାଖୁ ଉତ୍ପାଦ ଉପରେ ସରକାର ବହୁ ପୂର୍ବରୁ ଉଚ୍ଚ ଶୁଳ୍କ ଧାର୍ଯ୍ୟ କରିଛନ୍ତି । ସିଗାରେଟ, ପାନ ମସଲା ଓ ଅନ୍ୟ ତମାଖୁ ଉତ୍ପାଦ ଉପରେ ୨୮% ଜିଏସ୍‌ଟି ଲାଗୁ ହେଉଛି । ଏବେ ସରକାର ଏହି ଜିଏସ୍‌ଟି ୪୦ % ହେବ ଏବଂ ଏହା ଉପରେ ପୁନଃ ସେସ୍ ଲାଗୁ କରାଯିବ । ଫଳରେ ସିଗାରେଟ୍ ଓ ପାନମସଲା ମୂଲ୍ୟ ୪୦% ଓ ବିଡ଼ି ମୂଲ୍ୟ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ । ବଜାର ବିଶେଷଜ୍ଞଙ୍କ ଆକଳନ ଅନୁସାରେ ଏହି ଟିକସ ବୋଝକୁ ହ୍ରାସ କରିବା ପାଇଁ ସିଗାରେଟ୍ କମ୍ପାନୀଗୁଡ଼ିକ ମୂଲ୍ୟ ବୃଦ୍ଧି କରିବାର ସମ୍ଭାବନା ରହିଛି ।

ସମ୍ପ୍ରତି ଭାରତରେ ସିଗାରେଟ୍ ଉପରେ ମୋଟ ଟିକସ ପରିମାଣ ୫୩ ପ୍ରତିଶତ ରହିଛି । ଏହା ସତ୍ତ୍ୱେ ଏହି ସାମଗ୍ରୀଗୁଡ଼ିକ ମଣିଷର ସ୍ୱାସ୍ଥ୍ୟହାନୀର କାରଣ ପାଲଟିଥିବାରୁ ଅଧିକ ଟିକସ ଲାଗୁ ହେବ ବୋଲି କୁହାଯାଉଛି । ଭାରତରେ ବର୍ତ୍ତମାନ ଟିକସ ହାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ)ର ସୁପାରିଶ ଅପେକ୍ଷା ଯଥେଷ୍ଟ କମ୍ । ଡବ୍ଲ୍ୟୁଏଚ୍‌ଓ ରିପୋର୍ଟ ଅନୁସାରେ ଧୂମପାନକୁ ନିରୁତ୍ସାହିତ ସିଗାରେଟ୍ ଉପରେ ଅତି କମରେ ୭୫% ଟିକସ ଲାଗୁ କରାଯିବା ଉଚିତ । ଭାରତରେ ବର୍ତ୍ତମାନ ପ୍ରାୟ ୧୦ କୋଟି ଲୋକ ଧୂମପାନ କରୁଛନ୍ତି । ଏହି କାରଣରୁ ତମାଖୁ ଟିକସ ବୃଦ୍ଧିକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ନୀତି ଭାବରେ ଦେଖାଯାଉଛି । ଏହାଛଡା ବୁଧବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ତମାଖୁ ଚୋବାଇବା, ଜର୍ଦ୍ଦା ସୁଗନ୍ଧିତ ତମାଖୁ ଏବଂ ଗୁଟଖା ପ୍ୟାକିଂ ମେସିନ୍ ସହିତ ଜଡିତ ନୂତନ ନିୟମ ଜାରି କରିଛି । ଏହି ନିୟମଗୁଡ଼ିକ ତମାଖୁ , ଜର୍ଦ୍ଦା ଏବଂ ଗୁଟଖା ପ୍ୟାକିଂ ମେସିନର ଉତ୍ପାଦନ କ୍ଷମତା ନିର୍ଣ୍ଣୟ କରିବା ଏବଂ ଏହା ଉପରେ ଆଧାର କରି ଟିକସ ଆଦାୟ ପାଇଁ ଏକ ଢାଞ୍ଚା ତିଆରି କରିଛି । ଅପରପକ୍ଷେ ତମାଖୁ ଉତ୍ପାଦ ଉପରେ ଟିକସ ବୃଦ୍ଧି ଖବର ଆଜି ଘରୋଇ ଷ୍ଟକ୍ ବଜାରକୁ ପ୍ରଭାବିତ କରିଛି । ଫଳସ୍ୱରୂପ ଦେଶର ସର୍ବବୃହତ ସିଗାରେଟ୍ କମ୍ପାନୀ ଆଇଟିସିର ସେୟାର ଆଜି ୧୦% ହ୍ରାସ ପାଇଛି । ଏହା ୨୦୨୦ ପରଠାରୁ କମ୍ପାନୀର ସେୟାରରେ ସବୁଠାରୁ ବଡ଼ ଏକ ଦିବସୀୟ ହ୍ରାସ । ମାର୍ସବୋରୋ ଭଳି ବ୍ରାଣ୍ଡ ବିକ୍ରି କରୁଥିବା କମ୍ପାନୀ ଗଡଫ୍‌ରେ ଫିଲିପ୍ସର ସେୟାର ମଧ୍ୟ ପ୍ରାରମ୍ଭରୁ ୧୭.୬% ହ୍ରାସ ଘଟିଛି । ଆଇଟିସି ନିଫ୍ଟି ୫୦ ଇଣ୍ଡେକ୍ସରେ ଗୁରୁବାର ସବୁଠୁ ବଡ଼ କ୍ଷତି ସହିଥିବା କମ୍ପାନୀ ହୋଇଛି । ▶ପୃଷ୍ଠା-୭

**ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ**

## ଦେଓରଞ୍ଜନ ଉନ୍ନୟନ କମିଶନର

- ହେମନ୍ତଙ୍କୁ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ
- ସତ୍ୟବ୍ରତ ରାଜସ୍ୱ ପର୍ଷଦ ସଦସ୍ୟ ନିଯୁକ୍ତ
- ବଦଳିଲେ ଗଜପତି ଓ ନୟାଗଡ଼ ଜିଲ୍ଲାପାଳ

■ ଭୁବନେଶ୍ୱର,୧।୧(ସମିସ): ନୂଆ ବର୍ଷର ପ୍ରଥମ ଦିନରେ ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର । ମୁଖ୍ୟ ଶାସନ ଭାବେ ଅନୁ ଗର୍ଗ ଦାୟିତ୍ୱ ଗ୍ରହଣ ପରେ ପରେ ନୂତନ ଉନ୍ନୟନ କମିସନର ଭାବେ ଦେଓ ରଞ୍ଜନ କୁମାର (ଡିକେ) ସିଂଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ଅନ୍ୟପକ୍ଷରେ ଉନ୍ନୟନ କମିଶନର ଦୌଡ଼ରେ ଥିବା ବରିଷ୍ଠ ଆଇଏଏସ୍ ତଥା ଗୃହ ଓ ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁଙ୍କୁ କ୍ଷମତା ଅଳିନ୍ଦରୁ ହଟାଇ ଦିଆଯାଇଛି । ତାଙ୍କୁ କଟକସ୍ଥିତ ରାଜସ୍ୱ ପର୍ଷଦ ସଦସ୍ୟ ଭାବରେ ନିଯୁକ୍ତି ଦିଆଯାଇଛି ।

ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହଙ୍କୁ ଉନ୍ନୟନ କମିସନର ତଥା ଯୋଜନା ଓ ସଂଯୋଜନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଦିଆଯାଇଛି । ଏହା ସହ ସେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମାଙ୍କୁ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି । ଶ୍ରୀ ଶର୍ମା ବର୍ତ୍ତମାନ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ସହ ଇପିକଲ୍‌ର ଅଧ୍ୟକ୍ଷ ଭାବେ ମଧ୍ୟ ଅତିରିକ୍ତ ଦାୟିତ୍ୱ ▶ପୃଷ୍ଠା-୭

**ସରକାରୀ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

## ଲକ୍ଷ୍ୟ ହାସଲ ପାଇଁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କର

■ ଭୁବନେଶ୍ୱର,୧।୧(ସମିସ): ୨୦୩୬ ସୁଦ୍ଧା ୫ ଶହ ବିଲିଅନ ଡଲାର ଅର୍ଥନୀତି ସହ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟରେ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପ୍ରଶାସନର ବିଭାଗୀୟ ଉଚ୍ଚ ଅଧିକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଇଂରାଜୀ ନୂଆ ବର୍ଷ ୨୦୨୬ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନଙ୍କ ସହିତ ଚଳିତ ବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହ ପ୍ରଶାସନକୁ କ୍ରିୟାଶୀଳ କରିବାକୁ ଅଧିକାରୀମାନଙ୍କୁ ଏକାଧିକ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଶ୍ରେଷ୍ଠ ୫ ବିକଶିତ ରାଜ୍ୟ ତାଲିକାରେ ▶ପୃଷ୍ଠା-୭



**ନୂଆବର୍ଷ ଶୁଭେଚ୍ଛା: ନବୀନ ନିବାସରେ ଫୁଲର ପାହାଡ଼**

## ରାଜ୍ୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ନବୀନଙ୍କ ପରାମର୍ଶ

■ ଭୁବନେଶ୍ୱର, ୧।୧ (ସମିସ): ଇଂରାଜୀ ନୂଆବର୍ଷ ୨୦୨୬ର ପ୍ରଥମ ଦିନରେ ଆଜି ନବୀନ ନିବାସରେପରିଲକ୍ଷିତ ହୋଇଛି ପ୍ରବଳ ଭିଡ଼ । ଦଳର ବହୁ ତୁଙ୍ଗ ନେତାଙ୍କଠାରୁ ଆରମ୍ଭ କରି ସାଧାରଣ କର୍ମୀ, ପ୍ରଶଂସକଙ୍କ ପର୍ଯ୍ୟନ୍ତ ନବୀନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଛନ୍ତି । ନବୀନ ମଧ୍ୟ ସମସ୍ତଙ୍କୁ ଇଂରାଜୀ ନବବର୍ଷର ଅଭିନନ୍ଦନ ଜଣାଇଥିବା ବେଳେ ସମସ୍ତେ ମିଳିମିଶି ରାଜ୍ୟର ସ୍ୱାର୍ଥ ପାଇଁ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ଗୁରବାର ସକାଳୁ ସକାଳୁ ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ନବୀନ ନିବାସରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଦଳର ନେତା, କର୍ମୀ, ଶୁଭେଚ୍ଛୁମାନେ ହାତରେ ଫୁଲତୋଡ଼ା ଧରି ନବୀନଙ୍କୁ ଶୁଭେଚ୍ଛା ଜଣାଇବାକୁ ଲମ୍ବା ଲାଇନ ଲଗାଇଥିଲେ । ନିଜର ପ୍ରିୟ ନେତାଙ୍କ ଝଲକ ଟିଏ ପାଇବା ପାଇଁ ସମର୍ଥକ ବେଶ୍ ଉତ୍ସାହିତ ▶ପୃଷ୍ଠା-୭



## ଟ୍ରକ୍ ସମ୍ମୁଖରେ ପିଟି ହେଲା ବାଇକ୍; ୨ ମୃତ

■ ଜମନକିରା, ୧।୧ (ସମିସ): ସମ୍ବଲପୁର ଜିଲ୍ଲା ଜମନକିରା ଥାନା ଷଣ୍ଢପଥର ଛକରେ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟା ସମୟରେ ମର୍ମନ୍ତୁଦ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି । ଏକ ବାଇକ୍‌ରେ ଆସୁଥିବା ଦୁଇଜଣ ଟ୍ରକ୍ ସମ୍ମୁଖରେ ପିଟି ହୋଇ ଟ୍ରକ୍ ଭିତରେ ପଶି କିଛି ବାଟ ଘୋଷାରି ହୋଇଯାଇଥିଲା । ତୁରନ୍ତ ଅଗ୍ନିଶମ ଗାଡି ପହଞ୍ଚି ଗୁରୁତର ଦ୍ୱୟଙ୍କୁ ଉଦ୍ଧାର କରି ଜମନକିରା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ରକୁ ଆଣି ପ୍ରାଥମିକ ଚିକିତ୍ସା କରାଇଥିଲେ । ପରେ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୁଚିଣ୍ଡା ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ମିଳିଥିବା ସୁଚନା ଅନୁସାରେ ଆଜି ସନ୍ଧ୍ୟା ପ୍ରାୟ ୬ଟାରେ ଜମନକିରାପଟୁ ସମ୍ବଲପୁର ଯାଉଥିବା ଟ୍ରକ ନଂଡବ୍ଲୁବି୨୯ସି -୩୭୬୧ ଆଗରେ ବାଇକ୍ ପଶି ଯାଇଥିଲା । ଫଳରେ ରାସ୍ତା ▶ପୃଷ୍ଠା-୭


**ପାନୀୟ ପ୍ରିୟ ରାଜଧାନୀବାସୀ**

## ୭ ଦିନରେ ପିଇଦେଲେ ୩୨ କୋଟିର ମଦ

■ ଭୁବନେଶ୍ୱର, ୧।୧ (ସମିସ): ରାଜଧାନୀବାସୀଙ୍କୁ ବାଇଆ କରିଛି ମଦ । ଦେଶୀ ଓ ବିଦେଶୀ ସାଙ୍ଗକୁ ବିୟର ବି ବିକ୍ରି ହେଉଛ ପ୍ରଚୁର । ଯୁବପିଢିଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତବୟସ୍କ, ଏପରିକି ମହିଳାବି ମଦ ସାନ୍ନିଧ୍ୟରୁ ବାଦ ପଡ଼ିନାହାନ୍ତି । ବଡ଼ଦିନରୁ ଡ଼ିସେମ୍ବର ୩୧ ତାରିଖ ମଧ୍ୟରେ ରାଜଧାନୀବାସୀ ପାଖାପାଖି ୬ ଲକ୍ଷ ଲିଟର ମଦ ପିଇଛନ୍ତି । ସାଙ୍ଗସାଥି ଏକାଠି ହେଲେ ବୋତଲ ଖୋଲୁଛି । କେଉଁଠିକି ବୁଲିବାକୁ ଗଲେ ବି ଲୋଡ଼ାପଡୁଛି ବୋତଲ । ଭୋଜିଭାତ କଲେ ମଦ ପିଉଛନ୍ତି । କେହି ସାଥୀ ନ ମିଳିଲେ ଏକୁଟିଆ ଯାଇ ବାର୍, ରେଷ୍ଟୁରାଣ୍ଟ ଆଉ ପବ୍‌ରେ ବସି ମଦ ଢୋକି ଦେଉଛନ୍ତି ।

୨୦୨୫ ମସିହାର ଶେଷ ସପ୍ତାହରେ ରାଜଧାନୀବାସୀ ୩୨ କୋଟି ୫୫ଲକ୍ଷ ୧୨ ଶହ ୫୫ଟଙ୍କାର ମଦ ପିଇଛନ୍ତି । ଏହା ମଧ୍ୟରେ ରହିଛି ଅଢେଇ ଲକ୍ଷ ଲିଟର ବିଦେଶୀ ଓ ଦେଢ ଲକ୍ଷ ଲିଟର ଦେଶୀ ମଦ । ରମ୍, ବିୟର, ହ୍ୱିସ୍କିଠାରୁ ଆରମ୍ଭ କରି ବ୍ରାଣ୍ଡି, ସ୍କଚ୍ ପର୍ଯ୍ୟନ୍ତ ସବୁ ପିଇ ଯାଇଛନ୍ତି । କାଠୁଆ ଶୀତ ହେଲେ ବି ବିୟର ବ୍ୟବସାୟରେ କୌଣସି ଫରକ ପଡ଼ିନି । ଗତ ୭ଦିନ ମଧ୍ୟରେ ରାଜଧାନୀବାସୀ ୧ ଲକ୍ଷ ୭୮ ହଜାର ଲିଟର ବିୟର୍ ପିଇଥିବା ନେଇ ଅବକାରୀ ବିଭାଗର ସୂଚନା ଦେଇଛି । ବଡ ଦିନଠାରୁ ଜିରୋ ନାଇଟ୍ ମଧ୍ୟରେ କ୍ଲବ, ପବ୍, ଅଫ ସପ୍‌ରେ ବହୁ ସଂଖ୍ୟାରେ ଗ୍ରାହକ ଏକଜୁଟ୍ ହୋଇ ମଦ ପିଇଛନ୍ତି । ପୁରୁଷଙ୍କ ସହ ତାଳ ଦେଇ ମହିଳାମାନେ ମଦ୍ୟପାନ କରିଛନ୍ତି ବୋଲି ସୂଚନା ମିଳିଛି ।

ମଦ ଉପରେ ରୋକ୍ ଲାଗିବ ବୋଲି ସରକାର ଦଳ ଦାବି କରୁଥିଲେ । ମାତ୍ର ହେଲେ ବଢୁଥିବା ମଦୁଆ ସଂଖ୍ୟା ଏବଂ ମଦ ବିକ୍ରି ତଥ୍ୟ ▶ପୃଷ୍ଠା-୭



**ଅଢେଇ ଲକ୍ଷ ଲିଟର ବିଦେଶୀ, ଦେଢ ଲକ୍ଷ ଲିଟର ଦେଶୀ ମଦ ବିକ୍ରି**

**କାଠୁଆ ଶୀତ ଦିନରେ ବି ବିକ୍ରି ହେଲା ୧.୭୮ ଲକ୍ଷ ଲିଟର ବିୟର**







ନୂଆବର୍ଷରେ ସଜେଇ ହୋଇଛି ଦୁବାଇର ବୁର୍ଜ ଖଲିଫା

## ନୂଆବର୍ଷ ପାଇଁ ଟାଇମ୍ସ ସ୍କୋୟାରରେ ୧୦ ଲକ୍ଷ ଲୋକ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଭାରତ ସମେତ ବିଶ୍ୱବ୍ୟାପୀ ନୂଆବର୍ଷ ୨୦୨୬ର ଜବରଦସ୍ତ ସ୍ୱାଗତ କରାଯାଇଛି। ରାଜଧାନୀ ଦିଲ୍ଲୀର ଇଣ୍ଡିଆ ଗେଟ୍‌ରେ ଲୋକମାନେ ଅବଗଣନା ସହିତ ନୂଆବର୍ଷକୁ ଜୋରଦାର ସ୍ୱାଗତ କରିଥିଲେ। ସେହିପରି ଜମ୍ମୁ-କଶ୍ମୀରରେ ପ୍ରବଳ ତୁଷାରପାତ ଚାଲିଥିବା ବେଳେ ଲୋକେ ନୂଆବର୍ଷକୁ ସ୍ୱାଗତ କରିବାକୁ ଭୁଲି ନଥିଲେ। ନ୍ୟୁଜିଲାଣ୍ଡରେ ପ୍ରଥମେ ୨୦୨୬ ଆରମ୍ଭ ହୋଇଥିଲା। ଅକଲାଣ୍ଡର ସ୍କାଏ ଟାୱାରରେ ଜବରଦସ୍ତ ଆତସବାଜି ପ୍ରଦର୍ଶନ ହୋଇଥିଲା। ସେହିପରି ଜାପାନ, ଚୀନ୍, ସିଙ୍ଗାପୁର, ୟୁଏଇ, ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ମଧ୍ୟ ପାରମ୍ପରିକ କାର୍ଯ୍ୟକ୍ରମ ଓ ଆତସବାଜି ସହିତ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ଭିନ୍ନ ଭିନ୍ନ ଟାଇମ୍ ଜୋନ କାରଣରୁ ୨୯ଟି ଦେଶ ଭାରତଠାରୁ ଆଗୁଆ ନୂଆବର୍ଷ ପାଳନ କରିଥିଲେ। ଆମେରିକାର ନ୍ୟୁୟର୍କର ଟାଇମ୍ସ ସ୍କୋୟାରରେ ନୂଆବର୍ଷ ଉତ୍ସବ ପାଳନ କରିବାକୁ ପାଖାପାଖି ୧୦ ଲକ୍ଷ ଲୋକ ଏକାଠି ହୋଇଥିଲେ। ଲୋକଙ୍କ ଉପରେ ୧ ଟନ୍‌ରୁ ଅଧିକ ରଙ୍ଗୀନ କାଗଜ ବର୍ଷା କରାଯାଇଥିଲା। ଆମେରିକା ଏହି ବର୍ଷ ନିଜର ୨୫୦ ବର୍ଷ ପୂରଣ କରିବାକୁ ଯାଉଥିବାରୁ ନୂଆବର୍ଷ ପାଳନ ସ୍ୱତନ୍ତ୍ର ଥିଲା। ସେହିପରି ରାଜଧାନୀ ୱାସିଂଟନ ଡିସିରେ ମଧ୍ୟ ଜବରଦସ୍ତ ଆତସବାଜି ଦେଖିବାକୁ ମିଳିଥିଲା। ବ୍ରାଜିଲର ରିଓ ଡି ଜାନେରିଓରେ, ବ୍ରିଟେନ ରାଜଧାନୀ ଲଣ୍ଡନର ଥେମ୍ସ ନଦୀକୂଳରେ ରଙ୍ଗବେରଙ୍ଗ ଆତସବାଜି ଦେଖିବାକୁ ମିଳିଥିଲା। ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ର ଏଫିଲ ଟାୱାରରେ ସୁନ୍ଦର ଆତସବାଜି ସହ ନୂଆବର୍ଷକୁ ସ୍ୱାଗତ କରାଯାଇଥିଲା। ସେହିପରି ଜର୍ମାନୀ, ନେଦରଲାଣ୍ଡସ, ୟୁଏଇ, ଚୀନ୍, ସିଙ୍ଗାପୁର, ଦକ୍ଷିଣ କୋରିଆ, ଜାପାନ, ଅଷ୍ଟ୍ରେଲିଆର ପ୍ରାୟ ସବୁ ସହରରେ ଆତସବାଜି ସହ ନୂଆବର୍ଷ ପାଳନ କରାଯାଇଥିଲା। ତେବେ ନେଦରଲାଣ୍ଡସର ଆମଷ୍ଟରଡାମ୍‌ରେ ନୂଆବର୍ଷ ପାଳନ ଅବସରରେ ଐତିହାସିକ ଭୋଣ୍ଡେଲ ଚର୍ଚ୍ଚରେ ନୂଆବର୍ଷ ପାଳନ ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା।

# ନୂଆବର୍ଷରେ କାଶୀ, ବୃନ୍ଦାବନ, ଅଯୋଧ୍ୟାରେ ୧୦ ଲକ୍ଷ ଭକ୍ତ

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷକୁ ଭାରତରେ ପୂରା ଧୂମ୍‌ଧାମରେ ପାଳନ କରାଯିବା ସହ ସ୍ୱାଗତ କରାଯାଇଛି। ଏହି ଅବସରରେ ଦେଶବ୍ୟାପୀ ଧାର୍ମିକ ଓ ପର୍ଯ୍ୟଟନ ସ୍ଥଳୀଗୁଡିକରେ ଲୋକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। କାଶୀ, ବୃନ୍ଦାବନ ଓ ଅଯୋଧ୍ୟାରେ ୧୦ ଲକ୍ଷ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରିଛନ୍ତି। ଅଯୋଧ୍ୟାରେ ସଂଧ୍ୟା ସୁଦ୍ଧା ୫ ଲକ୍ଷରୁ ଅଧିକ ଲୋକ ରାମଲାଲାଙ୍କ ଦର୍ଶନ କରିଥିଲେ। ତଥାପି ଭିଡ଼ ବଢ଼ିବାରେ ଲାଗିଛି।

ସେହିଭଳି ମଥୁରାରେ ବାଙ୍କେ ବିହାରୀ ମନ୍ଦିର ଭକ୍ତଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି ଓ ଅପରାହ୍ଣ ୧୨ଟା ସୁଦ୍ଧା ଦେଢ ଲକ୍ଷରୁ ଅଧିକ ଲୋକ ମନ୍ଦିରରେ ଦର୍ଶନ କରିଥିଲେ। ତେବେ ଅତ୍ୟଧିକ ଭିଡ଼ ଯୋଗୁଁ ଭକ୍ତ ପଞ୍ଜୀକରଣ ବନ୍ଦ ରଖାଯାଇଛି। ଜାନୁଆରୀ ୫ ପର୍ଯ୍ୟନ୍ତ ନଆସିବାକୁ ମନ୍ଦିର ପ୍ରଶାସନ ଲୋକଙ୍କୁ ନିବେଦନ କରିଛି। ସେହିପରି ଉଜ୍ଜୟିନୀ ମହାକାଳ ମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଭାରତୀୟ ମହିଳା କ୍ରିକେଟ ଦଳର ଉପ-ଅଧିନାୟିକା ସ୍ମୃତି ମନ୍ଧାନା ଓ ଦଳର କିଛି ସଦସ୍ୟା ମଧ୍ୟ ଦର୍ଶନ କରିଛନ୍ତି। ଜମ୍ମୁ-କଶ୍ମୀର ବୈଷ୍ଣୋଦେବୀ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। ବିଶୃଙ୍ଖଳା ଏଡାଇବା ପାଇଁ ବୈଷ୍ଣୋଦେବୀ ମନ୍ଦୀର ବୋର୍ଡ ପଞ୍ଜୀକରଣକୁ ସ୍ଥଗିତ ରଖିଛି।

- ■ ରାମଲାଲାଙ୍କ ଦର୍ଶନ କଲେ ୫ ଲକ୍ଷ ଶ୍ରଦ୍ଧାଳୁ
- ■ ବୈଷ୍ଣୋଦେବୀ ମନ୍ଦିରରେ ଅସମ୍ଭାଳ ଭିଡ଼
- ■ ମହାକାଳ ମନ୍ଦିରରେ ୧ ଲକ୍ଷ ଭକ୍ତ ସମାଗମ



# ୨୦୨୭ରେ ଦେଶରେ ଗଡ଼ିବ ପ୍ରଥମ ବୁଲେଟ୍ ଟ୍ରେନ୍

ନୂଆଦିଲ୍ଲୀ, ୧।୧(ଏଜେନ୍ସି): ଆସନ୍ତାବର୍ଷ ୨୦୨୭ ଅଗଷ୍ଟ ୧୫ରେ ଦେଶରେ ପ୍ରଥମଥର ପାଇଁ ବୁଲେଟ ଟ୍ରେନ ଚାଲିବ। ଏହି ସୂଚନା ଦେଇଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ। ସେ କହିଛନ୍ତି ।।ଯେ ବୁଲେଟ ଟ୍ରେନ୍ ପ୍ରଥମେ ସୁରତରୁ ବିଲିମୋରା ପର୍ଯ୍ୟନ୍ତ ଚାଲିବ। ଏହାପରେ ଭାପିରୁ ସୁରତ ସେକ୍ସନ ଖୋଲିବ, ତା'ପରେ ଭାପିରରୁ ଅହମଦାବାଦ ଓ ଥାନେରୁ ଅହମଦାବାଦ ସେକ୍ସନ ଖୋଲିବ। ଏହାପରେ ଅହମ୍ମଦାବାଦରୁ ମୁମ୍ବାଇ ମଧ୍ୟରେ ଚଳାଚଳ କରିବ। ନୂଆପିଢ଼ିର ଟ୍ରେନ୍ ପାଇଁ ବହୁ ଦିନରୁ ଦାବି ହୋଇଆସୁଥିବାରୁ ଏହା ଭାରତବାସୀଙ୍କ ଅନେକ ବର୍ଷର ସ୍ୱପ୍ନକୁ ପୂରଣ କରିବ। ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ବୁଲେଟ ଟ୍ରେନର ନିର୍ମାଣ କରାଯାଉଛି। ଏହା ଦେଶର ରେଳ ଭିତ୍ତିଭୂମିକୁ ମଜବୁତ କରିବା ସହିତ ଏହାକୁ ବିଶ୍ୱସ୍ତରୀୟ କରାଯିବ ବୋଲି ସେ କହିଛନ୍ତି।

ରେଳ ମନ୍ତ୍ରୀ ଆହୁରି କହିଛନ୍ତି ଯେ ଗୌହାଟୀରୁ କୋଲକାତା ମଧ୍ୟରେ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ଚାଲିବ।। ଏହି ଟ୍ରେନ୍‌ର ତୃତୀୟ ଏସିର ଭଡ଼ା ୨୩୦୦ ଟଙ୍କା, ଦ୍ୱିତୀୟ ଏସିର ଭଡ଼ା ୩ ୦୦୦ ଓ ପ୍ରଥମ ଏସି ଭଡ଼ା ୩୬୦୦ ଟଙ୍କା ସ୍ଥିର କରାଯାଇଛି। ବୈଷ୍ଣବ କହିଛନ୍ତି ଯେ, ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ର ଟ୍ରାଏଲ, ଟେଷ୍ଟିଂ ଓ ସାର୍ଟିଫିକସନ ସମାପ୍ତ ହୋଇଛି।



ସ୍ଲିପର ଟ୍ରେନ୍‌କୁ ୧, ୦୦୦ କିମିରୁ ଅଧିକ ଦୂରତା ପାଇଁ ଡିଜାଇନ୍ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖୁବଶୀଘ୍ର ଏହି ଟ୍ରେନ୍‌କୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ବୋଲି ବୈଷ୍ଣବ କହିଛନ୍ତି। ଏହି ବର୍ଷ ଶେଷସୁଦ୍ଧା ୧୨ଟି ବନ୍ଦେ ଭାରତ ସ୍ଲିପର ଟ୍ରେନ୍ ପ୍ରସ୍ତୁତ ହେବ। ଦୁଇ ଦିନ ପୂର୍ବରୁ ଟ୍ରେନ୍‌ର ପରୀକ୍ଷଣ କରାଯାଇଥିଲା। ଏହି ଟ୍ରେନ୍ କୋଟା- ନାଗରା ରେଳ ଟ୍ରାକ୍‌ରେ ଘଣ୍ଟାପ୍ରତି ୧୮୦ କିମି ବେଗରେ ଚାଲିଥିଲା।

ବନ୍ଦେ ଭାରତ ଚେୟାର କାର୍ ଭାରତୀୟ ରେଳବାଇ ପାଇଁ ନୂତନ ଯୁଗ ଆରମ୍ଭ କରିଛି। ଲୋକେ ଏହାକୁ ବହୁତ ପସନ୍ଦ କରିଛନ୍ତି। ଦେଶରୁ ପ୍ରତ୍ୟେକ କୋଣରୁ ବନ୍ଦେ ଭାରତ ଟ୍ରେନ୍ ପାଇଁ ଦାବି ହେଉଛି ବୋଲି ସେ କହିଛନ୍ତି। ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟ, ଉତ୍କୃଷ୍ଟ ସସପେନସନ ସିଷ୍ଟମ ଓ ବିଶ୍ୱସ୍ତରୀୟ ସ୍ଲିପର କୋଚ୍ ରହିଛି। ଗୌହାଟୀରୁ ହାଓଡା ରୁଟ୍‌ରେ ବିମାନ ଭଡ଼ା ୬ରୁ ୮ ହଜାର ଟଙ୍କା ରହିଛି। କେତେକ ସମୟରେ ଏହା ୧୦ ହଜାର ଟଙ୍କାରେ ପହଞ୍ଚିଥାଏ। କିନ୍ତୁ ବନ୍ଦେ ଭାରତ ସ୍ଲିପର ଟ୍ରେନ୍‌ରେ ଗୌହାଟୀରୁ ହାଓଡା ଯିବା ପାଇଁ ମାତ୍ର ୨ ୩୦୦ ଟଙ୍କା ଭଡ଼ା ପଡ଼ିବ।

**ଗୌହାଟୀରୁ କୋଲକାତା ଚାଲିବ ପ୍ରଥମ ବନ୍ଦେ ଭାରତ ସ୍ଲିପର ଟ୍ରେନ୍**

# ଭାରତ-ପାକିସ୍ତାନ ପରସ୍ପରକୁ ଦେଲେ ପରମାଣୁ ସୂଚନା



ନୂଆଦିଲ୍ଲୀ, ୧।୧(ଏଜେନ୍ସି): ନୂଆବର୍ଷର ପ୍ରଥମ ଦିନରେ ଅର୍ଥାତ ଗୁରୁବାର ଭାରତ ଓ ପାକିସ୍ତାନ ପରସ୍ପରକୁ ନିଜ ନିଜର ପରାମାଣୁ ପ୍ରତିଷ୍ଠାନ ସମ୍ପର୍କରେ ତଥ୍ୟ ପ୍ରଦାନ କରିଛନ୍ତି। ଏହି ପ୍ରତିଷ୍ଠାନରେ ଦୁଇ ଦେଶ ସେମାନଙ୍କ ପରମାଣୁ ଅସ୍ତ୍ର ରଖିଥାନ୍ତି। ଏହି ପ୍ରକ୍ରିୟା ତଥା ପରମ୍ପରାଗତ ୩୫ ବର୍ଷ ହେବ ଚାଲିଆସୁଛି। ଦୁଇ ଦେଶ ନୂଆଦିଲ୍ଲୀ ଓ ଇସଲାମାବାଦ୍ ସ୍ଥିତ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ଏହି ତାଲିକା ଆଦାନପ୍ରଦାନ କରିଛନ୍ତି। ୧୯୮୮ ଡିସେମ୍ବର ୩୧ରେ ଦୁଇ ଦେଶ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଏଥିରେ ଦୁଇଦେଶ ପରସ୍ପରର ପରମାଣୁ ଠିକଣା, ଭିତ୍ତିଭୂମୀ ଉପରେ ଆକ୍ରମଣ ନ କରିବା ନେଇ ଉଲ୍ଲେଖ ରହିଛି। ଏହି ଚୁକ୍ତି ୧୯୯୧ ଜାନୁଆରୀ ୨୭ରେ ଲାଗୁ ହୋଇଥିଲା। ଏହା ଅନୁସାରେ ଦୁଇଦେଶ ପ୍ରତ୍ୟେକ କ୍ୟାଲେଣ୍ଡର ବର୍ଷ ଜାନୁଆରୀ ୧ରେ ପରସ୍ପରକୁ ନିଜର ପରମାଣୁ ଠିକଣା ସମ୍ପର୍କରେ ଅବଗତ କରାଇଥାନ୍ତି। ୧୯୯୨ ଜାନୁଆରୀ ୧ରେ ପ୍ରଥମଥର ପାଇଁ ଏହି ତାଲିକା ବିନିମୟ କରାଯାଇଥିଲା। ଭାରତ ପାଖରେ ୧୮୦ ଓ ପାକିସ୍ତାନ ପାଖରେ ୧୭୦ଟି ପରମାଣୁ ବୋମା ରହିଛି ବୋଲି ଷ୍ଟକହାମ ଇଣ୍ଟରନ୍ୟାସନାଲ ପିସ୍ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ (ଏସ୍‌ଆଇପିଆର୍‌ଆଇ) ତରଫରୁ କୁହାଯାଇଛି।

**୩୫ ବର୍ଷ ଧରି ଚାଲିଆସୁଛି ଏହି ପରମ୍ପରା**

### ହାଦି ହତ୍ୟା ଅଭିଯୁକ୍ତର ସୂଚନା

## 'ଭାରତ ନୁହେଁ; ମୁଁ ଦୁବାଇରେ ଅଛି'

ଢାକା, ୧।୧(ଏଜେନ୍ସି): ଉସମାନ ହାଦି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଫୈଜଲ କରିମ ମାସୁଦ ତାଙ୍କ ବିରୋଧରେ ହୋଇଥିବା ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ମାସୁଦ ଏକ ଭିଡିଓ ଜାରିକରି କହିଛନ୍ତି ଯେ, ମୁଁ ବାଂଲାଦେଶୀ ନୁହେଁ। ମୋତେ ଓ ମୋ ପରିବାରକୁ ଅଯଥାରେ ଫସାଇ ଦିଆଯାଇଛି। ହାଦି ଜମାତର ଏକ ଅଂଶ। ଜମାତର ସଦସ୍ୟମାନେ ତାଙ୍କୁ ମାରି ଥାଇପାରନ୍ତି। ହାଦିଙ୍କ ସହିତ ତାଙ୍କର କାରବାର କେବଳ ବ୍ୟବସାୟ ଓ ରାଜନୈତିକ ପାଣ୍ଠି ସହିତ ଜଡିତ ଥିଲା। ହତ୍ୟା ପରେ ଭାରତ ପଳାଇ ଆସିଥିବା ଖବରକୁ ଫୈଜଲ ପ୍ରତ୍ୟାଖାନ କରିଛନ୍ତି। ବର୍ତ୍ତମାନ ଦୁବାଇରେ ଅଛି ଓ ମୋତେ ରାଜନୈତିକ ଷଡ଼ଯନ୍ତ୍ରରେ ଫସାଯାଉଛି ବୋଲି ଫୈଜଲ କହିଛନ୍ତି। ଅନ୍ୟପଟେ ହାଦିଙ୍କ ମୃତ୍ୟୁ ସମ୍ପର୍କରେ ବାଂଲାଦେଶ ପୁଲିସ କହିଛି ଯେ, ଫୈଜଲ ଓ ତାଙ୍କ ସହଯୋଗୀ ଆଲମଗିରି ଶେଖ ସହ ମିଶି ଡିସେମ୍ବର ୧୨ରେ ହାଦିଙ୍କୁ ଗୁଳି କରି ହତ୍ୟା କରିଥିଲେ। ଏହାପରେ ଦୁହେଁ ହାଲୁଆଘାଟ ସୀମା ଦେଇ ଭାରତ ପଳାଇଯାଇଥିଲେ।

## କାମ୍ବୋଡିଆ ସୈନ୍ୟଙ୍କୁ ଛାଡ଼ିଲା ଥାଇଲାଣ୍ଡ

ବ୍ୟାଙ୍କକ୍, ୧।୧(ଏଜେନ୍ସି): ଥାଇଲାଣ୍ଡ ବୁଧବାର ୧୮ ଜଣ କାମ୍ବୋଡିଆ ସୈନ୍ୟଙ୍କୁ ମୁକ୍ତ କରିଛି। ଏହି ସୈନ୍ୟମାନେ ଗତ ଜୁଲାଇରୁ ଥାଇଲାଣ୍ଡ ଦ୍ୱାର ବନ୍ଦୀ ହୋଇ ରହିଥିଲେ। ଗତ ସପ୍ତାହରେ ଦୁଇ ଦେଶ ମଧ୍ୟରେ ସୀମା ବିବାଦର ଅନ୍ତ ପାଇଁ ନବୀକରଣ ହୋଇଥିବା ଅସ୍ତ୍ରବିରତି ଚୁକ୍ତି ଅନୁସାରେ ଏହି ସୈନ୍ୟଙ୍କୁ ମୁକ୍ତ କରାଯାଇଛି। ଏହି ଅସ୍ତ୍ରବିରତି ଶନିବାର ମଧ୍ୟାହ୍ନରୁ ଲାଗୁ ହୋଇଥିଲା। ୨୦ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ୧୦୧ ଜଣ ଲୋକ ମୃତ୍ୟୁବରଣ କରିଥିଲେ ଓ ଦୁଇ ଦେଶର ମୋଟ ୫ ଲକ୍ଷ ଲୋକ ସ୍ଥାନାନ୍ତର ହୋଇଥିଲେ। ଏହି ଯୁଦ୍ଧରେ ଲଢୁଆ ଯୁଦ୍ଧ ବିମାନ, ରକେଟ ଗୁଳି ବିନିମୟ ଓ ତୋପ ମାଡ଼ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ଗତ ମଙ୍ଗଳବାର ଏହି ସୈନିକଙ୍କୁ ଫେରାଯିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଅସ୍ତ୍ରବିରତି ଉଲ୍ଲଂଘନ ପାଇଁ ଥାଇଲାଣ୍ଡ ଏହି ପ୍ରକ୍ରିୟାକୁ ବିଳମ୍ବିତ କରିଥିଲା। ଅବଶ୍ୟ ଏହାକୁ କାମ୍ବୋଡିଆ ଅସ୍ୱୀକାର କରିଥିଲା।

## ପାକିସ୍ତାନରେ ସଡ଼କ ଦୁର୍ଘଟଣାରେ ୧୫ ମୃତ

ଲାହୋର, ୧।୧(ଏଜେନ୍ସି): ପାକିସ୍ତାନର ପଞ୍ଜାବ ରାଜ୍ୟରେ ଏକ ସଡ଼କ ଦୁର୍ଘଟଣାରେ ୧୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଖେଳାଳିମାନେ ମଧ୍ୟ ସାମିଲ ରହିଛନ୍ତି। ଲାହୋରଠାରୁ ୨୦୦ କିମି ଦୂରରେ ଥିବା ଆଣ୍ଡା ଫକୀର ଦି କୁଲି ଅଞ୍ଚଳରେ ଏହି ଦୁର୍ଘଟଣା ବୁଧବାର ଘଟିଥିଲା। ଏକ ବସ୍ ଓ ଭ୍ୟାନ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଏହି ମାମଲାର ଯାଞ୍ଚ୍ କରୁଛି।

## ପୁଣେରେ ଶିବସେନା ପ୍ରାର୍ଥୀ ନିଜ ଦଳର ପ୍ରାର୍ଥୀଙ୍କ ଏ-ବି ଫର୍ମ ଗିଳିଦେଲେ

ମୁମ୍ବଇ, ୧।୧(ଏଜେନ୍ସି): ମହାରାଷ୍ଟ୍ରରେ ଏବେ ମହାନଗର ନିଗମ ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ପୁଣେରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଶିବସେନାର ଜଣେ ପ୍ରାର୍ଥୀ ଉଦ୍ଧବ କାମ୍ବଲେ ନିଜ ଦଳର ଅନ୍ୟ ଜଣେ ପ୍ରାର୍ଥୀଙ୍କ ଏ-ବି ଫର୍ମ ଚିରିବା ସହ ଗିଳି ଦେଇଛନ୍ତି। ଏବେ ଏହି ଘଟଣାକୁ ନେଇ ଚର୍ଚ୍ଚା ଚାଲିଛି। ବୁଧବାର ଧନକାୱାଡି ସାହାକରନଗର ୱାର୍ଡ କାର୍ଯ୍ୟାଳୟରେ ଏହି ଘଟଣା ଘଟିଛି। ଏହା ପରେ ଉଦ୍ଧବଙ୍କ ବିରୋଧରେ ଭାରତୀ ବିଦ୍ୟାପୀଠ ଥାନାରେ ଅଭିଯୋଗ କରାଯାଇଛି। ଶିବସେନାରେ ଏହି ଦୁଇ ପ୍ରାର୍ଥୀଙ୍କୁ ନିଜ ପାର୍ଟି ତରଫରୁ ଏ-ବି ଫର୍ମ ଦିଆଯାଇଥିଲା। ଏହାପରେ ଦୁଇଜଣ ପ୍ରାର୍ଥୀ କାମ୍ବଲେ ଓ ମଚିନ୍ଦ୍ର ଧୱାଲେଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା। ପୁଲିସ କହିବା ଅନୁସାରେ ଯୁକ୍ତିତର୍କ ପରେ କାମ୍ବଲେ ଧୱାଲେଙ୍କ ଏ-ବି ଫର୍ମକୁ ଚିରିବା ସହ ଗିଳି ଦେଇଥିଲେ। କାମ୍ବଲେଙ୍କୁ ଅଟକ ରଖାଯିବା ସହ ପଚରା ଉଚରା କରାଯାଉଛି ଓ ଏ ନେଇ ଏକ ମାମଲା ରୁଜୁ କରାଯାଇଛି। ଉଲ୍ଲେଖଥାଉ କି, ଏ-ବି ଫର୍ମ ନିର୍ବାଚନରେ ଏକ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଫର୍ମ ଭାବେ ବିଚାର କରାଯାଏ। ଏହାଦ୍ୱାରା ଏକ ଦଳ ତା'ର ପ୍ରାର୍ଥୀଙ୍କୁ ନିର୍ବାଚନରେ ଅବତୀର୍ଣ୍ଣ ହେବା ପାଇଁ ସୁଯୋଗ ଦେଇଥାଏ ଓ ଦଳ ସମ୍ପୃକ୍ତ ବ୍ୟକ୍ତିଙ୍କୁ ନିଜର ପ୍ରାର୍ଥୀ ବୋଲି ଆନୁଷ୍ଠାନିକ ଭାବେ ଘୋଷଣା କରିଥାଏ। ଜାନୁଆରୀ ୧୫ରେ ମୁମ୍ବଇ ସମେତ ମହାରାଷ୍ଟ୍ରର ୨୯ଟି ମହାନଗର ନିଗମରେ ନିର୍ବାଚନ ହେବ।

**ନ୍ୟୁୟର୍କ ସିଟିର ପ୍ରଥମ ମୁସ୍‌ଲିମ ମେୟର**

# କୋରାନ୍ ଛୁଇଁ ଶପଥ ନେଲେ ମମ୍‌ଦାନୀ

ନ୍ୟୁୟର୍କ, ୧।୧(ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଜୋହରାନ ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସ୍‌ଲିମ ମେୟର ହେବାର ସୌଭାଗ୍ୟ ଲାଭ କରିଛନ୍ତି। ସେ ଗୁରୁବାର କୋରାନ ହାତରେ ରଖି ଶପଥ ଗ୍ରହଣ କରିଛନ୍ତି। ନ୍ୟୁୟର୍କ ଇତିହାସରେ ପ୍ରଥମଥର ପାଇଁ ଏପରି ହୋଇଛି। ଏପର୍ଯ୍ୟନ୍ତ ନ୍ୟୁୟର୍କ ସିଟିର ଅଧିକାଂଶ ମେୟର ହାତରେ ବାଇବେଲ୍ ଧରି ଶପଥ ଗ୍ରହଣ କରିଆସିଥିଲେ। ତେବେ ଆମେରିକାର ସମ୍ବିଧାନ ଅନୁସାରେ ଶପଥ ଗ୍ରହଣ ପାଇଁ କୌଣସି ଧାର୍ମିକ ପୁସ୍ତକ ଧରିବା ବାଧ୍ୟତାମୂଳକ ନୁହେଁ। ୩୪ ବର୍ଷୀୟ ଡେମୋକ୍ରାଟ୍ ନେତା ମମ୍‌ଦାନୀ ନ୍ୟୁୟର୍କ ସହରର ପ୍ରଥମ ମୁସଲମାନ ଓ ପ୍ରଥମ ଦକ୍ଷିଣ ଏସୀୟ ଓ ପ୍ରଥମ ଆଫ୍ରିକୀୟ ଜନ୍ମିତ ମେୟର। ନ୍ୟୁୟର୍କ ସହରର ସିଟି ହଲ୍ ତଳେ ଏକ ବନ୍ଦ ମେଟ୍ରୋ ଷ୍ଟେସନରେ ମମ୍‌ଦାନୀ ଶପଥ ଗ୍ରହଣ କରିଥିଲେ। ଏହା ଏକ ବ୍ୟକ୍ତିଗତ ସମାରୋହ ଥିଲା ଏଥିରେ ମମ୍‌ଦାନୀଙ୍କର ପରିବାର ସଦସ୍ୟ ଯୋଗ ଦେଇଥିଲେ। ଏହାପରେ ଅପରାହ୍ଣରେ ଏକ ସାର୍ବଜନୀନ ଶପଥ ଗ୍ରହଣ ଉତ୍ସବ ଆୟୋଜନ ହୋଇଥିଲା। ମମ୍‌ଦାନୀ ଦୁଇଟି କୋରାନ ଉପରେ ହାତ ରଖି ଶପଥ ଗ୍ରହଣ କରିଥିଲେ। ଏହି ଦୁଇଟି କୋରାନ ମଧ୍ୟରୁ ଗୋଟିଏ ତାଙ୍କ ଜେଜେବାପାଙ୍କର ଥିଲା ଓ ଅନ୍ୟଟି ଏକ ଛୋଟ ପକେଟ ଆକାରର କୋରାନ ଥିଲା। ପକେଟ ଆକାରର କୋରାନ ୧୮ତମ ଶତାବ୍ଦୀର ଶେଷ କିମ୍ବା ୧୯ଶ ଶତାବ୍ଦୀ ପ୍ରାରମ୍ଭର ବୋଲି କୁହାଯାଇଛି। ଏହା ନ୍ୟୁୟର୍କ ପବ୍ଲିକ ଲାଇବ୍ରେରୀ ସ୍କୋମବର୍ଗ ସେଣ୍ଟର ଫର ରିସର୍ଚ୍ଚ ଇନ୍ ବ୍ଲାକ କଲଚର ସଂଗ୍ରହର ଏକ ଅଂଶ ବୋଲି କୁହାଯାଇଛି।



ଉଲ୍ଲେଖଥାଉ କି, ମମ୍‌ଦାନୀ ନଭେମ୍ବର ୪ରେ ନ୍ୟୁୟର୍କ ସିଟି ମେୟର ନିର୍ବାଚନରେ ବିଜୟ ଲାଭ କରି ଇତିହାସ ସୃଷ୍ଟି କରିଥିଲେ। ଗତ ୧୦୦ ବର୍ଷର ଇତିହାସରେ ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଓ ପ୍ରଥମ ମୁସ୍‌ଲିମ ମେୟର ଭାବେ ନିର୍ବାଚିତ ହୋଇ ସାରା ବିଶ୍ୱରେ ଚର୍ଚ୍ଚା ସୃଷ୍ଟି କରିଥିଲେ। ମମ୍‌ଦାନୀ ଭାରତୀୟ ମହିଳା ଫିଲ୍ମ ନିର୍ଦ୍ଦେଶିକା ମୀରା ନାଏରଙ୍କ ପୁଅ। ତାଙ୍କ ପିତା ହେଉଛନ୍ତି ଜଣେ ଭରାତୀୟ- ଉଗାଣ୍ଡା ଶିକ୍ଷାବିତ ଓ ରାଜନୈତକ ସମାଲୋଚକ। ସେ କଲମ୍ବିଆ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନ ଓ ଆଫ୍ରିକୀୟ ଅଧ୍ୟୟନର ପ୍ରଫେସର।

# ଇନ୍ଦୋରରେ ଦୂଷିତ ପାଣି ନେଲାଣି ୧୪ ଜୀବନ

ଇନ୍ଦୋର, ୧।୧(ଏଜେନ୍ସି): ଦେଶର ସବୁଠାରୁ ସ୍ୱଚ୍ଛ ସହର ରୂପେ ପରିଚିତ ମଧ୍ୟପ୍ରଦେଶର ଇନ୍ଦୋରର ଭାଗୀରଥପୁରାରେ ଦୂଷିତ ପାଣି ପିଇ ୧୪ ଜଣ ଲୋକ ପ୍ରାଣ ହରାଇଲେଣି। ୧୪୦୦ରୁ ଅଧିକ ଲୋକ ମଧ୍ୟ ସଂକ୍ରମିତ ହେଲେଣି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆତଙ୍କଜନିତ ପରିସ୍ଥିତି ସୃଷ୍ଟି ହୋଇଛି। ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ନେ୍କ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ସଂକ୍ରମଣ ବ୍ୟାପିବାରେ ଲାଗିଛି। ଦୂଷିତ ପାଣି ପିଇ ୧୪୦୦ ଲୋକ ସଂକ୍ରମିତ ହୋଇଛନ୍ତି ବୋଲି ଜଣାପଡ଼ିଛି। ୧୬୨ଜଣ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ୨୭ଟି ସରକାରୀ ଓ ଘରୋଇ ହସ୍ପିଟାଲରେ ପୀଡିତଙ୍କ ଚିକିତ୍ସା କରାଯାଉଛି। ସୂଚନାଯୋଗ୍ୟ ଯେ ଖରଗୋନ ଜିଲ୍ଲାର ଜାଲୁଡ୍‌ରୁ ନର୍ମଦା ନଦୀର



ପାଣି ଇନ୍ଦୋରରେ ବ୍ୟବହାର କରାଯାଇଥାଏ।

ଇନ୍ଦୋର ମ୍ୟୁନିସପାଲ କର୍ପୋରେସନ (ଆଇଏମ୍‌ସି) କମିସନର ଦିଲୀପ କୁମାର ଯାଦବ କହିଛନ୍ତି ଯେ, ମୁଖ୍ୟ ଜଳ ଯୋଗାଣରେ ଏକ ଲିକେଜ୍ ଚିହ୍ନଟ ହୋଇଛି। ଭାଗିରଥୀପୁରାରେ ପାଇପଲାଇନ୍ ଉପରେ ଏକ ଶୌଚାଳୟ ନିର୍ମାଣ କରାଯାଇଥିଲା। ଏହା ପାନୀୟ ଜଳକୁ ପ୍ରଦୂଷଣ କରିଥାଇ ପାରେ ବୋଲି ସନ୍ଦେହ କରାଯାଉଛି। ଆଇଏମ୍‌ସି ଏବେ ପାଣି ପାଇପ ଲାଇନକୁ ଫ୍ଲସ କରୁଛି। ଶୁକ୍ରବାର ପର୍ଯ୍ୟନ୍ତ ଟ୍ୟାପ ପାଣି ବ୍ୟବହାର ନ କରିବାକୁ ସମସ୍ତଙ୍କୁ କୁହାଯାଇଛି। ଏ ସଂକ୍ରାନ୍ତରେ ମଧ୍ୟପ୍ରଦେଶ ହାଇକୋର୍ଟର ଇନ୍ଦୋର ବେଞ୍ଚ୍ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ରାଜ୍ୟ ସରକାରଙ୍କୁ ଯଥାଶୀଘ୍ର ସ୍ୱଚ୍ଛ ଜଳ ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଣି ଦୂଷିତ ପାଣି ପାନ କରି ବାନ୍ତି, ଝାଡାରେ ପୀଡିତ ହୋଇଥିବା ସଂକ୍ରମିତ ପୀଡିତଙ୍କୁ ମାଗଣାରେ ଚିକିତ୍ସା ଯୋଗାଇ ଦେବାକୁ କହିଛନ୍ତି। ଶୁକ୍ରବାର ସୁଦ୍ଧା ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ରିପୋର୍ଟରେ ପ୍ରଭାବିତ ଲୋକଙ୍କ ସଂଖ୍ୟା, ହସ୍ପିଟାଲରେ ଭର୍ତ୍ତି ହୋଇଥିବା ପୀଡିତଙ୍କ ସଂଖ୍ୟା ଓ ଯୋଗାଇ ଦିଆଯାଇଥିବା ଚିକିତ୍ସା ସେବା ଅନ୍ତର୍ଭୁକ୍ତ। ଇତିମଧ୍ୟରେ ଆଜି ସକାଳେ ବିଭାଗୀୟ ମନ୍ତ୍ରୀ କୈଳାଶ ବିଜୟବର୍ଗୀୟ ଭାଗୀରଥପୁରା ଅଞ୍ଚଳରେ ପହଞ୍ଚି ୭ଜଣ ମୃତକଙ୍କ ପରିବାରକୁ ୨-୨ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ପରିବାର ଲୋକେ ମନ୍ତ୍ରୀଙ୍କ ଉପସ୍ଥିତିରେ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ ଓ ଚେକ୍ ଆବଶ୍ୟକ ନାହିଁ ବୋଲି କହିଥିଲେ।

**୧୪୦୦ ଲୋକ ସଂକ୍ରମିତ**





# ନୂଆବର୍ଷରେ ଶ୍ରୀକ୍ଷେତ୍ର ଲୋକାରଣ୍ୟ

■ ମହାପ୍ରଭୁଙ୍କ ଆଶିଷ ନେଇ ବର୍ଷ ଆରମ୍ଭ କଲେ
■ ସଅଳ ନୀତିକାନ୍ତି, ଶୀଘ୍ର ବାହାରିଲା ମହାପ୍ରସାଦ
■ ବଡ଼ଦେଉଳ, ବଡ଼ଦାଣ୍ଡ ଓ ବେଳାଭୂମି ସବୁଠି ଗହଳି

ପୁରୀ,୧।୧(ସମିସ): ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ସୁଖ, ଶାନ୍ତି ଓ ସମୃଦ୍ଧି ଭରି ଦେଉ। ପ୍ରତ୍ୟେକଙ୍କ ପାଇଁ ନୂଆ ଆଶା ଓ ସମ୍ଭାବନା ଆଣୁ। ବର୍ଷ ୨୦୨୬ର ପ୍ରଥମ ଦିନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ଏମିତି କୃପାଭିକ୍ଷା କରି କୃତାର୍ଥ ହୋଇଛନ୍ତି ଲକ୍ଷାଧିକ ଶ୍ରଦ୍ଧାଳୁ। ନୂଆବର୍ଷ ପାଇଁ ଗୁରୁବାର ଶ୍ରୀକ୍ଷେତ୍ର ପାଲଟିଥିଲା ଜନସମୁଦ୍ର। ଜୟ ଜଗନ୍ନାଥ ଧ୍ୱନିରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ବଡ଼ଦାଣ୍ଡ ହେଉ କି ବଡ଼ଦେଉଳ ଅବା ବେଳାଭୂମି ସବୁଠି ଭକ୍ତ ଓ ପର୍ଯ୍ୟଟକଙ୍କ ଗହଳି ଦେଖିବାକୁ ମିଳିଥିଲା। ବୁଧବାର ରାତିରୁ ଗୁରୁବାର ଦିନତମାମ୍ ଭକ୍ତଙ୍କ ଗହଳିରେ ଉଚ୍ଛୁଳି ପଡୁଥିଲା ବଡ଼ଦାଣ୍ଡ। ଚଳଚଞ୍ଚଳ ହୋଇପଡିଥିଲା ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର ପୁରୀ। ମହାପ୍ରଭୁଙ୍କ ଦର୍ଶନ ପାଇଁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଲମ୍ୱି ଯାଇଥିଲା ଧାଡି। ଅନୁକୂଳ ପାଗ ସାଙ୍ଗକୁ ବର୍ଷର ପ୍ରଥମ ଦିନରେ ବିଶ୍ୱନିୟନ୍ତାଙ୍କ ଦର୍ଶନ ନିମନ୍ତେ ଶ୍ରୀକ୍ଷେତ୍ରରେ ପ୍ରାୟ ୪ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା। ବେଳାଭୂମିରେ ପହିଲି ସୂର୍ଯ୍ୟ ଏବଂ ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ନୂଆବର୍ଷ ଆରମ୍ଭ କରିଛନ୍ତି ଶ୍ରଦ୍ଧାଳୁ।


ଏଥର ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସବୁଠୁ ଅଧିକ ଗୁରୁତ୍ୱ ଦେଇଥିଲେ ସରକାର ଏବଂ ପ୍ରଶାସନ। ଭକ୍ତମାନେ କିପରି ଭଲ ଅନୁଭୂତି ନେଇ ଫେରିବେ ସେଥିଲାଗି ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ସଜାଗ ରହିଥିଲେ। ବୁଧବାର ରାତି ୧୦ଟା ୨୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ୩ ଘଣ୍ଟା ୩୦ ମିନିଟ୍ ଶୋଇଥିଲେ ଠାକୁର। ରାତି ୧ଟା ୫୫ରେ ଦ୍ୱାର ଫିଟି ଥିଲା। ୨ଟା ୪୦ରେ ମଙ୍ଗଳ ଆଳତି ହୋଇ ଗୁରୁବାର ସକାଳ ୬ଟା ସୁଦ୍ଧା ପହଲି ଭୋଗ ନୀତି ବଢିଥିଲା। ୭ଟା ୪୫ରେ ସକାଳ ଧୂପ, ପୂର୍ବାହ୍ନ ୧୦ଟା ୨୦ରେ ଭୋଗମଣ୍ଡପ ସରି ଧାର୍ଯ୍ୟ ସମୟ ପୂର୍ବରୁ ବାହାରିଥିଲା ମହାପ୍ରସାଦ। ମଧ୍ୟାହ୍ନ ୧୨ଟା ୫ରେ ମଧ୍ୟାହ୍ନ ଧୂପ ସରି ୧୨ଟା ୧୫ରେ ଦ୍ୱିତୀୟ ଭୋଗମଣ୍ଡପ ବଢିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇଥିଲା।

ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ବଗଲା ଧର୍ମଶାଳାଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ଶେଡ୍ କରାଯାଇଥିଲା। ଭକ୍ତଙ୍କ ପାଇଁ ପାନୀୟ ଜଳ ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା କରାଯାଇଥିଲା। ତେବେ ରାତି ୨ଟାରେ ଦ୍ୱାରଫିଟିବା ଲାଗି ଆପାତତଃ ସମୟ ଧାର୍ଯ୍ୟ ହୋଇଥିବା ବେଳେ ଦର୍ଶନ ପାଇଁ ବୁଧବାର ରାତି ୧୨ଟା ପୂର୍ବରୁ ଭକ୍ତମାନେ ଆସି ଧାଡିରେ ଠିଆ ହୋଇଥିଲେ। ଏପରି କି ରାତି ୨ଟା ବେଳକୁ ଧାଡି ମାର୍କେଟ ଛକ ଡେଇଁ ଯାଇଥିଲା। ୧ଟା ୫୫ରେ ଦ୍ୱାର ଫିଟିବା ପରେ ଭିତର ଶୋଧ ଓ ମଙ୍ଗଳ ଆଳତି ପରେ ଦର୍ଶନ ଆରମ୍ଭ ହୋଇଥିଲା। ଭକ୍ତମାନେ କେବଳ ସିଂହଦ୍ୱାର ଦେଇ ମନ୍ଦିରକୁ ପ୍ରବେଶ କରୁଥିଲେ। ବାଇଶି ପାହାଚ, କୀର୍ତ୍ତନ ଚକଡା, ସାତପାହଚ ଦେଇ ବାହାରକାଠରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢା ପରିସର ବିଭିନ୍ନ ମନ୍ଦିରକୁ ଯାଇ ଦର୍ଶନ କରି ଅନ୍ୟ ତିନିଦ୍ୱାର ଦେଇ ବାହାରକୁ ବାହାରୁଥିଲେ। ଶୃଙ୍ଖଳିତ ଦର୍ଶନ ପାଇଁ ବାହାରୁ ପୁଲିସ ମାନବ ଶୃଙ୍ଖଳ ସହ ଦଫା ଦଫା କରି ଭକ୍ତଙ୍କୁ ଭିତରକୁ ଛାଡୁଥିଲା। କିନ୍ତୁ ଭିଡ଼ ଅଧିକ ଥିବାରୁ ପୁଲିସ କର୍ମଚାରୀଙ୍କୁ ଗହଳି ନିୟନ୍ତ୍ରଣ ପାଇଁ ନାକେଦମ ହେବାକୁ ପଡିଥିଲା। ଭୋରୁ ଧାଡି ବଳଗଣ୍ଡି ପର୍ଯ୍ୟନ୍ତ ଲମ୍ୱି ଯାଇଥିଲା। ଦିବ୍ୟାଙ୍ଗ, ବରିଷ୍ଠ ନାଗରିକଙ୍କୁ ଦର୍ଶନରେ ପୁଲିସ ଏବଂ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ନୀତି ସଅଳ ସାଙ୍ଗକୁ ମହାପ୍ରସାଦ ଶୀଘ୍ର ବାହାରିଥିଲା। ଭକ୍ତମାନେ ଆନନ୍ଦରେ ମହାପ୍ରସାଦ ପାଇ ଖୁସି ହୋଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ଟ୍ରାଫିକ ନିୟନ୍ତ୍ରଣ ଲାଗି ୭୦ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

# ନୂଆବର୍ଷ ସକାଳକୁ ଗିଳିଦେଲା କୁହୁଡ଼ି

■ ପୂର୍ବାହ୍ନ ୧୦ଟା ଯାଏଁ ରାଜଧାନୀ ଅନ୍ଧାର
■ ଡିସେମ୍ବରରେ ସବୁଠୁ ଅଧିକ କୁହୁଡ଼ି
■ ଜାନୁଆରୀରେ ବି ଜାରି ରହିବ ଶୀତ

ଭୁବନେଶ୍ୱର,୧।୧(ସମିସ): ନୂଆବର୍ଷର ପ୍ରଥମ ଦିନ (ଗୁରୁବାର) ସକାଳକୁ ଗିଳିଦେଲା ଘନ କୁହୁଡ଼ି। ପୂର୍ବାହ୍ନ ୧୧ଟା ଯାଏଁ କୁହୁଡ଼ିର ଚଦରରେ ଢାଙ୍କି ହୋଇଗଲା ସାରା ଓଡ଼ିଶା। ବୁଧବାର ରାତିରୁ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ି ଆରମ୍ଭ ହୋଇ ଗୁରୁବର ଦିନ ପ୍ରାୟ ୧୦ ଟା ପର୍ଯ୍ୟନ୍ତ ଲାଗି ରହିଥିଲା। କୁହୁଡ଼ିର ପ୍ରଭାବ ଏତେ ଅଧିକ ରହିଥିଲା ଯେ ଅନେକ ସ୍ଥାନରେ ମୁହଁକୁ ମୁହଁ ଦିଶୁ ନ ଥିଲା। ୨-୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ କରିଥିଲେ ମଧ୍ୟ ଗୁରୁବାର ସକାଳୁ ଏହାର ବାସ୍ତବତା ଯୋଗୁଁ



ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଛି।

ଅନ୍ୟପଟେ ଆଇଏମ୍‌ଡି ସୂଚନା ଅନୁଯାୟୀ, ଗତ ଡିସେମ୍ବର ମାସରେ ଦେଶରେ ଓଡ଼ିଶାରେ ସବୁଠୁ ଅଧିକ ଦିନ କୁହଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ୩୧ ଦିନ ମଧ୍ୟରୁ ମୋଟ୍ ୨୬ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶା ତଳକୁ ଆସାମ, ମେଘାଳୟ ଓ ହିମାଚଳ ପ୍ରଦେଶ ରହିଛି। ଏଠାରେ ୨୩ ଦିନ ଲେଖାଏଁ କୁହୁଡ଼ି ହୋଇଥିବା ବେଳେ ପୂର୍ବ ଉତ୍ତର ପ୍ରଦେଶରେ ୨୨ ଦିନ କୁହୁଡ଼ି ଅନୁଭୂତ ହୋଇଛି। ଓଡ଼ିଶାରେ ଅନୁଭୂତ ହୋଇଥିବା କୁହୁଡ଼ି ଦିନ ସଂଖ୍ୟା ମଧ୍ୟରେ ରାଉରକେଲାରେ ସର୍ବାଧିକ ଦିନ କୁହୁଡ଼ି ଅନୁଭୂତ ହୋଇଥିବା ଜଣାପଡ଼ିଛି। ବର୍ତ୍ତମାନ ମୁଖ୍ୟତଃ ନିର୍ମଳ ଆକାଶ ରହୁଛି। ଏହାସହ ଗୁରୁଚାପ ବଳୟର ପ୍ରଭାବ ମଧ୍ୟ ଓଡ଼ିଶା ଉପରେ ରହୁଥିବା ବେଳେ ରାଜ୍ୟକୁ କିଛି କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବାହ ରହୁଛି। ଏହି ସବୁ କାରଣ ପାଇଁ ରାଜ୍ୟରେ କୁହୁଡ଼ି ପାଇଁ ପାଗ ଅନୁକୂଳ ରହୁଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟରେ ଆହୁରି ୩ ଦିନ ପର୍ଯ୍ୟନ୍ତ ଘନ କୁହୁଡ଼ି ଆଶଙ୍କା ରହିଛି। ଶୁକ୍ରବାର ସନ୍ଧ୍ୟାରୁ ଶନିବାର ସକାଳ ମଧ୍ୟରେ ଜଗତସିଂହପୁରରେ ଅତି ଘନ କୁହୁଡ଼ି ଆଶଙ୍କା ସହ ପୁରୀ, କେନ୍ଦ୍ରାପଡ଼ା, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ବାଲେଶ୍ୱର, କଟକ, ନୟାଗଡ଼, ଖୋର୍ଦ୍ଧା ଓ ଗଜପତି ଜିଲ୍ଲାରେ ଘନ କୁହୁଡ଼ି ନେଇ ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି।

ଅନ୍ୟପଟେ ନଭେମ୍ବର, ଡିସେମ୍ବର ପରେ ଜାନୁଆରୀରେ ମଧ୍ୟ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେବ। ଆଇଏମ୍‌ଡି ପକ୍ଷରୁ ଜାନୁଆରୀ ମାସ ପାଇଁ ତାପମାତ୍ରା ଆକଳନ କରାଯାଇ କୁହାଯାଇଛି, ଜାନୁଆରୀରେ ରାଜ୍ୟରେ ତାପମାତ୍ରା ସ୍ୱାଭାବିକ ତୁଳନାରେ କମ୍ ରହିବ। ଏଥିପାଇଁ ରାଜ୍ୟରେ ପ୍ରବଳ ଶୀତ ଜାରି ରହିବ। ଅନ୍ୟପଟେ ଜାନୁଆରୀ ପ୍ରଥମ ସପ୍ତାହରେ କିଛି ମାତ୍ରାରେ ଶୀତ କମିଲେ ମଧ୍ୟ ଜାନୁଆରୀ ଦ୍ୱିତୀୟ ସପ୍ତାହରୁ ଦୃଷ୍ଟାନ୍ତମୂଳକ ଭାବେ ତାପମାତ୍ରା ହ୍ରାସ ପାଇବ। ଫଳରେ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ରାଜ୍ୟରେ ଶୀତ ଲହରୀ ଅନୁଭୂତ ହେବା ନେଇ ଆକଳନ କରାଯାଇଛି।

# ମାର୍ଚ୍ଚରେ ଓଡ଼ିଶା ଆସିବେ ପ୍ରିୟଙ୍କା

ଭୁବନେଶ୍ୱର,୧।୧(ସମିସ): ଆସନ୍ତା ମାର୍ଚ୍ଚ ମାସରେ ଓଡ଼ିଶା ଗସ୍ତରେ ଆସିବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧୀ। ଓଡ଼ିଶାରେ ରାଜ୍ୟ କଂଗ୍ରେସ ପକ୍ଷରୁ ଆୟୋଜିତ ହେବାକୁ ଥିବା ମହିଳା ସମାବେଶରେ ପ୍ରିୟଙ୍କା ଯୋଗଦେବେ। ଯଦିଓ ଏହି ସମାବେଶ କେଉଁଠାରେ ହେବ ତାହା ସ୍ଥିର ହୋଇନାହିଁ, ତେବେ ପ୍ରିୟଙ୍କାଙ୍କ ଗସ୍ତ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଆଜି ସୂଚନା ଦେଇଛନ୍ତି। ରାଜ୍ୟ କଂଗ୍ରେସର ୨୦୨୬ର ରଣନୀତିକୁ ନେଇ ପିସିସି ସଭାପତି କହିଛନ୍ତି, ଏବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ



■ ବର୍ଷକରେ ୧୦ ବଡ଼ ସମାବେଶ କରିବ କଂଗ୍ରେସ
■ ୩ ଓ ୪ ତାରିଖରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ

କଂଗ୍ରେସ ପ୍ରାୟ ୧୦ବଡ଼ ସମାବେଶ କରିବା ନେଇ ଯୋଜନା କରିଛି। ଏହି କ୍ରମରେ ପ୍ରଥମ ସମାବେଶ ଆସନ୍ତା ମାର୍ଚ୍ଚ ମାସରେ ଅନୁଷ୍ଠିତ ହେବ। ରାଜ୍ୟରେ ନାରୀ ନ୍ୟାୟ ପାଇଁ କଂଗ୍ରେସ କାର୍ଯ୍ୟ କରୁଛି। ଓଡ଼ିଶା ବର୍ତ୍ତମାନ ମହିଳାଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। ପ୍ରତିଦିନ ମହିଳା ହିଂସା ବଢୁଥିବାରୁ ସରକାରଙ୍କ ଉପରେ ଚାପ ପକାଇବାକୁ ମହିଳା ସମାବେଶ ଆୟୋଜନ ପାଇଁ ଦଳ ଚିନ୍ତା କରିଛି। ମହିଳା ଅଧିକାର ଏବଂ ସୁଯୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଦଳର ଲକ୍ଷ୍ୟ। ପ୍ରିୟଙ୍କା ଗାନ୍ଧୀଙ୍କ ନେତୃତ୍ୱ ମହିଳାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସକୁ ପ୍ରେରଣା ଦେବ ଏବଂ ସେମାନଙ୍କୁ ରାଜନୈତିକ ପ୍ରକ୍ରିୟାରେ ସାମିଲ ହେବାକୁ ପ୍ରୋତ୍ସାହିତ କରିବ ବୋଲି ଭକ୍ତ କହିଛନ୍ତି। ପ୍ରିୟଙ୍କାଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତା ଯେମିତି କି ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ୍‌ଗେ ମଧ୍ୟ ଓଡ଼ିଶା ଗସ୍ତରେ ଆସିବେ। ସେମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜନସମାବେଶରେ ଅଂଶଗ୍ରହଣ କରିବେ। ରାହୁଲ ଗାନ୍ଧି ଓଡ଼ିଶା ଗସ୍ତରେ ବାରମ୍ବାର ଆସିବେ।

ଆସନ୍ତା ୩ ତାରିଖ ସନ୍ଧ୍ୟାରେ କଂଗ୍ରେସ ରାଜନୈତିକ ବ୍ୟାପାର କମିଟି ବୈଠକ ବସିବାର ସୂଚନା ରହିଛି। ଏହି ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର ରହିଛି। ଅନ୍ୟପଟେ ଆସନ୍ତା ୪ରେ ଦଳର ଦଳର ବିଧାୟକ, ବିଭିନ୍ନ ପଦାଧିକାରୀ ଓ ଜିଲ୍ଲାସଭାପତିମାନଙ୍କର ମଧ୍ୟ ଏକ ବୈଠକ ରହିଛି। ପିସିସି ସଭାପତି ଆହୁରି କହିଛନ୍ତି ବର୍ତ୍ତମାନ କଂଗ୍ରେସକୁ ନେଇ ଅଧିକ ଚର୍ଚ୍ଚା ହେଉଛି। କଂଗ୍ରେସ ଉପରକୁ ଉଠୁଥିବାରୁ ଏହି ଚର୍ଚ୍ଚା ହେଉଛି। ୨୦୨୭ରେ ପଞ୍ଚାୟତ ନିର୍ବାଚନ ହେବ। ଆସନ୍ତା ୬ ମାସ ମଧ୍ୟରେ ବିଭିନ୍ନ ଜିଲ୍ଲା ଓ ଜୋନାଲ୍ କମିଟି ଗଠନ ଶେଷ ସହ ପଞ୍ଚାୟତ ନିର୍ବାଚନ ପାଇଁ ଯେଉଁ ପ୍ରକ୍ରିୟା ଓ ପଦକ୍ଷେପ ନିଆଯିବା କଥା ତାହା ଗ୍ରହଣ କରାଯିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

# ଭସାପୋଲରୁ ଖସି ଜଣେ ମୃତ

## ମଝି ଚିଲିକାରେ ଅଟକିଲା; ଯାତ୍ରୀ ହୀନସ୍ତା

ବ୍ରହ୍ମଗିରି,୧।୧(ସମିସ): ନୂଆବର୍ଷରେ ଚିଲିକାରେ ଘଟିଛି ଅଘଟଣ। ସାତପଡ଼ାଠାରୁ ଜହ୍ନିକୁଦା ଯାଉଥିବା ଭସାପୋଲରୁ ଖସି ଜଣେ ବ୍ୟକ୍ତି ନିଖୋଜ ଥିବାବେଳେ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ମାଲକାନଗିରି ଜିଲ୍ଲା ବାଲିମେଳା ଅଞ୍ଚଳର ଉମାଶଙ୍କର ସାବତ (୬୦)। ଆଜି ଘନ କୁହୁଡ଼ିରେ ଆଚ୍ଛାଦିତ ଚିଲିକାରେ ଭସାପୋଲଟି ସାତପଡ଼ାରୁ ଜହ୍ନିକୁଦା ଯାଉଥିଲା। ଏଥିରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରରୁ କିଛି ଲୋକ ସାଙ୍ଗ ହୋଇ ଚିଲିକା ବୁଲିବାକୁ ଆସିଥିଲେ। ସେଥିରେ ମାଲକାନଗିରି ଜିଲ୍ଲା ବାଲିମେଳାର




ଉମାଶଙ୍କର ପରିବାର ସହ ଯାଉଥିଲେ। ମାତ୍ର ସେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏହି ସମୟରେ କୁହୁଡ଼ି ଯୋଗୁଁ ଭସାପୋଲଟି ଚ୍ୟାନେଲରୁ ବାହାରି ଯାଇ ମଝି ଚିଲିକାରେ ଅଟକି ଯାଇଥିଲା। ସେତେବେଳେ ପରିବାର ଲୋକେ ଉମାଶାଙ୍କରଙ୍କୁ ନପାଇ ଖୋଜାଖୋଜି କରିଥିଲେ। କିଛି ସମୟ ପରେ ତାଙ୍କର ଟୋପି, ଚପଲ ଏବଂ ବ୍ୟାଗ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଅଗ୍ନିଶମ ବିଭାଗକୁ ଜଣାଇବା ପରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ଲାଗିପଡ଼ିଥିଲେ। ଦୁଇ ଘଣ୍ଟା ଖୋଜାଖୋଜି ପରେ ଉମାଶାଙ୍କରଙ୍କ ମୃତଦେହ ମିଳିଲା ଥିଲା। ପୁଲିସ ଶବ ଜବତ କରିବା ସହ ଅଧିକ ତଦନ୍ତ କରୁଛି। ଭସାପୋଲ ଚିଲିକା ମଝିରେ ଫସି ରହିଥିବାରୁ ଅନ୍ୟ ଭେସଲ ଦ୍ୱାରା ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତରିତ କରାଯାଇଛି। ସମୁଦ୍ର ଜୁଆର ଚିଲିକାରୁ କମିବା ପରେ ଜଳସ୍ତର ମଧ୍ୟ ହ୍ରାସ ପାଇଥିଲା। ଏଥିଯୋଗୁଁ ଭସାପୋଲ ଫସିଥିବା ନାଳରୁ ବାହାରକୁ ବାହାରି ପାରିନଥିଲା। ଦିନସାରା ବହୁ ଚେଷ୍ଟା ପରେ ମଧ୍ୟ ଭସାପଲଟି ସେଠାରୁ ବାହାରି ପାରିନଥିବା ଜଣାପଡ଼ିଛି। ସକାଳ ୭ଟା ୩୦ ସମୟରେ ସାତପଡ଼ାରୁ ବାହାରି ଜହ୍ନିକୁଦା ଅଭିମୁଖେ ଗୋଟିଏ ବସ, ୪ଟି କାର୍ ଏବଂ ୨୦ରୁ ଉର୍ଦ୍ଧ୍ୱ ବାଇକ ସହ ପାଖାପାଖି ୫୦ଜଣ ଯାତ୍ରୀଙ୍କୁ ନେଇ ଭସାପୋଲ ବାହାରିବାର ଥିଲା। କିନ୍ତୁ ଘନକୁହୁଡ଼ିକୁ ଦେଖି ୧ଘଣ୍ଟା ବିଳମ୍ବରେ ଯାତ୍ରା ଆରମ୍ଭ କରିଥିଲା। କିଛି ବାଟ ଯିବା ପରେ ଅଟକି ଯାଇଥିଲା। ଏହି ଘଟଣା ପରେ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ଯାତ୍ରୀଙ୍କୁ କାହିଁକି ଲାଇଫ୍ ଜ୍ୟାକେଟ୍ ଦିଆଯାଇନଥିଲା ବୋଲି ଅଞ୍ଚଳବାସୀ ପ୍ରଶ୍ନ କରିଛନ୍ତି। ଏ ସମ୍ବନ୍ଧରେ ଚିଫ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ମଙ୍ଗୁଳି ରାଉତ କୁହନ୍ତି ସକାଳୁ ଘନ କୁହୁଡ଼ି ଥିଲା। ମୁଁ ମନା କରିଥିଲି ଭସାପୋଲ ଚଳାଇବା ପାଇଁ। କିନ୍ତୁ ସକାଳ ୮ ସମୟରେ ପାଗରେ ପରିବର୍ତ୍ତନ ହେବାରୁ ଭସପୋଲ ଯାଇଥିଲା। କିଛି ବାଟ ଯିବା ପରେ ଏହି ଦୁର୍ଘଟଣା ଘଟିଛି।

# ରାଜ୍ୟପାଳଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ନବନିଯୁକ୍ତ ମୁଖ୍ୟ ସଚିବ ଅନୁ ଗର୍ଗ

ଭୁବନେଶ୍ୱର,୧।୧(ସମିସ): ନବବର୍ଷର ପ୍ରଥମ ଦିନରେ ଆଜି ଓଡ଼ିଶାର ନବନିଯୁକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟିଙ୍କୁ ଲୋକଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ସାକ୍ଷାତ ସମୟରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରାଜ୍ୟପାଳଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ସହ ରାଜ୍ୟର ସାମଗ୍ରିକ ପ୍ରଗତି ପାଇଁ ପ୍ରମୁଖ ପ୍ରଶାସନିକ ପ୍ରାଥମିକତା, ଜାରି ରହିଥିବା ବିକାଶମୂଳକ ପଦକ୍ଷେପ ଏବଂ କଲ୍ୟାଣକାରୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ପ୍ରଭାବଶାଳୀ ଶାସନ ସୁନିଶ୍ଚିତ କରିବା ପାଇଁ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସୁଗମ ସମନ୍ୱୟର ଗୁରୁତ୍ୱ ଉପରେ ଆଲୋଚନା ମଧ୍ୟ କରାଯାଇଥିଲା। ଏହି ଲକ୍ଷ୍ୟ ହାସଲ ପାଇଁ ଦଳଗତ ଭାବେ କାର୍ଯ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ରାଜ୍ୟପାଳ ଆଗାମୀ ବର୍ଷରେ ନିରନ୍ତର ବିକାଶ ଓ ଓଡ଼ିଶାବାସୀଙ୍କ ମଙ୍ଗଳ ଉପରେ ଗୁରୁତ୍ୱାରୋପ କରିଥିଲେ।




# ମାଲକାନଗିରି ହିଂସାକାଣ୍ଡ: ମୃତ ଲାକେଙ୍କ ପରିବାରକୁ ମିଳିବ ୧୦ ଲକ୍ଷ ସହାୟତା

ଭୁବନେଶ୍ୱର,୧।୧(ସମିସ): ଡିସେମ୍ବର ୭ ଓ ୮ ତାରିଖରେ ମାଲକାନଗିରି ଜିଲ୍ଲାର ରାଖେଲଗୁଡା ଏବଂ ଏମ.ଭି. ୨୬ ଗ୍ରାମରେ ଘଟିଥିବା ହିଂସାକାଣ୍ଡ ଘଟଣାରେ ମୃତକ ଲାକେ ପଡିଆମି ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍



ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବ। ଗୁରବାର ଏ ନେଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସୂଚନା ଦେଇଛନ୍ତି। ସେହିପରି ମାଲକାନଗିରି ଜିଲ୍ଲା ପ୍ରଶାସନର ରିପୋର୍ଟ ଭିତ୍ତିରେ ଏମ.ଭି.୨୬ ଗ୍ରାମର ପ୍ରତ୍ୟେକ ଆଂଶିକ ଓ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ବାସଗୃହର ମରାମତି କରାଯିବ। ରିପୋର୍ଟରେ ନଷ୍ଟ ଦର୍ଶାଯାଇଥିବା ଘରର ମୂଲ୍ୟାଙ୍କନ ପରିମାଣ ଅନୁସାରେ ସର୍ବାଧିକ ୭୫,୦୦ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି କ୍ଷତିଗ୍ରସ୍ତ ଦୋକାନ ମରାମତି ପାଇଁ ପ୍ରତ୍ୟେକ ଦୋକାନୀଙ୍କୁ ୨୦,୦୦୦ ଟଙ୍କା

■ ଘର ଭାଙ୍ଗିଥିଲେ ସର୍ବାଧିକ ୭୫ ହଜାର ପର୍ଯ୍ୟନ୍ତ ସହାୟତା
■ ବାସଗୃହହୀନ ଜନଜାତି ପରିବାରକୁ ମିଳିବ ସ୍ଥାୟୀ ପଟ୍ଟା
■ ପ୍ରତି ୧୫ ଦିନରେ ଜିଲ୍ଲାପାଳ କରିବେ ମାମଲାର ସମୀକ୍ଷା

ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ମାଲକାନଗିରି ହିଂସା ସଂକ୍ରାନ୍ତରେ ଲୋକସେବା ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଶ୍ରୀ ସିଂହଦେଓଙ୍କ ବ୍ୟତୀତ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପୁଲିସ ଡିଜି, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ, ଗୁଇନ୍ଦା ବିଭାଗର ନିର୍ଦ୍ଦେଶକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମାଲକାନଗିରି ଜିଲ୍ଲାପାଳ ଓ ଏସପି ମଧ୍ୟ ବୈଠକରେ ଯୋଗ ଦେଇଥିଲେ। ପ୍ରମୁଖ ନିଷ୍ପତ୍ତି ଅନୁଯାୟୀ ରେଗୁଲେସନ ୨/୫୬ (୨୦୦୨ ସଂଶୋଧିତ) ଅନୁଯାୟୀ ବିଚାରାଧୀନ ଶତାଧିକ ମାମଲାଗୁଡିକୁ ଜିଲ୍ଲାପାଳ ନିୟମିତ ଭାବରେ ପ୍ରତ୍ୟେକ ୧୫ ଦିନରେ ସମୀକ୍ଷା କରି ଏହାର ପ୍ରଗତି ସମ୍ବନ୍ଧରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ଓ ସରକାରଙ୍କୁ ଅବଗତ କରାଇବେ। ଭୂମିହୀନ ତଥା ବାସଗୃହହୀନ ଜନଜାତି ପରିବାରକୁ ଏଫ.ଆର.ଏ ଏବଂ ଓ.ଜି.ଏଲ.ଏସ ଆଇନ ଅଧୀନରେ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ଏହାର ଅଗ୍ରଗତି ସମ୍ପର୍କରେ ପ୍ରତ୍ୟେକ ମାସରେ ଜିଲ୍ଲାପାଳ ସମୀକ୍ଷା କରିବା ସହ ସରକାରଙ୍କୁ ଅବଗତ କରାଇବେ। ସେହିପରି ମାଛକୁଣ୍ଡ ଜଳସେଚନ ଯୋଜନାରେ ବିସ୍ଥାପିତ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନର ବ୍ୟବସ୍ଥା କରାଯିବ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରତ୍ୟେକ ତିନି ମାସରେ ମାଲକାନଗିରି ଜିଲ୍ଲାର ଉପରୋକ୍ତ ତଥା ଅନ୍ୟାନ୍ୟ ରାଜସ୍ୱ ମାମଲା ଉପରେ ନିୟମିତ ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବେ। ଅନ୍ୟ ନିଷ୍ପତ୍ତି ଅନୁଯାୟୀ ମୁଖ୍ୟମନ୍ତ୍ରୀ କୃଷି ଉନ୍ନୟନ ଯୋଜନା, ପିଏମ୍‌ଇଜିପି ଓ ପିଏମଏଫଏମଇ ଅଧୀନରେ ଜନଜାତି ବର୍ଗର ପ୍ରାର୍ଥୀ କିପରି ଲାଭବାନ ହୋଇପାରିବେ ଏହାର ବ୍ୟବସ୍ଥା କରାଯିବ। ପ୍ରାଥମିକ ବିଦ୍ୟାଳୟରେ କୋୟା, ଡିଡାଇ, ବଣ୍ଡା ଜନଜାତି ଭାଷାର ଖାଲିଥିବା ଏମଏଲଇ ଶିକ୍ଷକ ପଦକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତୁରନ୍ତ ପୂରଣ କରିବେ ବୋଲି ନିଷ୍ପତ୍ତି ହୋଇଛି।

**ବୌଦ୍ଧ ମହୋତ୍ସବରେ କନ୍ଧମାଳ ବିଧାୟକଙ୍କୁ ଅଣଦେଖା**

# କହ୍ନେଇଙ୍କୁ ଦିନେ; କିନ୍ତୁ ସରୋଜଙ୍କୁ ୩ ଦିନ



ମନମୁଣ୍ଡା,୧।୧(ସମିସ): ଶୁକ୍ରବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହୋତ୍ସବରେ କିନ୍ତୁ ଜିଲ୍ଲା ପ୍ରଶାସନ କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ଅଣଦେଖା କରିଛି। ତାଙ୍କ ପ୍ରତି ପାତରଅନ୍ତର ନୀତି ଆପଣେଇଥିବା ଅଭିଯୋଗ ହୋଇଛି। ମାତ୍ର ୨ଟି ନିର୍ବାଚନମଣ୍ଡଳୀ ବୌଦ୍ଧ ଏବଂ କନ୍ଧମାଳକୁ ନେଇ ଗଠିତ ଏହି ଜିଲ୍ଲାରେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନଙ୍କୁ ୩ ଦିନ ଅତିଥି କରାଯାଇଛି। କନ୍ଧମାଳ ବିଧାୟକ ଶ୍ରୀ ଡାଙ୍ଗଙ୍କୁ ମାତ୍ର ଗୋଟିଏ ଦିନ ଅତିଥି କରାଯାଇଛି। ନିଜ ଦଳ (ବିଜେପି) ର କେହି ମୁଖିଆ ତଥା ବଡ ନେତା ଆସିଲେ ଉଭୟ ବିଧାୟକଙ୍କ ପ୍ରାୟତଃ ଉପସ୍ଥିତି ରହିଥିବା ଦେଖିବାକୁ ମିଳିଥାଏ। ଏହି ପରିପ୍ରେକ୍ଷୀରେ ଆସନ୍ତା ୪ ତାରିଖ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର ଅଛି। ସେଦିନ ବୌଦ୍ଧ ବିଧାୟକ ଶ୍ରୀ ପ୍ରଧାନ ସମ୍ମାନିତ ଅତିଥି ରହିଥିବାବେଳେ କନ୍ଧମାଳ ବିଧାୟକ ଶ୍ରୀ ଡାଙ୍ଗଙ୍କ ନାମ ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ନାହିଁ। ନିଜ ଦଳର ମୁଖ୍ୟମନ୍ତ୍ରୀ ପ୍ରଥମ ଥର ପାଇଁ ବୌଦ୍ଧ ମହୋତ୍ସବକୁ ମୁଖ୍ୟ ଅତିଥି ଭାବେ ଆସୁଥିବାବେଳେ ସେହି ମଞ୍ଚରେ କନ୍ଧମାଳ ବିଧାୟକ ଉପସ୍ଥିତ ରହି ନିଜ ନେତାଙ୍କୁ ସ୍ୱାଗତ କରିବା ସହ ନିଜ ଅଭିଭାଷଣ ରଖିଥାନ୍ତେ; କିନ୍ତୁ ଜିଲ୍ଲା ପ୍ରଶାସନ ସେ ସୁଯୋଗ ତାଙ୍କୁ ଦେଇନାହିଁ। ଜିଲ୍ଲା ପ୍ରଶାସନ ନିଜ ପକ୍ଷରୁ ସେପରି କରିଛି ନା କାହା ପ୍ରରୋଚନାରେରେ କରାଯାଇଛି ତାହାକୁ ନେଇ ଆଲୋଚନା ଜୋର୍ ଧରିଛି। କନ୍ଧମାଳ ବିଧାୟକଙ୍କ ପ୍ରତି ଏହା ଘୋର ଅପମାନ ବୋଲି ଜିଲ୍ଲାରେ ବିଶେଷ କରି କନ୍ଧମାଳ ନିର୍ବାଚନ ମଣ୍ଡଳୀରେ ଚର୍ଚ୍ଚାର ବିଷୟ ପାଲଟିଛି। କନ୍ଧମାଳ ନିର୍ବାଚନ ମଣ୍ଡଳୀ ବିଜେପି କର୍ମୀ ତଥା ବିଧାୟକଙ୍କ ସମର୍ଥକ ଏହାକୁ ନେଇ ଘୋର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଜିଲ୍ଲା ପ୍ରଶାସନ ଜିଲ୍ଲାର ଉଭୟ ବିଧାୟକଙ୍କ ମଧ୍ୟରେ ପରୋକ୍ଷରେ ଶୀତଳ ଯୁଦ୍ଧ ସୃଷ୍ଟି କରିଥିବା ବିଧାୟକଙ୍କ ସମର୍ଥକ ତଥା ବିଜେପି କର୍ମୀମାନେ ଅଭିଯୋଗ କରିଛନ୍ତି। ତେବେ ସେ ବୌଦ୍ଧ ମହୋତ୍ସବକୁ ବର୍ଜନ କରିବା। ସେଥିରେ ଯୋଗ ଦେବେ ନାହିଁ ବୋଲି ତାଙ୍କ ନିକଟତମ ମହଲରୁ ଜାଣିବାକୁ ମିଳିଛି। ସେହିପରି କନ୍ଧମାଳ ନିର୍ବାଚନ ମଣ୍ଡଳୀ ତରଫରୁ ଅନେକ କଳାକାରଙ୍କୁ ମହୋତ୍ସବରେ ସୁଯୋଗ ଦେବା ପାଇଁ ନିମନ୍ତ୍ରଣ କରାଯାଇନି। ଏଣୁ ଏହି ଅଞ୍ଚଳରୁ ମହୋତ୍ସବକୁ ବର୍ଜନ କରିବା ଓ ଅସହଯୋଗ କରାଯିବାର ଆଶଙ୍କା ଦେଖାଦେଇଛି।

## ଆଜିଠୁ ବୌଦ୍ଧ ମହୋତ୍ସବ

ବୌଦ୍ଧ,୧।୧(ସମିସ): ଶୁକ୍ରବାରଠାରୁ ୬ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ମହୋତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମହୋତ୍ସବ ସାଂସ୍କୃତିକ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ରିତାକାନ୍ତି ବଳିୟାର ସିଂହଙ୍କ ଆବାହକତ୍ୱ ଏବଂ ନୋଡାଲ ଅଧିକାରୀ ତଥା ବୌଦ୍ଧ ତହସିଲଦାର ଅନିତା ସାହୁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ଥିଲା। ଏଥିରେ ଦୈନିକ ହୀରାଞ୍ଚଳର ସମ୍ପାଦକ ଯୁଗଳ କିଶୋର ସାମଲ, ନବ ଦୀପ, ପ୍ରଶାନ୍ତ ଭୋଇନା, ଅରୂପା ନନ୍ଦ ମହାରଣା, ଅରୁଣ ମେଣ୍ଡିଲି, ତ୍ରିଶୁଳ ଭଞ୍ଜା, ଦେବବ୍ରତ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ଜିତେନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ ଦ୍ୱାରା ଚୂଡ଼ାନ୍ତ ସମୀକ୍ଷା

ବୌଦ୍ଧ, ୧।୧(ସମିସ): ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବୌଦ୍ଧ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ପ୍ରସ୍ତୁତିର ସମୀକ୍ଷା କରାଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରି ସମୀକ୍ଷା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସାର୍ଥକ ରାୟ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଶାସନର ସାମ୍ବାଦିକ ସମ୍ମିଳନୀ

ବୌଦ୍ଧ, ୧।୧(ସମିସ ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୌଦ୍ଧ ମହୋତ୍ସବକୁ ନେଇ ପ୍ରଶାସନ ସାମ୍ବାଦିକ ସମ୍ମିଳନୀ କରିଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ତହସିଲଦାର ଅନୀତା ସାହୁ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରୀତାକାନ୍ତୀ ବଲିଆର୍ ସିଂ ଉପସ୍ଥିତ ଥିଲେ।

## ଧର୍ମାନନ୍ଦ ସାଙ୍କ ପରଲୋକ



ମୁରିବାହାଲ,୧।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଳଦୀ ଗ୍ରାମର ଧର୍ମାନନ୍ଦ ସା(୮୭)ଙ୍କ ବୁଧବାର ହୋଇଯାଇଛି। ସେ ମୁରିବାହାଲ ବ୍ଲକର ପ୍ରଥମ ସାମ୍ବାଦିକ ଥିଲେ। ବଲାଙ୍ଗିର ସାମ୍ବାଦିକ ସଂଘ ସହ ନ୍ୟାସନାଲ ୟୁନିଅନ ଅଫ ଜର୍ଣ୍ଣାଲିଷ୍ଟର ସଦସ୍ୟ ମଧ୍ୟ ଥିଲେ। ପରବର୍ତ୍ତୀ ସମୟରେରେ ହଳଦୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ ତୁଲାଇ ଥିଲେ। ଏହା ସହ ବଲାଙ୍ଗିର ଜିଲ୍ଲା କୈବର୍ତ୍ତ ସମାଜର ସଭାପତି ଓ ନିଖିଳ ଓଡିଶା କୈବର୍ତ୍ତ ମହାସଭାର ଆଜୀବନ ସଦସ୍ୟ ଥିଲେ। ପଶ୍ଚିମ ଓଡିଶା କୈବର୍ତ୍ତ ମହାସଭାର ଉପସଭାପତି ରୂପେ ମଧ୍ୟ ଦାୟିତ୍ୱ ନିର୍ବାହ କରିଥିଲେ। ହଳଦୀ ବୀର ସୁରେନ୍ଦ୍ର ସାଏ କଲେଜର ପ୍ରତିଷ୍ଠାତା ସହ ପରିଚାଳନା କମିଟିର ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇଥିଲେ। ସେ କଂଗ୍ରେସର ମୁରିବାହାଲ ବ୍ଲକ ସଭାପତି ରୂପେ ମଧ୍ୟ କାର୍ଯ୍ୟ ତୁଲାଇ ଥିଲେ। ତେବେ ବଡପୁଅ କଲ୍ୟାଣ ଦେବ ସା ମୁଖାଗ୍ନି ଦେଇଥିଲେ।

## ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ

ବଲାଙ୍ଗିର,୧।୧(ସମିସ): ଜନବନ୍ଧୁ ପ୍ରଭାକର ରଥଙ୍କ ୧୦୫ତମ ଜୟନ୍ତୀ ପାଳିତ ହୋଇଛି। ବାଳିକା ବିଦ୍ୟାଳରେ ଅନୁଷ୍ଠିତ ସଭାରେ ଡାକ୍ତର ମଞ୍ଜୁବାଳା ପଣ୍ଡା, ଶିକ୍ଷୟିତ୍ରୀ ସଂସ୍କୃତି ପଟ୍ଟନାୟକ ମୁଖ୍ୟବକ୍ତା ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଗୋବିନ୍ଦ ଚନ୍ଦ୍ର ଶତପଥୀଙ୍କୁ ପ୍ରଭାକର ରଥ ସେବା ସମ୍ମା ପ୍ରଦାନ କରାଯାଇଥିଲା। ଅରୁଣ ଖୁଆସ ସଭାପତିତ୍ୱ କରିଥିଲେ। କବି ରତ୍ନମୟ ତ୍ରିପାଠି ଅତିଥି ପରିଚୟ ଦେଇଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ମଂଜୁଲତା ମିଶ୍ର ବେଦ ପଠନ କରିଥିଲେ। ଡ. ପ୍ରେମ.ନ୍ଦ ମହାନ୍ତି ରାମଧୂନ ଗାନ କରିଥିଲେ। ଶ୍ରୀମୟୀ ଶର୍ମିଷ୍ଠା ସାହୁ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିଥିଲେ। କବି ମଦନ ମୋହନ ରଥଙ୍କୁ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂପାଦକ ମଧୁ ସାହୁ ମଞ୍ଚ ପରିଚାଳନା ସହିତ ବାର୍ଷିକ ବିବରଣୀ ପଠନ କରିଥିଲେ। କେଶବ ଚନ୍ଦ୍ର ମିଶ୍ର, ରୁଦ୍ରେନ୍ଦ୍ର ବେହେରା, ପ୍ରଶାନ୍ତ ଷଡଙ୍ଗୀ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ଡ. ଅଶୋକ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ନିରୁପମା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।




## ଜାତୀୟ ସଡ଼କ ସୁରକ୍ଷା ମାସ ଆରମ୍ଭ

ବଲାଙ୍ଗିର,୧।୧(ସମିସ): ଜାନୁୟାରୀ ୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜାତୀୟ ସଡକ ସୁରକ୍ଷା ମାସ ପାଳନ ଅବସରରେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି। ଏହି ଉପଲକ୍ଷେ ଗୁରୁବାର ପୂର୍ବାହ୍ନରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟଠାରେ ସଡକ ସୁରକ୍ଷା ସମ୍ବନ୍ଧୀୟ ଏକ ସଚେତନତା ରଥକୁ ଜିଲ୍ଲାପାଳ ଗୌରୱ ଶିୱାଜୀ ଇସଲୱାର ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅମୃତ ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାସହ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମର ମଧ୍ୟ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସ୍ଥାନୀୟ ଯୁବ ଗୋଷ୍ଠୀ ପ୍ଲାକାର୍ଡ ଧରି ସଚେନତା ଶୋଭାଯାତ୍ରାରେ ରଥ ସହ ସହର ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ଲିଫ୍‌ଲେଟ୍ ବଣ୍ଟନ କରାଯାଇଥିଲା। ଦୁଇ ଚକିଆ ଯାନ ଚଳାଇବା ସମୟରେ ହେଲମେଟ୍‌ର ବ୍ୟବହାର, ଚାରି ଚକିଆ ଯାନରେ ସିଟ୍ ବେଲ୍ଟର ବ୍ୟବହାର, ନିଶାଶକ୍ତ ଅବସ୍ଥାରେ ଗାଡି ନ ଚାଳିବା ଏବଂ ଟ୍ରାଫିକ୍ ନିୟମ ମାନି ଗାଡି ଚଳାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ଜିଲ୍ଲାର ବିଭିନ୍ନ ସ୍ଥାନରେ ସଡକ ସୁରକ୍ଷା ସଚେତନତା ସହିତ ଏନଫୋର୍ସମେଣ୍ଟ କାର୍ଯ୍ୟକ୍ରମ ମଧ୍ୟ ଜାରି ରହିବ। ଟ୍ରାଫିକ ନିୟମ ଅନୁଯାଇ ଗାଡି ଚଳାଇ ଦୁର୍ଘଟଣା ହାର ହ୍ରାସ କରିବାରେ ସହଯୋଗ ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ପ୍ରିୟବ୍ରତ ମହାନ୍ତି, ସହକାରୀ ପରିବହନ ଅଧିକାରୀ ଗୌରହରି ହାଁସଦା, ଟ୍ରାଫିକ ଇନ୍ସପେକ୍ଟର ଯଶବନ୍ତ ଚିନାରା, କନିଷ୍ଠ ଏମଭିଆଇ ପ୍ରଶାନ୍ତ ପାଢ଼ୀ ସମେତ ପୁଲିସ ପ୍ରଶାସନ ଓ ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜାତୀୟସ୍ତରରେ ବଲାଙ୍ଗିର କରାଟେ ସ୍କୁଲର ସଫଳତା


ବଲାଙ୍ଗିର,୧।୧(ସମିସ): ରାଞ୍ଚିସ୍ଥିତ ତାନା ଭଗତ ଇନ୍‌ଡୋର ଷ୍ଟାଡିୟମରେ ୨୩ତମ ସର୍ବ ଭାରତୀୟ ଫେଡେରେସନ କପ୍ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ଅଲ୍ ଇଣ୍ଡିଆ ସେଇସିନ୍‌କାଇ ଶିଟୋର୍ୟୁ କରାଟେ ଡୁ ଫେଡେରେସନର ମୁଖ୍ୟ ହାଂସି ପ୍ରେମଜିତ ସେନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଅଲ୍ ଓଡିଶା ସେଇସିନ୍‌କାଇ ଶିଟୋର୍ୟୁ କରାଟେ ସଂଘର ମୁଖ୍ୟ ହୃଦୟ ଶବରଙ୍କ ନେତୃତ୍ୱରେ ବଲାଙ୍ଗିର ଜିଲ୍ଲା କରାଟେ ସ୍କୁଲର ୧୫ଜଣ କରାଟେକା ଭାଗ ନେଇଥଲେ। ଆନନ୍ଦିତା ସାହୁ, କାବ୍ୟରାଣୀ ହଂସ, ଅଂଶୁମାନ ଧରୁଆ, ଜସମିନ୍ ସାହୁ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଯଶୋବନ୍ତ କୁମ୍ଭାର, ଶ୍ରୀୟା ସାହୁ, ପ୍ରତିକ୍ଷାରାଣି ପୁଟା ରୌପ୍ୟ ପଦକ ହାସଲ କରିଛନ୍ତି। ସେହିପରି ସଲେଶ ବିଶ୍ୱାଳ, ଇଭାନ ପଧାନ, ଆର୍ଶିବାଦ ଦାସ, ହିତେସ ବେହେରା, ଅଭିନନ୍ଦନ ସ୍ୱାମୀ, ପିୟୂଷ ଭୋଇ, ଶ୍ୟାମାରାନି ଖୁଆସ ଓ ଆରାଧ୍ୟା ଦିବ୍ୟାରାନୀ ସାହୁ କାଂସ୍ୟ ପଦକ ହାସଲ କରିଛନ୍ତି। ବଲାଙ୍ଗିର କରାଟେ ସ୍କୁଲର ସଭାପତି ସଚ୍ଚିଦାନନ୍ଦ ବାଗ, ସହସଂପାଦକ ଚନ୍ଦ୍ର ଶେଖର ସେଠ, କୋଷାଧ୍ୟକ୍ଷ ରବି ବେହେରା, ଜିଲ୍ଲା କରାଟେ ସଂଘର ସଭାପତି ଦେବଦତ୍ତ ବେହେରା ଓ ସମସ୍ତ ସଦସ୍ୟ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଦଳ ସହିତ ରେଖା ମନହିରା ମ୍ୟାନେଜର ଓ ପୁରୁଷୋତ୍ତମ ବାଗ ପ୍ରଶିକ୍ଷକ ଭାବେ ରାଞ୍ଚି ଯାତ୍ରା କରିଥିଲେ।

## ବାବା ସାହେବ ଆମ୍ବେଦକର କ୍ଲବ ପକ୍ଷରୁ ନବବର୍ଷ ସ୍ୱାଗତ ସମାରୋହ

ଦେଓଗାଁ,୧।୧(ସମିସ): କୁତୁର୍ଲା ପଞ୍ଚାୟତ କୁତୁର୍ଲା ଆମ୍ବେଦକର ନଗରରେ ବାବା ସାହେବ ଆମ୍ବେଦକର କ୍ଲବ୍ ଆନୁକୂଲ୍ୟରେ ଇଂରାଜୀ ନବବର୍ଷକୁ ସ୍ୱାଗତ କରାଯାଇଛି। ପଦ୍ମନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ତେଜ ହରପାଲ, ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଅକ୍ରୁର ସୁନା, ଶିକ୍ଷୟିତ୍ରୀ ପ୍ରତିମାରାଣୀ ସୁନା, ଡମ୍ବରୁଧର ହରପାଲ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାସହ ଏସଏଚଜିର ସଦସ୍ୟାଙ୍କ ଦ୍ୱାରା ଏକ ଖାଦ୍ୟମେଳା ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଲିଙ୍ଗରାଜ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କ୍ଲବର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ବାରିକ, ସମ୍ପାଦକ ରାଧାକାନ୍ତ ନନ୍ଦ, ବିରଞ୍ଚି ବାରିକ, ରାଜକୁମାର ବାରିକ, ଲିଙ୍ଗରାଜ ବାରିକ, ସୁକାନ୍ତ ସାଗର, ନିଳେନ୍ଦ୍ରୀ ନନ୍ଦ, କୁନ୍ତୀ ଛତର, ସ୍ୱାପ୍ନାରାଣୀ ବାରିକ, ଭାରତୀ ବାରିକ ସହଯୋଗ କରିଥିଲେ।

## ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନ କଲେ ସ୍ୱେଚ୍ଛାସେବୀ

ବୌଦ୍ଧ,୧।୧(ସମିସ): ବୌଦ୍ଧ ସହର ରାଜଘାଟଠାରେ ଜଣେ ଅସହାୟ ବୃଦ୍ଧାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବୌଦ୍ଧ ରାମଲୀଳା ନାଟ୍ୟ ସଂସଦର ସ୍ୱେଚ୍ଛାସେବୀ ଏହି ଦାୟିତ୍ୱ ତୁଲାଇଛନ୍ତି। ହରଭଙ୍ଗା ବ୍ଲକ ଝାଡ୍ରାଜିଙ୍ଗସ୍ଥିତ ବୃଦ୍ଧାଶ୍ରମ ଅନ୍ତେବାସୀ ତଥା ବୌଦ୍ଧ ସହର ୧୦ନମ୍ବର ୱାର୍ଡର ୭୮ ବର୍ଷିୟ କୁନ୍ତଳା ନାୟକଙ୍କ ଗୁରୁବାର ସକାଳ ୬ଟାରେ ଦେହାନ୍ତ ହୋଇଯାଇଥିଲା। କୁନ୍ତଳା ଅବିବାହିତ ଥିଲେ। ତାଙ୍କ ପରିବାରରେ ମଧ୍ୟ କେହି ନାହାନ୍ତି।



















# ନୂଆବର୍ଷରେ ଯୋଗମାୟା ପୀଠ ଲୋକାରଣ୍ୟ





କେସିଙ୍ଗା, ୧।୧ (ସମିସ): କଳାହାଣ୍ଡି ଜିଲ୍ଲାର ଅନ୍ୟତମ ପ୍ରମୁଖ ଦର୍ଶନୀୟ ସ୍ଥାନ କେସିଙ୍ଗା ବ୍ଲକ୍ ଗୁର୍ଜୀମୁଣ୍ଡା ସ୍ଥିତ ମାଁ ଯୋଗମାୟା ପୀଠରେ ପିକନିକ୍ ଋତୁରେ ଜମୁଛି ବଣଭୋଜି ପ୍ରେମୀଙ୍କ ଭିଡ଼। ଚଳିତ ବର୍ଷ ନଭେମ୍ବର ମାସ ର ଶେଷ ସପ୍ତାହରୁ ପ୍ରବଳ ଶୀତ ଅନୁଭୂତି ହେଉଥିବା ବେଳେ ଭୋଜି ପ୍ରେମୀଙ୍କ ଭିଡ ଜମିବାରେ ଲାଗିଛି। କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ର ବିରିପୁରା ପାହାଡ଼ ର ପାଦଦେଶରେ ଅବସ୍ଥିତ ମାଁ ଯୋଗମାୟା ଙ୍କ ଶକ୍ତି ପୀଠରେ ବଣଭୋଜି ପାଇଁ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ପ୍ରତିବର୍ଷ ଜାନୁୟାରୀ ମାସ ୧ ତାରିଖ ଦିନ ବଣଭୋଜି ପାଇଁ ରାଜ୍ୟ ତଥା ପଡୋଶୀ ରାଜ୍ୟରୁ ମଧ ପର୍ଯ୍ୟଟକମାନେ ଆସୁଥିବାର ଦେଖିବାକୁ ମିଳୁଛି।ପ୍ରାକୃତିକ ପରିବେଶରେ ଭରପୁର ଉକ୍ତ ପୀଠ ଭବାନୀପାଟଣା କେସିଙ୍ଗା ଏନ୍‌ଏଚ ୨୬ ଖଜୁରିପଡା ଛକ ଠାରୁ ୬ କିମି କେସିଙ୍ଗା ରେଳ ଷ୍ଟେସନ ଠାରୁ ୮ କିମି ଓ ଉତ୍କେଲା ବିମାନ ବନ୍ଦରରୁ ମାତ୍ର ୫ କିମି ଦୂରରେ ଅବସ୍ଥିତ। ପ୍ରଶାସନ ପକ୍ଷରୁ ସୁନ୍ଦର ରାସ୍ତା ସହିତ ମନ୍ଦିର ଟ୍ରଷ୍ଟ ପକ୍ଷରୁ ପୀଠରେ ବଣଭୋଜି ପାଇଁ ସମସ୍ତ ଆନୁସାଙ୍ଗିକ ବ୍ୟବସ୍ଥା ଯଥା ବଣଭୋଜି ପାଇଁ ସ୍ଥାନ ନିରୂପଣ,ପାଣିର ବ୍ୟବସ୍ଥା ବସିବା ପାଇଁ ସ୍ଥାନେ ସ୍ଥାନେ ଆକର୍ଷଣୀୟ ଟେବୁଲ୍ ପର୍ଯ୍ୟଟକଙ୍କୁ ମାଁଙ୍କ ପୀଠକୁ ଟାଣି ନେଉଛି। ପ୍ରାକୃତିକ ପରିବେଶର ଆନନ୍ଦ ସାଙ୍ଗକୁ ପୀଠରେ ମାଁଙ୍କ ଦର୍ଶନ କରି ମାଁ ଯୋଗମାୟାଙ୍କ ଆର୍ଶୀବାଦ ନେଇଥାନ୍ତି।ସେପଟେ ପୀଠରୁ ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଦେବଗୁମ୍ଫା ପର୍ଯ୍ୟଟକଙ୍କୁ ଟାଣି ଆଣିଥାଏ ଗୁମ୍ଫା ରେ ଥିବା ବିରାଟ କାୟ ଶିବଲିଙ୍ଗ ଦର୍ଶନ ପାଇଁ ଯାହାର ଉତ୍ପତ୍ତି ୧୯୯୬ ମସିହାରେ ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଏ।ପ୍ରତିଦିନ ଶହ ଶହ ସଂଖ୍ୟାରେ ପର୍ଯ୍ୟଟକ ମାଁଙ୍କ ପୀଠକୁ ଆସୁଥିବାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ ଅନେକ ଭିତ୍ତିଭୂମିର ବିକାଶ କାମ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ସରକାରୀ ଅନୁଦାନ ସମୁଦ୍ରକୁ ଶଙ୍ଖେ ପାଣି ବୋଲି ଲାଗୁଛି। କିଛି ଦିନ ତଳେ ମାଁ ଙ୍କ ପୀଠରେ ଏକ ସୁନ୍ଦର ସେଲ୍ଫୀ ପଏଣ୍ଟ ମଧ ଉଦ୍‌ଘାଟନ ହୋଇଛି। ସରକାର ନିଜର ସୁଦୃଷ୍ଟି ଉକ୍ତ ଦୈବୀ ପୀଠରେ ପକାଇଲେ ଆଗାମୀ ଦିନରେ ଜିଲ୍ଲା କାହିଁକି ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ନିଜର ନାମ ଲିପିବଦ୍ଧ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

## ଦେବଦେବୀଙ୍କ ପୀଠ ଉତ୍ସବମୁଖର



ଗୋଲାମୁଣ୍ଡା, ୧।୧ (ସମିସ): ଲୋକେ ୨୦୨୫ ବର୍ଷକୁ ବିଦାୟ ଜଣାଇ ଇଂରାଜୀ ନୂତନ ବର୍ଷ ୨୦୨୬କୁ ସ୍ୱାଗତ ଜଣାଇଛନ୍ତି। ଏନେଇ ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ବାଜା ବଜାଇ,ବାଣ ଫୁଟାଇ, ନାଚ,ଗୀତ ସହ ଲୋକେ ୨୦୨୬ ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି।ଏହି ଅବସରରେ ଲୋକେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ମଧ ଧୁମ୍‌ଧାମରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି। ନୂତନ ବର୍ଷ ପାଇଁ ଗୋଲାମୁଣ୍ଡା ଅଞ୍ଚଳରେ ଥିବା ବିଭିନ୍ନ ଦେବା ଦେବୀଙ୍କ ଶକ୍ତି ପୀଠରେ ଲୋକଙ୍କ ପ୍ରବଳ ଭିଡ ଲାଗି ରହିଥିଲା। ଭକ୍ତ ଓ ଶ୍ରଦ୍ଧାଳୁମାନେ ଅନେକ ଶୁଭକାମନା ନେଇ ନୂଆଁ ବର୍ଷ ଦିନ ବିଭିନ୍ନ ଦେବଦେବୀ ପୀଠରେ ପୂଜାର୍ଚ୍ଚନା କରିବା ସକାଶେ ସକାଳୁ ଭିଡ ଲଗାଇଥିଲେ। ଗୋଲାମୁଣ୍ଡାର ଶିବ ମନ୍ଦିର,ଜଗନ୍ନାଥ ମନ୍ଦିର,ମଙ୍ଗଳା ମନ୍ଦିର, ମାନଝରି ର ଶିବ ମନ୍ଦିର,ଚପ୍ରାୟାର ଜଳେଶ୍ୱର ମନ୍ଦିର, ତୁମୁରାର ଜଗନ୍ନାଥ ମନ୍ଦିର,ମହାଲିଙ୍ଗର ଜଗନ୍ନାଥ ମନ୍ଦିର,ଲେତେର ଶିବ ମନ୍ଦିର ,କରଞ୍ଜାକୋଟର ଶିବ ମନ୍ଦିର, ଗଡଳାଝରନର ଶୈବ ପୀଠ,କମଳାବାରିର ଶିବ ମନ୍ଦିର,କେନ୍ଦୁମୁଣ୍ଡି ର ତାରିଣୀ ପୀଠ ସହିତ ଅଞ୍ଚଳରେ ରହିଥିବା ଅନେକ ଦେବା ଦେବୀଙ୍କ ପୀଠରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

## ଡୋକରୀଚଞ୍ଚରା-‘କରକ’ ସବୁଠି ଜମିଲା ଭିଡ଼


କୋକସରା,୧।୧(ସମିସ): ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର ହେଉଛି କଳାହାଣ୍ଡି। ଯେଉଁଠି ପାହାଡ, ଜଙ୍ଗଲ,ନଦୀ,ଝରଣା ସହ ପ୍ରକୃତି ଏକା ସାଙ୍ଗରେ ଦୃଶ୍ୟମାନ ହୁଏ। କୋକସରା ବ୍ଲକ୍ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଥିବା ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ପର୍ଯ୍ୟଟନସ୍ଥଳୀ ଗୁଡହାଣ୍ଡି ଡୋକରୀ ଚଞ୍ଚରା, ଆମପାଣିର “କରକ’ ଜଳପ୍ରପାତ ଓ ଡୁଡୁକାଠେଙ୍ଗା ପଞ୍ଚାୟତ ମୁଗୁନାପଦର ନିକଟରେ ଥିବା ବେହେରା ଡ୍ୟାମ୍ ଠାରେ ଗୁରୁବାର ନୂଆବର୍ଷ ଅବସରରେ ହଜାର ହଜାର ସଂଖ୍ୟାରେ ପିକନିକ୍ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିଲା। ପର୍ଯ୍ୟଟନସ୍ଥଳୀ ଡୋକରୀ ଚଞ୍ଚରାଠାରେ ପିକନିକ୍ ପାଇଁ ଆସିଥିବା ପର୍ଯ୍ୟଟକମାନେ ନାଚଗୀତ କରିବା ସହ ସେଲଫି ଉଠାଇ ମଜା ନେଇ ଥିଲେ। ସେହିପରି ଝରଣାର କୁଳୁକୁଳୁ ହୋଇ ବୋହି ଯାଉଥିବା ଜଳରାଶି, ଜଙ୍ଗଲି ପକ୍ଷୀମାନଙ୍କ ମନମିତାଣିଆ ସ୍ୱରରେ ଭରପୁର ଆନନ୍ଦ ଉଠାଇବା ସହ ଏଠାକାର ପ୍ରାକୃତିକ ଝରଣାର ବୋହି ଆସୁଥିବା ଜଳରାଶିରେ ପର୍ଯ୍ୟଟନମାନେ ଗାଧୋଇବା ସହ ବେଶ୍ ମଜା ନେଇଥିଲେ। ସେହିପରି ବେହେରା ଡ୍ୟାମ୍ ଠାରେ ମଧ ପର୍ଯ୍ୟଟକଙ୍କ ଭିଡ଼ ଯମିଥିଲା।ଆମପାଣି “କରକ’ ଜଳ ପ୍ରପାତରେ ମଧ ନୂଆ ବର୍ଷରେ ଶହ ଶହ ଲୋକେ ଭିଡ଼ ହୋଇଥିଲା। ବ୍ଲକ୍‌ର ଗୋତମୁଣ୍ଡା ସ୍ଥିତ ଅଠର ନଳା, କନ୍ଦାଗଡ ନିକଟରେ ଥିବା ମୋଡୋସିଲ ଭଳି ଅନେକ ସ୍ଥାନରେ ମଧ ପିକନିକ୍ ପାର୍ଟିର ଭିଡ଼ ଦେଖିବାକୁ ମିଳିଥିବା ବେଳେ ସ୍ଥାନୀୟ ଲୋକମାନେ ପିକନିକ୍ କରିଥିବା ଦେଖିବାକୁ ମିଳିଥିଲା।



## କାର୍-ବାଇକ୍ ମୁହାଁମୁହିଁ ଧକ୍କା; ଜଣେ ଗୁରୁତର

କୋକସରା,୧।୧(ସମିସ): ୨୬ ନମ୍ବର ଜାତୀୟ ରାଜପଥର କୋକସରା ନିକଟରେ ଗୁରୁବାର କାର୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କୋକସରା ଗ୍ରାମର ଗୋପାଳ ରାଉତ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। କୋକସରା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଆର୍ଟିଗା କାର ଓ ବାଇକ୍‌କୁ ଜବତ କରିବା ସହ ଆର୍ଟିଗା କାର ଡ୍ରାଇଭରକୁ ଅଟକ ରଖିଥିବା ସୂଚନା ମିଳିଛି।

## ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ବାର୍ଷିକ ଉତ୍ସବ




ଭବାନୀପାଟଣା,୧।୧(ସମିସ): ଭବାନୀପାଟଣା ହିଲ୍ ଟାଉନ୍ ସିଭିଲ୍ ସୋସାଇଟିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ମୁଖ୍ୟଅତିଥି ଭାବେ କଳାହାଣ୍ଡି ଜିଲ୍ଲାପାଳ ପୱାର ସଚିନ୍ ପ୍ରକାଶ,ବିଶିଷ୍ଟଅତିଥିଭାରତୀୟପ୍ରଶାସନିକସେବାଅଧିକାରୀଅନିମେଶପ୍ରଧାନ, ମୁଖ୍ୟବକ୍ତା ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭବାନୀପାଟଣା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ହିଲଟାଉନରେ ଲାଗି ରହିଥିବା ଜଳବନ୍ଦୀ ସମସ୍ୟା ଦୂରୀକରଣ ଦିଗରେ କାମ କରିବେ ବୋଲି ମତପ୍ରକାଶ କରିଥିଲେ। ସୋସାଇଟିର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମଲ୍‌ହାର କଳାକେନ୍ଦ୍ର ଭବାନୀପାଟଣା ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରଯାଇଥିଲା। ସଂପାଦକ ଜିତେନ୍ଦ୍ର କୁମାର ମୁଣ୍ଡ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବ୍ରହ୍ମାନନ୍ଦ ସାମଲଙ୍କ ଶିଶୁ କବିତା ସଂକଳନ ‘ଚାରିଚାନ୍ଦ’ ଉନ୍ମୋଚନ କରାଯାଇଥିଲା। ଏଥିସହ ଅନ୍ତର୍ଜାତୀୟ ପର୍ବତାରୋହୀ ଯୋଗବ୍ୟାସ ଭୋଇ, ଲୋକପ୍ରିୟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ପଲଉ ପ୍ରଧାନ ଓ ବିଶିଷ୍ଟ ଲେଖିକା ସ୍ନେହଲତା ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।ଏହି ଅବସରରେ ଶିଶୁ ଚିତ୍ରକଳା ପ୍ରଦର୍ଶନୀ ସୋସାଇଟିର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହାକୁ ପ୍ରଫେସର ବିପିନ ବିହାରୀ ପଣ୍ଡା ଉଦଘାଟନ କରିଥିଲେ। ଉତ୍ସବରେ ୭୫ ବର୍ଷରୁ ଅଧିକ ବୟସର ବରିଷ୍ଠ ସଦସ୍ୟମାନଙ୍କୁ ପୂଜ୍ୟପୂଜା, ପୁରସ୍କାର ବଣ୍ଟନ,ନବବିବାହିତ ଦମ୍ପତିଙ୍କୁ ସମ୍ବର୍ଦ୍ଧନା ଓ ନୂତନ ସଦସ୍ୟଙ୍କୁ ସ୍ୱାଗତ କରାଯାଇଥିଲା।ଉପାଧ୍ୟକ୍ଷ ଗଣପତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉତ୍ସବରେ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ସେଁପୁର ଧନୁଯାତ୍ରା ଉଦ୍‌ଯାପିତ



ଭବାନୀପାଟଣା,୧।୧(ସମିସ): ଭବାନୀପାଟଣା ସଦର ବ୍ଲକ୍ ସେଁପୁର ଠାରେ ଅନୁଷ୍ଠିତ ସେଁପୁର ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ ଭବାନୀପାଟଣା ବିଧାୟକଙ୍କ ପ୍ରତିନିଧି ଧନୁ ଗହୀର ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ଦୟାନିଧି ନାଏକ, କୁଞ୍ଜବିହାରୀ ସାହୁ, ନରେଶ ସାହୁ, କେଦାର ସାହୁ, ଆଲୋକ ପଟେଲଙ୍କ ସମେତ ସଭାପତି ମାନଗୋବିନ୍ଦ ମାଝୀ, ଉପସଭାପତି ସୁଶାନ୍ତ ମାଝୀ,ସମ୍ପାଦକ ଭାଗ୍ୟବାନ ସାହୁ,କୋଷାଧକ୍ଷ କିଶୋର ସାହୁ,ଯୁଗ୍ମ ସମ୍ପାଦକ ଜିତେନ୍ ବାଗ,ମୁଖ୍ୟ ଉପଦେଷ୍ଟା ରାଜେଶ ପ୍ରସାଦ ସାହୁ, ସୁଧାଂଶୁ ଶେଖର ସାହୁ,ବାଳ କ୍ରିଷ୍ଣା ପାରି,ପଙ୍କଜ ବାଗ,ଫଟୁଲାଲ ବାଗ,ବାଞ୍ଛାନିଧି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।ହାସ୍ୟ ଅଭିନେତା ଚନ୍ଦନ ଶତପଥି ରଜନୀର ମୁଖ୍ୟ ଆକର୍ଷଣ ଥିଲେ। ଦରବାର ଓ ଶ୍ରୀକୃଷ୍ଣଙ୍କ ହସ୍ତରେ କଂସ ବଧ ମଞ୍ଚସ୍ଥ ହୋଇଥିଲା। କୃଷ୍ଣ ଭୂମିକାରେ ଦେବାଂଶୁ ଗହୀର ଏବଂ ବଳରାମ ଭୂମିକାରେ ନିଖିଳ ବାଗ ଅଭିନୟ କରିଥିଲେ। ଧନୁଯାତ୍ରା କମିଟିର ସମସ୍ତ ସଦସ୍ୟ, ଗ୍ରାମବାସୀ ସହଯୋଗ କରିଥିଲେ।

### କଳାହାଣ୍ଡି ଲେଖକ କଳା ପରିଷଦର ବନାନୀ କବି ସମ୍ମିଳନୀ

## ସାହିତ୍ୟ ଓ ପ୍ରକୃତି ଜୀବନବୋଧର ସ୍ୱର୍ଗୀୟ ଅନୁଭବ

ଭବାନୀପାଟଣା,୧।୧(ସମିସ): ଆତ୍ମନିଷ୍ଠ ମନୋଭାବ ତଥା ସୁବିପୁଳ ଅନୁଭୂତି ସାମ୍ପ୍ରତିକ ଓଡ଼ିଆ କବିତାକୁ କରିଛି ରସପୂର୍ଣ୍ଣ ଓ ମନୋଜ୍ଞ ଏବଂ ପ୍ରାଣବନ୍ତ। ପ୍ରକୃତିକୁନେଇ ସାହିତ୍ୟ ହେଉଛି ଗଭୀର ଜୀବନବୋଧର ସ୍ୱର୍ଗୀୟ ଅନୁଭବରେ ପରିପୂର୍ଣ୍ଣ।ପ୍ରକୃତିର ଶାନ୍ତ, ସରଳ ଓ କମନୀୟ ପରିବେଶ ସାରସ୍ୱତ ସାଧନା ପାଇଁ ନିରବ ଆଶ୍ରମଟିଏ ପାଲଟିଯାଏ। ପ୍ରକୃତି ଓ ସାହିତ୍ୟ ଉଭୟେ ପରିବର୍ତ୍ତନର ଦୀପ ଜାଳନ୍ତି ବୋଲି କଳାହାଣ୍ଡି ଲେଖକ କଳା ପରିଷଦର ‘ବନାନୀ କବି ସମ୍ମିଳନୀ’ଅବସରରେ ମତ ପ୍ରକାଶ ପାଇଛି। ଭବାନୀପାଟଣା ସହର ଉପକଣ୍ଠ ଭବାନୀପୁର ଆମ୍ରକୁଞ୍ଜଠାରେ ଅନୁଷ୍ଠିତ ସାରସ୍ୱତ କାର୍ଯ୍ୟକ୍ରମରେ ଉମେଶ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତ୍ୟ କରିଥିବାବେଳେ ଟିଟିଲାଗଡ଼ର ବିଶିଷ୍ଟ ସାହିତ୍ୟିକ ଗଜାନନ ମିଶ୍ର ମୁଖ୍ୟ ଅତିଥି, ସଂଗୀତ ମହାବିଦ୍ୟାଳୟର ଅଧକ୍ଷ ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର ଓ ସାହିତ୍ୟିକ ଜ୍ୟୋତି ପ୍ରକାଶ ଗଡ଼ତ୍ୟା ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଇ ଅବସରରେ ଗୀତିକାର ଯୁଗଳ କିଶୋର ଯୋଷୀ ସ୍ମୃତି ସମ୍ମାନରେ ବରିଷ୍ଠ ସାହିତ୍ୟିକ ରାଜୀବ ଲୋଚନ ପାଢ଼ୀ, ଟିଟିଲାଗଡ଼ଙ୍କୁ ସମ୍ମାନିତ କରାଯାଇଥିଲା।ଜିଲ୍ଲାର ବିଭିନ୍ନ ଅଂଚଳରୁ ୬୦ରୁ ଊର୍ଦ୍ଧ୍ୱ କବି ଯୋଗଦେଇ ଇଂରାଜୀ ନବବର୍ଷ ଓ ପ୍ରକୃତିକୁ ନେଇ ସ୍ୱରଚିତ କବିତାବୃତ୍ତି କରିଥିଲେ। ବନାନୀ କବି ସମ୍ମିଳନୀକୁ ସମୃଦ୍ଧ ଓ ରୁଦ୍ଧିମନ୍ତ କରିବା ଦିଗରେ ବହୁ ସାରସ୍ୱତ ସୃଜନଶୀଳ ସାହିତ୍ୟ ସାଧକଙ୍କ ନିରବଛିନ୍ନ ଅବଦାନ ଅବିସ୍ମରଣୀୟଏବଂଅତୁଳନୀୟ। ପରିଷଦର ସାହିତ୍ୟ ପତ୍ରିକା ‘ସାଗର’ ଲୋକାର୍ପିତ ହୋଇଥିଲା।ସମ୍ପାଦକ ଭବନାଥ ରାୟଗୁରୁ ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଗୁରୁ ସୁଧୀର ଚନ୍ଦ୍ର ପଣ୍ଡା, ଗୁରୁ ଚିତ୍ତ ରଞ୍ଜନ ପଣ୍ଡା ଓ ଗୁରୁ ନରେନ୍ଦ୍ର ପଣ୍ଡାଙ୍କ ପରିଚାଳନାରେ ପରିଷଦ ପରିଚାଳିତ ସଙ୍ଗୀତ ମହାବିଦ୍ୟାଳୟର ସସ୍ମିତା, ରୋଜି, ଲିପ୍ସା, ବୈଷ୍ଣବୀ, କାଜଲ, ସାଗରିକା ଓ ନିକିତା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଯୁଗଳ କିଶୋର ଯୋଷୀ ଓ ସୁରେନ୍ଦ୍ର ପଣ୍ଡା ଗୀତ ରଚନା କରିଥିଲେ।

କାର୍ଯ୍ୟକ୍ରମରେ ଗୋପାଳ ସାହୁ, ସନ୍ତୋଷ ରଥ, ଶୁଭେନ୍ଦୁ ମହାପାତ୍ର, ତାପସ ପଟେଲ ପ୍ରମୁଖ ସହଯୋଗ କରିଥିବା ବେଳେ କୋଷାଧକ୍ଷ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



### ଏକଲବ୍ୟ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

## ‘କ୍ରୀଡ଼ା ଜୀବନ ଜୀଇଁବାର କୌଶଳ ଶିଖାଏ’



ନୂଆପଡ଼ା, ୧।୧ (ସମିସ): ସ୍ଥାନୀୟ ଏକଲବ୍ୟ ଆବାସୀକ ବିଦ୍ୟାଳୟରେ ୧୦ତମ ବାର୍ଷିକ ହର୍ଷ ଉଲ୍ଲାସର ସହ ଉଦଯାପିତ ହୋଇଯାଇଛି। ସ୍କୁଲ ଅଧକ୍ଷା ବିକେ. ରଶ୍ମିତାଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଏସଡିପିଓ ସ୍ୱାଧୀନ ମିଶ୍ର,ଜିଲ୍ଲା ସାମ୍ବାଦିକ ସଂଘ (ଜାନ) ସଭାପତି ଘନଶ୍ୟାମ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟଅତିଥି ମିଶ୍ର ବିଦ୍ୟାଳୟରେ କ୍ରୀଡା ଉତ୍ସବର ଆବଶ୍ୟକତା ଉପରେ ମାର୍ଗ ଦର୍ଶନ କରିଥିଲେ। କ୍ରୀଡା ଆମକୁ ମାନସିକ ଏବଂ ଶାରୀରିକ ସ୍ତରରେ ସୁସ୍ଥ ଏବଂ ଦକ୍ଷ କରିବା ସହ ଜିଇଁବାର କୌଶଳ ଶିଖାଇଥାଏ ବୋଲି କହିଥିଲେ।ସୂଚନା ଯୋଗ୍ୟ ଯେ ତିନିଦିନ ଧରି ଚାଲିଥିବା କ୍ରୀଡା ଉତ୍ସବରେ ଜୁନିୟର ଏବଂ ସିନିୟର ବର୍ଗରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ହୋଇଥିଲା । ସିନିୟର ବର୍ଗରେ ପଦ୍ମନ ଶବର ଏବଂ ଜୁନିୟରରେ ବାପୁନ ଶବର ଚାମ୍ପିୟନ ବିବେଚିତ ହୋଇଥିଲେ। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶେଷରେ ଉତ୍ସବର ସମାପନ ଘୋଷଣା କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଶିବାନନ୍ଦ ରାଉତରାୟ ମଞ୍ଚ ପରିଚାଳନା କରିଥିବା ବେଳେ ପଙ୍କଜ ଶୁକ୍ଳା ଧନ୍ୟବାଦ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡା ଶିକ୍ଷକ ତୋଫାନ ବଳ ଏବଂ ସଲମାନ ଅଲି ଖେଳ ପରିଚାଳନା କରିଥିଲେ। ସମସ୍ତ ଶିକ୍ଷକ,ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

### କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ

## ‘ପରିବେଶ ସୁରକ୍ଷା, ନିଶାମୁକ୍ତ ସମାଜ ସମସ୍ତଙ୍କ ଲକ୍ଷ୍ୟ ହେଉ’

କୋକସରା,୧।୧(ସମିସ): କାଳୀକୃଷ୍ଣ ସଂଘର ସଂକଳ୍ପ ଦିବସ-୨୦୨୬ ଜୟପାଟଣା ବ୍ଲକ୍ ଉଛଳା ପଞ୍ଚାୟତ ଖଏରଭାଡିରେ ପାଳିତ ହୋଇଛି। ସଂଘର ପ୍ରତିଷ୍ଠାତା ସଦଗୁରୁଦେବ ସତ୍ୟାନନ୍ଦ ସରସ୍ୱତୀ ମହାରାଜଙ୍କ ଉଦ୍ଧିପିକାରେ କହିଛନ୍ତି-“ନିଶାମୁକ୍ତ ଜୀବନ ଦୁଃଖମୁକ୍ତ ଜୀବନ”। ଏହି ଉକ୍ତି ତଥା ପ୍ରାକୃତିକ ବିପର୍ଯ୍ୟୟରୁ ମୁକାବିଲା ପାଇଁ ମହାଯଜ୍ଞ ଆୟୋଜନ, ବ୍ୟାପକ ସଂଖ୍ୟାରେ ବୃକ୍ଷରୋପଣ କରି ପର୍ଯ୍ୟାବରଣର ସନ୍ତୁଳନ ରଖିବାକୁ ପ୍ରେରଣା ଦେଇଛନ୍ତି। ଶ୍ରୀଗୁରୁଙ୍କର ଏହି ମାନବୀୟ ମୂଲ୍ୟବୋଧର ସୁରକ୍ଷା ନିମନ୍ତେ ପ୍ରତିବର୍ଷ ଜାନୁଆରୀ ପହିଲାକୁ ସଂକଳ୍ପ ଦିବସ ଭାବରେ କାଳୀକୃଷ୍ଣ ସଂଘ ପାଳନ କରି ବିଭିନ୍ନ ପ୍ରକାରର ସଚେତନତା ଉଦ୍ଦେଶ୍ୟରେ ସଂକଳ୍ପ କରି ବର୍ଷ ତମାମ କାର୍ଯ୍ୟକ୍ରମ କରାଯାଇଥାଏ। ନିଶାମୁକ୍ତ ବ୍ୟକ୍ତି ପରିବାର ଓ ସୁସ୍ଥ ସମାଜ ଗଠନରେ ସହାୟକ ହୋଇଥାଏ। ପ୍ରକୃତିର ସୁରକ୍ଷା ଓ ଆଧାରିକତା ଦିଏ ଶୃଙ୍ଖଳା ସହ ନିଶାମୁକ୍ତ ହେବା ପାଇଁ ଦୃଢ ସଂକଳ୍ପ। ବୃକ୍ଷ ରୋପଣ, ନିଶାମୁକ୍ତ ଓ ଆଧାତ୍ମିକତା ପ୍ରତି ଆକୃଷ୍ଟ ହେବାକୁ ଯୁବପିଢୀକୁ କାଳୀକୃଷ୍ଣ ସଂଘ ପରିଚାଳକ ଶ୍ରୀଜଗଦାନନ୍ଦଜୀ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂଜ୍ୟ ଶ୍ରୀଜଗଦାନନ୍ଦଜୀ ବୃକ୍ଷରୋପଣ କରିବା ସହିତ ବିଶ୍ୱ ଶାନ୍ତି, ପରିବାର କଲ୍ୟାଣ ଓ ଆଧାତ୍ମିକ ଆନନ୍ଦ ନିମନ୍ତେ ଆୟୋଜିତ ୧୦୦୮ ଦୀପ ଯଜ୍ଞ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ।



ସଂକଳ୍ପ ଦିବସ ସଭାରେ କାଳୀକୃଷ୍ଣ ସଂଘ ପ୍ରମୁଖ ଜଗଦାନନ୍ଦଜୀ, ବେଦବ୍ରହ୍ମା ସରୋଜାନନ୍ଦଜୀ, ପୂଜ୍ୟ ଜଗଦାନନ୍ଦଜୀଙ୍କ ଆଦଜ ଅଥର୍ବ ବାବା ମଞ୍ଚାସୀନ ଥିଲେ। କାଳୀକୃଷ୍ଣ ସଂଘର ୪୩ତମ ବାର୍ଷିକ ଉତ୍ସବ ତଥା ଶଶ୍ରୀ ମହାବିଷ୍ଣୁ ଯଜ୍ଞ ଜୁନାଗଡ ବ୍ଲକ୍ କଳାହାଣ୍ଡି ଜିଲ୍ଲାର ନକଟିଗୁଡା ଠାରେ ମାର୍ଚ୍ଚ ୧୭ରୁ ୨୦ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଆୟୋଜିତ ହେବ। କାର୍ଯ୍ୟକ୍ରମ ପରିଚାଳନାରେ ସଂଘୀୟ ପୁଷ୍ପାକାଚାର୍ଯ୍ୟ ଅଭୟନାନ୍ଦ, କ୍ରିୟାନନ୍ଦ, ପ୍ରିୟାନନ୍ଦ,ମାଧବାନନ୍ଦ, ଶ୍ରୀ ମୁକୁନ୍ଦାନନ୍ଦ, ଲକ୍ଷ୍ମୀକାନ୍ତ ଖମାରୀ, ଜିତେନ୍ଦ୍ର ପଣ୍ଡା, ତନୁକଲାଲ ନାଗ, ନବୀନ ରାଉତ , କାଳୀକୃଷ୍ଣ ବାହିନୀ, ପ୍ରଜ୍ଞା ବାହିନୀ, ମିଡିଆ ସେଲ ସହଯୋଗ କରିଥିବାବେଳେ ଖଏରଭାଡି ଶାଖା ସଂଘର ସଭାପତି ଛବିଲାଲ ରାଉତ,ସଂପାଦକ ଜଗନ୍ନାଥ ରାଉତ ସମେତ ଶାଖା ସଂଘର ଶିଷ୍ୟ ଶିଷ୍ୟା ଓ ଖଏରଭାଡିବାସୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାରୁ କାଳୀକୃଷ୍ଣ ଶାଖା ସଂଘର ସଭାପତି, ସଂପାଦକ ସମେତ ଭାଇ, ଭଉଣୀମାନେ ଉପସ୍ଥିତ ଥିଲେ।

### ସରକାରୀ ଜମିରେ ବେଆଇନ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ

## ୫ରୁ ବିଜୁ ଏକ୍ସପ୍ରେସ୍ ୱେ’ରେ ଧାରଣା

ନୂଆପଡ଼ା,୧।୧(ସମିସ): ନୂଆପଡ଼ା ଜିଲ୍ଲାର ବିଜୁ ଏକ୍ସପ୍ରେସ ରାସ୍ତା କଡ଼ରେ ବିଭିନ୍ନ ଛକ ଜାଗାମାନଙ୍କରେ ଜମି ମାଫିଆମାନେ ଚକ୍ରାନ୍ତ କରି ଜବରଦଖଲକୁ ନେଇ ଦୋକାନ ଗୃହ ନିର୍ମାଣ କରି ଚାଲିଛନ୍ତି। ଜନସାଧାରଣ ବିଭାଗୀୟଅଧିକାରୀଙ୍କ ଦ୍ୱାରସ୍ଥ ହେଉଥିଲେ ହେଁ କୌଣସି ସୁଫଳ ମିଳୁନାହିଁ। ଏଭଳି ଜବରଦଖଲ ନୂଆପଡା -ସୋହେଲା ବିଜୁ ଏକ୍ସପ୍ରେସ ରାସ୍ତାରେ ଜୁନାନୀ/ହରିପୁର ଛକ ନିକଟରେ ହୋଇଛି। ହରିପୁର ଛକରେ ବେଆଇନ ଗୃହ ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ଏନେଇ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିବା ବେଳେ କାର୍ଯ୍ୟାନୁଷ୍ଠାନ ନହେଲେ ଆସନ୍ତା ୫ରୁ ହରିପୁର ଛକରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ନୂଆପଡ଼ା ବ୍ଲକ୍ ଗୋଡ଼ଫୁଲା ପଞ୍ଚାୟତ ଜୁନାନୀ/ହରିପୁର ଛକ ନିକଟରେ ଥିବା ବିଜୁ ଏକ୍ସପ୍ରେସ ରାସ୍ତାରେ ସରକାରୀ ଜମି ଜବରଦଖଲରେ ରହିଛି। ସରକାରୀ ଜାଗାକୁ ଖରିଆରରୋଡର ଜଣେ ବ୍ୟକ୍ତି କବଜାକରି ମାର୍କେଟ କମ୍ପେଲକ୍ସ ନିର୍ମାଣ କରୁଛନ୍ତି।

ଜୁନାନୀ ଓ ହରିପୁର ଗ୍ରାମବାସୀ ବାରମ୍ବାର ମନା କରିବା ସତ୍ତ୍ୱେ ସମ୍ପୃକ୍ତ ବ୍ୟକ୍ତି କାହାରି କଥାକୁ ନ ନମାନି ରାତି ଅଧିଆ ଗୃହ ନିର୍ମାଣ କରି ଚାଲିଛନ୍ତି।ଏହାକୁ ନେଇ ଗାଁରେ ବୈଠକ ବସିଥିଲା। ଗାଁ ଲୋକେ ସମସ୍ତେ ବିରୋଧ କରିବା ସହ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହେବାକୁ ନିଷ୍ପତି ନେଇଥିଲେ। ଏବାବଦରେ ଅଭିଯୋଗ ପତ୍ର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି।ଗ୍ରାମ୍ୟ ଉନ୍ନୟନ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ନୂଆପଡ଼ା, ସହକାରୀ ନିର୍ବାହୀଯନ୍ତ୍ରୀ ଓ ଖଡ଼ିଆଳ ମୁଖ୍ୟ ନିର୍ବାହୀଯନ୍ତ୍ରୀ ସମେତ ନୂଆପଡ଼ା ଥାନାକୁ ଲିଖିତ ଭାବେ ଜଣାଇଛନ୍ତି। ନିର୍ମାଣାଧୀନ ବେଆଇନ କମ୍ପେଲକ୍ସ କାମ ବନ୍ଦ ନକଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗୋଡ଼ଫୁଲା ପୂର୍ବତନ ସରପଞ୍ଚ ହରି ମାଝି,କୃଷ୍ଣଚନ୍ଦ୍ର ଖର୍ସେଲ, ପୂର୍ବତନ ସମିତିସଭ୍ୟ ପିତାମ୍ବର ଖର୍ସେଲ,ନାଏବ ସରପଞ୍ଚ ମିଳାଭ କେଉଟ,ୱାଡମେମ୍ବର ସାଧନା ବନଛୋର,ସୁଲୋଚନା ହଂସ, ରତନ ମାଝି, ରବି ମାଝି,ରଜୋ ବେମାଲ, ଇନ୍ଦ୍ରମଣି ପୁଞ୍ଜି,ଚମରୁ ଛତ୍ରିଆ, ବିଶ୍ୱମ୍ବର ଶିବକା,ନିର୍ମଳ ହଂସ, ପଦ୍ମ ଖର୍ସେଲ ପ୍ରମୁଖ ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଚେତାବନୀ ଦେଇଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଆମେ ପରସ୍ପରର ପରିପୂରକ ବୋଲି ଭୁଲି ଯାଇଥିବାରୁ ବିଶ୍ୱରେ ଶାନ୍ତି ବ୍ୟାହତ ହେଉଛି।
-ମଦର ଟେରେସା

## ଭ୍ୟାକ୍‌ସିନ୍ ଭୟ

ଅମୃତ ଯଦି ବିଷ ପାଲଟେ, ଔଷଧ ଯଦି ରୋଗ ସୃଷ୍ଟି କରେ, ଟିକା ଯଦି ସଂକ୍ରମଣକୁ ଜନ୍ମ ଦିଏ ତେବେ ଅତ୍ୟାଧୁନିକ ଭେଷଜ ବିଜ୍ଞାନ ଯୁଗରେ ଏହାକୁ କେବଳ ଏକ ବିଡ଼ମ୍ବନା ନୁହେଁ, ବ୍ୟତିକ୍ରମ ବୋଲି କହିବାକୁ ହେବ। ଦୁର୍ଭାଗ୍ୟବଶତଃ ଏଭଳି ଏକ ଅଲୋଡ଼ା ବ୍ୟତିକ୍ରମ ଓ ବିଡ଼ମ୍ବନା ସହିତ ଭାରତର ନାମ ପୁଣି ଥରେ ଯୋଡ଼ି ହୋଇଯାଇଛି। ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ବଜାରରେ ବିକ୍ରି ହେଉଥିବା ଭାରତରେ ଉତ୍ପାଦିତ 'ଅଭୟରାବ୍' ନାମକ ଏକ ଆଣ୍ଟିରାବିଜ୍ ଟିକା(କୁକୁର, ବିରାଡ଼ି, ବିଲୁଆ, ବାଦୁଡ଼ି, ମାଙ୍କଡ଼ ଆଦି ପ୍ରାଣୀ କାମୁଡ଼ା ଜନିତ ପ୍ରାଣଘାତୀ ସଂକ୍ରମଣରୁ ସୁରକ୍ଷା ପାଇଁ ପ୍ରତିଷେଧକ) ନେଇ ସେଠାକାର କେତେକ ବ୍ୟକ୍ତି ସଂକ୍ରମଣର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଏପରିକି ଯେଉଁମାନେ ପ୍ରତିଷେଧକ ରୂପେ ଆଗୁଆ 'ଅଭୟରାବ୍' ନେଇସାରିଛନ୍ତି ସେମାନେ ଟିକା ପ୍ରଭାବକୁ କାଟିବା ପାଇଁ ତୁରନ୍ତ ଡାକ୍ତରୀ ଚିକିତ୍ସା କରାଇବାକୁ ଅଷ୍ଟ୍ରେଲିଆ ସମେତ ଇଂଲଣ୍ଡ ଓ ଆମେରିକାର ସ୍ୱାସ୍ଥ୍ୟ ବିଭାଗ ଜରୁରୀ ପରାମର୍ଶ ଦେଇଛି। ଏପରିକି ଭାରତରୁ ସେଠାକୁ ଯାଉଥିବା ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ସମ୍ପୃକ୍ତ ଦେଶର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟମାନେ ମାର୍ଗଦର୍ଶିକା ଜାରି କରିଥିବା ସୂଚନା ମିଳିଛି।

ସାଂଘାତିକ ତଥା ଉଦ୍‌ବେଗଜନକ ତଥ୍ୟ ହେଲା ଏହି ଟିକା ପ୍ରସ୍ତୁତକାରୀ କମ୍ପାନୀ 'ହ୍ୟୁମାନ୍ ବାୟୋଲଜିକାଲ୍ ଇନ୍‌ଷ୍ଟିଚ୍ୟୁଟ୍' ହେଉଛି ଏକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ। ଗତ ନଭେମ୍ବର ମାସରୁ 'ଅଭୟରାବ୍'ର କେତେକ ନକଲି ବା ଭେଜାଲ୍ ଟିକା ଭାରତର ବିଭିନ୍ନ ସହରର ଔଷଧ ବଜାରକୁ ଆସିଥିବା ଜଣାପଡ଼ିବା ପରେ ଆମେରିକାର 'ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ ପ୍ରିଭେନ୍ସନ୍' ପକ୍ଷରୁ ଭାରତୀୟ ପର୍ଯ୍ୟଟକଙ୍କ ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ବିଶେଷକରି ଗତ ଅକ୍ଟୋବର ମାସରୁ ଆମେରିକା ଆସିଥିବା ଭାରତୀୟ ପର୍ଯ୍ୟଟକମାନେ 'ଅଭୟରାବ୍' ନେଇଛନ୍ତି କି ନାହିଁ ତାହାର ଯାଞ୍ଚ କରିବାକୁ ଆମେରିକାରେ କଡ଼ା ନିର୍ଦ୍ଦେଶ ଦିଆଯାଇଛି।

ଏଠାରେ ଦୁଇଟି ପ୍ରସଙ୍ଗ ଉଦ୍‌ବେଗ ସୃଷ୍ଟି କରୁଛି। ପାଶ୍ଚାତ୍ୟ ଦେଶମାନେ 'ଅଭୟରାବ୍' ଭେଜାଲ୍ ହୋଇଥିବା ବ୍ୟାଚ୍‌ର ଘାତକ ଚରିତ୍ର ବିଷୟରେ ସତର୍କ ସୂଚନା ଜାରି କରିସାରିଥିବା ବେଳେ ଭାରତରେ ସେଭଳି ନିଷ୍ଠା ଦେଖାଯାଇନାହିଁ। ଯେଉଁ ପୀଡ଼ିତମାନେ ଉକ୍ତ ବିବାଦୀୟ ବ୍ୟାଚ୍‌ର ଟିକା ନେଇସାରିଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ୍ୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇନାହାନ୍ତି। ଦ୍ୱିତୀୟ ପ୍ରସଙ୍ଗଟି ସାମଗ୍ରିକ ଭାବେ ଦେଶର ଭାବମୂର୍ତ୍ତି, ବିଶ୍ୱସନୀୟତା ଓ ଅର୍ଥନୀତି ସହିତ ଜଡ଼ିତ। ଭାରତୀୟ ଔଷଧ ନିର୍ମାତାଙ୍କ କଫ୍‌ ଶିରପ୍ ଖାଇ ୨୦୨୪ରେ ଆଫ୍ରିକୀୟ ରାଷ୍ଟ୍ର ଗାମ୍ବିଆରେ ୬୬ ପିଲାଙ୍କର ମୃତ୍ୟୁ ଘଟଣା ପରେ ଉକ୍ତ ଔଷଧର ବ୍ୟବହାର ଓ ବିକ୍ରିବଟା ଉପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଥିଲା। କିନ୍ତୁ ଏହି ଘଟଣା ପରେ ଭାରତର ଔଷଧର ମାନ ଯାଞ୍ଚ ଲାଗି ଥିବା କର୍ତ୍ତୃପକ୍ଷ ଯେତିକି ତତ୍ପର ହେବା କଥା ସେଥିରେ ବୋଧହୁଏ ଅଭାବ ରହିଗଲା। ତେଣୁ ଏବେ ପୁଣି ଟିକା କ୍ଷେତ୍ରରେ ଭାରତ ଅପବାଦ ମୁଣ୍ଡାଇଛି।

କମ୍ପାନୀ ପକ୍ଷରୁ (୭କଇ୨୪୦୧୪) ବ୍ୟାଚ୍‌ର ନକଲି ଟିକା ବଜାରରେ ବିକ୍ରି ହୋଇଥିôବା ସ୍ୱୀକାର କରିଥିବା ବେଳେ ଏ ସମ୍ପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ସ୍ପଷ୍ଟୀକରଣ ଦେଇଛି। 'ଅଭୟରାବ୍' ଭାରତୀୟ ଟିକା ବଜାରରେ ୪୦% ଅଂଶ ଦଖଲ କରିଛି। ତେଣୁ ଯେଉଁମାନେ ସେହି ଟିକା ନେଇସାରିଛନ୍ତି ସେମାନଙ୍କ ଭାଗ୍ୟ ଓ ଭବିଷ୍ୟତ କେବଳ ଭଗବାନଙ୍କ ଭରସାରେ ରହିଛି। ଅପରପକ୍ଷରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସୂଚନା ଅନୁଯାୟୀ ଅଭିଯୋଗ ମିଳିବା ମାତ୍ରେ ଦିଲ୍ଲୀ, ମୁମ୍ବାଇ, ଆଗ୍ରାର ଔଷଧ ବଜାରରେ ଚଢ଼ଉ କରାଯାଇଥିଲା ଏବଂ 'ଅଭୟରାବ୍'ର ଉକ୍ତ ବ୍ୟାଚ୍‌ର ସମସ୍ତ ଔଷଧକୁ ଜବତ କରାଯାଇଥିଲା। କିନ୍ତୁ ପରୀକ୍ଷା ପରେ ସେଥିରେ ସେଭଳି କିଛି ହାନିକାରକ କିମ୍ବା ଭେଜାଲ୍ ଉପାଦାନ ନଥିବା ଜଣାପଡ଼ିଥିଲା। ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ପାଶ୍ଚାତ୍ୟ ବିକଶିତ ଦେଶମାନେ ଯାହାକୁ ଉଦ୍‌ବେଗଜନକ ଭାବେ ଚିହ୍ନିତ କରିଛନ୍ତି ତାହାକୁ ଭାରତୀୟ କର୍ତ୍ତୃପକ୍ଷ ନିର୍ଭେଜାଲ୍ ପ୍ରମାଣପତ୍ର ଦେଇଦେଲେ କିପରି। ହୁଏତ ଏଥିସହିତ ଦେଶର ଭାବମୂର୍ତ୍ତି ଓ ଅର୍ଥନୀତି ଜଡ଼ିତ ଥିବାରୁ କର୍ତ୍ତୃପକ୍ଷ ଚାପରେ 'ଅଭୟରାବ୍'ର ଉକ୍ତ ବିବାଦୀୟ ବ୍ୟାଚ୍‌କୁ ଅପବାଦମୁକ୍ତ କରିଦେଇଥାଇ ପାରନ୍ତି।

ଆମ ଦେଶର ଔଷଧ ବଜାରର କାରବାର ବାର୍ଷିକ ପ୍ରାୟ ୫୦୦୦ କୋଟି ଡଲାର। ଭାରତ ମଧ୍ୟ ବିଶ୍ୱର ସର୍ବାଧିକ ଜେନେରିକ୍(ମୌଳିକ ଔଷଧ) ଔଷଧ ପ୍ରସ୍ତୁତ କରେ, ଯାହା ଆନ୍ତର୍ଜାତିକ ଆବଶ୍ୟକତାର ୨୦ପ୍ରତିଶତ। କଠୋର ନିୟାମକ ଓ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟରେ ଆମ ଦେଶରେ ଔଷଧ ଓ ଟିକା ଉତ୍ପାଦିତ ହୋଇଥାଏ। ଗୁଣାତ୍ମକମାନ ଦୃଷ୍ଟିରୁ ଉତ୍କୃଷ୍ଟ ଓ ମୂଲ୍ୟ ଦୃଷ୍ଟିରୁ ସୁଲଭ ରହୁଥିବାରୁ ବିଦେଶରେ ଭାରତୀୟ ଔଷଧ ଓ ଟିକାର ଚାହିଦା ଅଧିକ। ଆନ୍ତର୍ଜାତିକ ଔଷଧ ଗୁଣାତ୍ମକମାନ ନିୟନ୍ତ୍ରଣ ସଂସ୍ଥା ଏବଂ ବିଭିନ୍ନ ଦେଶର ସମ୍ପୃକ୍ତ ସଂଗଠନଗୁଡ଼ିକ ଦ୍ୱାରା ଭାରତୀୟ ଔଷଧର ଗୁଣ, ମାନ ଓ ନିରାପତ୍ତା ଅନୁମୋଦିତ। କୋଭିଡ୍, ଏଡ୍ସ ଓ ବିଭିନ୍ନ ଭୂତାଣୁଜନିତ ରୋଗ ସଂକ୍ରମଣ ପ୍ରତିରୋଧକାରୀ ଔଷଧ ଏବଂ ଟିକା ଉତ୍ପାଦନରେ ଭାରତ ବିଶ୍ୱରେ ଏକନମ୍ବର ମାନ୍ୟତା ହାସଲ କରିଛି। କିନ୍ତୁ ଯେତେବେଳେ ନାମୀଦାମୀ ବ୍ରାଣ୍ଡର ଉତ୍ପାଦ ନିମ୍ନମାନର କିମ୍ବା ବିଷାକ୍ତ କିମ୍ବା ଭେଜାଲ୍ ବୋଲି ଜଣାପଡୁଛି ସେତେବେଳେ ଭାରତର ପ୍ରତିଷ୍ଠା ଓ ଭରସା ଉପରେ ଆଞ୍ଚ ଆସୁଛି। ଥରେ ଭରସା ତୁଟିଲେ ସୁଧାର ଆଣିବା ସହଜ ନୁହେଁ।

ସବୁ ପ୍ରତିକାର ଓ ନିୟନ୍ତ୍ରଣ ବ୍ୟବସ୍ଥା ସତ୍ତ୍ୱେ କିଛି ଅସାଧୁ ବ୍ୟବସାୟୀ ଓ ଉତ୍ପାଦନକାରୀ ନକଲି ଔଷଧ କାରବାର ଭଳି ଅମାନବୀୟ କାର୍ଯ୍ୟକଳାପରେ ଜଡ଼ିତ ଅଛନ୍ତି। ନକଲି ଔଷଧ ବିକ୍ରି ହେଉଥିବା ଜଣାପଡ଼ିବା ପରେ ଚିରାଚରିତ ଢଙ୍ଗରେ ଘଟଣାର ତଦନ୍ତ ହେଉଛି। କିନ୍ତୁ ଏହାର ଯେପରି ପୁନରାବୃତ୍ତି ନ ହେବ ସେ ଦିଗରେ ଦୃଢ଼ ପଦକ୍ଷେପ ନିଆ ନ ଯାଉଥିବାରୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଏ ଦିଗରେ ମଧ୍ୟ ସରକାର ଦୃଢ଼ ଆଇନ ପ୍ରଣୟନ କରିବା ଦିଗରେ ଚିନ୍ତା କରିବାର ସମୟ ଆସିଯାଇଛି। ମାନବ ଜୀବନର ସୁରକ୍ଷା ସର୍ବୋପରି। ●

## ସ୍ୱତନ୍ତ୍ର କ୍ଷମତା ଓ ବେତନ ବୃଦ୍ଧିର ଯଥାର୍ଥତା

**ସୌଭାଗ୍ୟ ସୁନ୍ଦରରାୟ**

ଗତ ୪ ବର୍ଷ ମଧ୍ୟରେ ସର୍ବୋଚ୍ଚ ନ୍ୟାୟାଳୟର କର୍ମଚାରୀମାନେ ନିୟମିତ ବର୍ଦ୍ଧିତ ବେତନ ବ୍ୟତିରେକ ୩ରୁ ୬ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ହାରରେ ବର୍ଦ୍ଧିତ ଭତ୍ତା ପାଇଛନ୍ତି। ଏପରିକି ଗୋଟିଏ ବର୍ଷରେ ଜଣେଜଣେ କର୍ମଚାରୀଙ୍କୁ ୨ରୁ ୩ କିସ୍ତି ପର୍ଯ୍ୟନ୍ତ ଅତିରିକ୍ତ ଭତ୍ତା ପ୍ରଦାନ କରାଯାଇଛି। ଫଳରେ କର୍ମଚାରୀଙ୍କ ବେତନ ସ୍ୱାଭାବିକ ଦରମା ହାରଠାରୁ ପ୍ରାୟ ୧୫୦% ବୃଦ୍ଧି ପାଇଛି। ତେବେ ଏହା କିପରି ସମ୍ଭବ? ଏଇଥିପାଇଁ ସମ୍ଭବ ଯେ, ଏ ବାବଦରେ ପ୍ରଧାନ ବିଚାରପତିଙ୍କ ଇଚ୍ଛାଧୀନ କ୍ଷମତା ରହିଛି। ନିକଟରେ ଅବସର ଗ୍ରହଣ କରିଥିବା ପ୍ରଧାନ ବିଚାରପତି ବି.ଆର ଗଭାଇଙ୍କ ଦୃଷ୍ଟିକୁ ଏହି ବିଷୟ ଆସିଥିଲା। ଫଳରେ ସର୍ବୋଚ୍ଚ ନ୍ୟାୟାଳୟର ସମସ୍ତ ବିଚାରପତିଙ୍କୁ ନେଇ ପୂର୍ଣ୍ଣାଙ୍ଗ ଅଦାଲତରେ ଏ ବିଷୟର ତର୍ଜମା କରାଯାଇଥିଲା ଏବଂ ଅତିରିକ୍ତ ବେତନ ହାର ରଦ୍ଦ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଷୟର ତର୍ଜମା କରୁଥିବା ଅଧିକାଂଶ ବିଚାରପତି ଅନୁଭବ କରିଥିଲେ ଯେ, ସର୍ବୋଚ୍ଚ ନ୍ୟାୟାଳୟ ଏକ ରାଜତନ୍ତ୍ର ନୁହେଁ କି ପ୍ରଧାନ ବିଚାରପତି ରାଜା ନୁହନ୍ତି। ଏହି ନିଷ୍ପତ୍ତି ପରେ ହଠାତ୍ କର୍ମଚାରୀଙ୍କ ଦରମା ହ୍ରାସ ପାଇବାରୁ ଏ ବିଷୟଟି ଲୋକଲୋଚନକୁ ଆସିଲା। ଏଣିକି ସର୍ବୋଚ୍ଚ ନ୍ୟାୟାଳୟ କର୍ମଚାରୀଙ୍କ ଦରମା ବୃଦ୍ଧି ନିଷ୍ପତ୍ତି ଏକାକୀ ପ୍ରଧାନ ବିଚାରପତି ନେଇପାରିବେ ନାହିଁ। ସମସ୍ତ ବିଚାରପତି ମିଳିତ ଭାବେ ଏ ବାବଦରେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି।

ଏବେ ଓଡ଼ିଶା ବିଧାନସଭା ସଦସ୍ୟଙ୍କ ଦରମା ବୃଦ୍ଧି ପ୍ରସଙ୍ଗକୁ ଆସିବା। ଓଡ଼ିଶା ବିଧାନସଭା ଇତିମଧ୍ୟରେ ଗୃହର ସଦସ୍ୟଙ୍କ ଦରମା ପ୍ରାୟ ୩ ଗୁଣ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ୩ ଲକ୍ଷ ୭୪ ହଜାର, ବାଚସ୍ପତି ଓ ଉପମୁଖ୍ୟମନ୍ତ୍ରୀ ୩ ଲକ୍ଷ ୬୮ ହଜାର, କ୍ୟାବିନେଟ ମନ୍ତ୍ରୀ, ବିରୋଧୀ ଦଳ ନେତା, ସରକାରୀ ମୁଖ୍ୟ ସଚେତକ ୩ ଲକ୍ଷ ୬୨ ହଜାର ଟଙ୍କା ବେତନ ପାଇବେ। ଏହା ହେଲା ବିଧାନସଭାର ଇଚ୍ଛାଧୀନ କ୍ଷମତା। ବିଧାୟକମାନଙ୍କୁ ସର୍ବାଧିକ ପରିମାଣର ବେତନ ପ୍ରଦାନ କରିବାରେ ଓଡ଼ିଶା ଏବେ ଦେଶର ୧ ନମ୍ବର ରାଜ୍ୟ। ବିଧାନସଭା ବାଚସ୍ପତିଙ୍କ ଦ୍ୱାରା ଗଠିତ ୧୧ ଜଣିଆ କମିଟିର ସୁପାରିସକ୍ରମେ ଦଳମତ ନିର୍ବିଶେଷରେ ସମସ୍ତ ବିଧାୟକ ଏହାକୁ ସମର୍ଥନ କରିଥିଲେ। ବିରୋଧୀ ଦଳ ନେତା ବର୍ଦ୍ଧିତ ଦରମା ନେବାକୁ ମନା କରିଥିଲେ। କମିଟିର ସଦସ୍ୟ ଥିବା ଲକ୍ଷ୍ମଣ ମୁଣ୍ଡା ଅତ୍ୟଧିକ ଦରମା ବୃଦ୍ଧିକୁ ନାପସନ୍ଦ କରିଥିଲେ। ବିଜେପି ବିଧାୟକ ଜୟ ନାରାୟଣ ମିଶ୍ରଙ୍କ ପାଇଁ ବର୍ଦ୍ଧିତ ବେତନ ହାର କମ୍ ଥିଲା। ପରେ ଦେଖାଗଲା ଯେ ବିଜେପି ଓ ବିଜେଡି ବିଧାୟକମାନେ ଏହି ବେତନ ବୃଦ୍ଧିକୁ ନାପସନ୍ଦ କଲେ। ତା' ହାଲେ ଏହି ବିଲ ଗୃହରେ କିପରି ଗୃହୀତ ହେଲା? ଦିଲ୍ଲୀ ଚାପରେ ବୋଧହୁଏ ବିଜେପି ବିଧାୟକଗଣ ଏବେ ବେତନ ବୃଦ୍ଧିର ପୁନର୍ବିଚାର କଥା ଉଠାଇଛନ୍ତି।

ପ୍ରଥମତଃ, ବିଧାୟକମାନେ ନିଜକୁ ଜନସେବକ ବୋଲି କହୁଛନ୍ତି। ସେମାନେ ବିଧାନସଭାରେ ସାଧାରଣ ଜନତାଙ୍କ ପ୍ରତିନିଧିତ୍ୱ କରିଥା'ନ୍ତି। କେଉଁ କାରଣ ପାଇଁ ଜନସେବକଙ୍କ ନିମନ୍ତେ ଦରମା ନିଅଣ୍ଟ ହେଉଛି ଏହି ପରିପ୍ରେକ୍ଷୀରେ ତାହାର ତର୍ଜମା ହେବାର ଆବଶ୍ୟକତା ରହିଛି। ନିର୍ବାଚନମଣ୍ଡଳୀର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ବିଧାୟକମାନେ କାହିଁକି ଟଙ୍କା ବାଣ୍ଟନ୍ତି? ଏହା ଭୋଟ ବ୍ୟାଙ୍କ ଓ କର୍ମୀଙ୍କୁ ଧରି ରଖିବା ପାଇଁ ଉଦ୍ଦିଷ୍ଟ ବୋଲି ମନେହୁଏ।

ଉପରୋକ୍ତ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଉଛି ଯେ ଏସବୁ ଇଚ୍ଛାଧୀନ ବ୍ୟବସ୍ଥାର ଦୁରୁପଯୋଗ। ଆମର ସାମ୍ବିଧାନିକ ଓ ପ୍ରଶାସନିକ ବ୍ୟବସ୍ଥାରେ ଇଚ୍ଛାଧୀନ କ୍ଷମତା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯାଇଛି। ଏହି ଇଚ୍ଛାଧୀନ କ୍ଷମତାଟି କ'ଣ ତାହା ଆଲୋଚନା କରାଯିବାର ସମୟ ଏବେ ଆସିଛି। ଯାହା ଜଣାଯାଏ ଏକ ଜରୁରୀ ପରିସ୍ଥିତିର ମୁକାବିଲା ବା ସମାଜର ବୃହତ୍ତର କଲ୍ୟାଣ ଦୃଷ୍ଟିରୁ ଇଚ୍ଛାଧୀନ କ୍ଷମତା ବଳରେ ନିଷ୍ପତ୍ତି ନିଆଯିବା ନିମନ୍ତେ ଏହି ବ୍ୟବସ୍ଥାଟି ରହିଛି। କିନ୍ତୁ ଦେଖାଯାଉଛି ଏହି କ୍ଷମତାର ପ୍ରୟୋଗ ଅବିଚାରିତ ଭାବେ କରାଯାଉଛି। ଇଚ୍ଛାଧୀନ କୋଟା ବଳରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରାଣାଳୟ ୨୦୦୦ ମସିହାରୁ ଯେଉଁ ପେଟ୍ରୋଲ ପମ୍ପ, ଏଲପିଜି ଓ କିରାସିନି ଏଜେନ୍ସି ବଣ୍ଟନ କରିଥିଲେ ୨୦୦୨ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ତାହାକୁ ରଦ୍ଦ କରିଥିଲେ। ସେତେବେଳେ ବ୍ୟବସ୍ଥାଗତ ସ୍ୱଚ୍ଛତା ପାଇଁ ଏହା କରାଯାଇଥିଲା। ଓଡ଼ିଶାରେ ମଧ୍ୟ ଅତୀତରେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀଙ୍କ ନିକଟରେ ଥିବା ଇଚ୍ଛାଧୀନ ଜମି ଆବଣ୍ଟନ କୋଟା କ୍ଷମତା ରଦ୍ଦ କରାଯାଇଛି।

ଏବେ ଦେଶରେ ପ୍ରାୟ ୨ କୋଟି ସରକାରୀ କର୍ମଚାରୀ କାର୍ଯ୍ୟରତ। ଏଥିମଧ୍ୟରୁ ୫୦ ଲକ୍ଷ କର୍ମଚାରୀ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଅବଶିଷ୍ଟ ବିଭିନ୍ନ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଛନ୍ତି। ଏହି କର୍ମଚାରୀମାନେ କ'ଣ ନିଜର ବେତନ ଧାର୍ଯ୍ୟ କରିପାରୁଛନ୍ତି? ପ୍ରତି ୧୦ ବର୍ଷରେ କର୍ମଚାରୀଙ୍କ ଦରମା ବୃଦ୍ଧିର ପରମ୍ପରା ରହିଛି। କର୍ମଚାରୀଙ୍କ ଶେଷ ଦରମା ବୃଦ୍ଧି ୨୦୧୬ ମସିହାରେ ହୋଇଥିଲା। ଏଣୁ ପରବର୍ତ୍ତୀ ଦରମା ବୃଦ୍ଧି ୨୦୨୬ ମସିହାରୁ ହେବା କଥା। ତାହା କାହିଁକି ହୋଇପାରୁ ନାହିଁ? ଏଥିପାଇଁ କିଛି ନିୟମାବଳୀ ରହିଛି। ମନ୍ତ୍ରିମଣ୍ଡଳର ଅନୁମୋଦନ, ବେତନ ଆୟୋଗ ଗଠନ, ଆୟୋଗର ସର୍ତ୍ତାବଳୀ, ଚୂଡ଼ାନ୍ତ ରିପୋର୍ଟ ପ୍ରଦାନ, ରିପୋର୍ଟ ଗ୍ରହଣ ଆଦି ଲମ୍ବା ପ୍ରଶାସନିକ ବ୍ୟବସ୍ଥା ରହିଛି।

ନିକଟରେ ୮ମ ବେତନ ଆୟୋଗ ଗଠନ ହୋଇଛି। ଏହାର ଅଧ୍ୟକ୍ଷ ରହିଛନ୍ତି ଅବସରପ୍ରାପ୍ତ ବିଚାରପତି ରଞ୍ଜନା ପ୍ରକାଶ ଦେଶାଇ। ସଦସ୍ୟ ଅଛନ୍ତି ପ୍ରଫେସର ପୁଲକ ଘୋଷ। ସଦସ୍ୟ ସଚିବ ଅଛନ୍ତି ପଙ୍କଜ ଜୈନ। ଏ ତିନି ଜଣଙ୍କ ମଧ୍ୟରେ ପଙ୍କଜ ଜୈନ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଓ ଜଣେ କର୍ମଚାରୀ। ତେବେ ଦରମା ବୃଦ୍ଧି ନିଷ୍ପତ୍ତି ନେବା ପ୍ରକ୍ରିୟାରେ ତାଙ୍କର ବିଶେଷ ଭୂମିକା ନାହିଁ। ସେ କେବଳ ସରକାରଙ୍କ ପକ୍ଷରୁ ଅନ୍ୟ ଦୁଇ ସଦସ୍ୟଙ୍କୁ ସହାୟତା କରିବେ। ଦୁଇ ସଦସ୍ୟଙ୍କ ମଧ୍ୟରୁ ଜଣେ ବିଚାର ବିଭାଗରୁ ଆସିଥିବା ବେଳେ ଅନ୍ୟଜଣେ ଶିକ୍ଷା ବିଭାଗରୁ ଆସିଛନ୍ତି। ପ୍ରଫେସର ଘୋଷ ଆଇଆଇଏମ, ବାଙ୍ଗାଲୋରର ଅଧ୍ୟାପକ। ଏ କ୍ଷେତ୍ରରେ ସମସ୍ତ ସଦସ୍ୟ ପଦବୀରେ ଯଦି ସରକାରୀ କର୍ମଚାରୀଙ୍କୁ ନିଆଯାଇଥା'ନ୍ତା ତା'ହେଲେ ସମସ୍ୟାଟି ଏଇଆ ହୋଇଥା'ନ୍ତା ଯେ, ସବୁ କର୍ମଚାରୀ-ସଦସ୍ୟ ନିଜ ସ୍ୱାର୍ଥ ନିମନ୍ତେ ଦରମା ହାର ଯଥେଷ୍ଟ ବୃଦ୍ଧି କରିବାକୁ ସୁପାରିସ କରି ଅବିଳମ୍ବେ ରିପୋର୍ଟ ଦାଖଲ କରିଥା'ନ୍ତେ। କିନ୍ତୁ ଆମର ବିଧି ବ୍ୟବସ୍ଥାରେ ତାହା ସମ୍ଭବ ନୁହେଁ। ବିଧାୟକଙ୍କ ଦରମା ବୃଦ୍ଧି ପାଇଁ ଗଠିତ କମିଟି କାହିଁକି ଅନୁରୂପ ହେଉନାହିଁ? କମିଟି ଗଠନ, ଅର୍ଥ ବିଭାଗର ମଞ୍ଜୁରୀ ଆଦି ବିଭିନ୍ନ ପ୍ରଶାସନିକ ବ୍ୟବସ୍ଥା। ଓଡ଼ିଶା ବିଧାୟକଙ୍କ ଶେଷ ଭତ୍ତା ବୃଦ୍ଧି ୨୦୧୭ ମସିହାରେ ହୋଇଥିଲା। କର୍ମଚାରୀଙ୍କ ଦରମା ମଧ୍ୟ ୨୦୧୬ ମସିହାରେ ହୋଇଥିଲା। ତା' ହେଲେ ବିଧାୟକଙ୍କ ଦରମା ଓ ଭତ୍ତା କେଉଁ ଆଧାରରେ ୮ ବର୍ଷରେ ୩ ଗୁଣ ବୃଦ୍ଧି ପାଇଲା? ତେଣୁ ସରକାରଙ୍କ ଦ୍ୱାରା ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ବିଧାନସଭା, ଲୋକସଭା ଓ ରାଜ୍ୟସଭା ସଦସ୍ୟଙ୍କ ବେତନ ଭତ୍ତା ନିର୍ଦ୍ଧାରଣର କରାଯିବାର ଆବଶ୍ୟକତା ରହିଛି।

ସମ୍ବିଧାନର ଧାରା ୧୪୨ରେ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଧାରା ୨୦୦ ଓ ୨୦୧ ରେ ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କୁ ମଧ୍ୟ ଅଖଣ୍ଡ କ୍ଷମତା ପ୍ରଦାନ କରାଯାଇଛି। ଏହି ଅଖଣ୍ଡ କ୍ଷମତାର ଅର୍ଥ କ'ଣ ଇଚ୍ଛାଧୀନ ବୋଲି ଧରିବାକୁ ପଡ଼ିବ? ଅର୍ଥାତ ରାଜ୍ୟପାଳ ଓ ରାଷ୍ଟ୍ରପତି ନିଜ ଇଚ୍ଛା ଅନୁଯାୟୀ ସମୟରେ ବିଧାନସଭା କିମ୍ବା ସଂସଦ ଅନୁମୋଦିତ ବିଲ ଅନୁମୋଦନ କରିବେ। ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଧାରା ୧୪୨କୁ ଇଚ୍ଛା ଅନୁଯାୟୀ ପ୍ରୟୋଗ କରପାରିବେ। ତାମିଲନାଡୁର ୧୦ଟି ବିଲ ଅନୁମୋଦିତ 'ଧରି ନିଆଗଲା' ବୋଲି ଧାରା ୧୪୨ର ପ୍ରୟୋଗ ବଳରେ ସର୍ବୋଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ଖଣ୍ଡପୀଠ ଯେଉଁ ରାୟ ଦେଲେ ତାହାକୁ ୫ ଜଣିଆ ଖଣ୍ଡପୀଠ ପରବର୍ତ୍ତୀ ଅବସ୍ଥାରେ ନାକଚ କରିଥିବା ଦେଖାଗଲା।

ଏଣୁ ଇଚ୍ଛାଧୀନ ବା ସ୍ୱତନ୍ତ୍ର କ୍ଷମତାକୁ ସୂକ୍ଷ୍ମ ଦୃଷ୍ଟିକୋଣରୁ ଦେଖାଯିବାର ଆବଶ୍ୟକତା ରହିଛି। ନ୍ୟାୟପାଳିକା, ବ୍ୟବସ୍ଥାପିକା ବା କାର୍ଯ୍ୟପାଳିକା ନିକଟରେ କିଛିକିଛି ସ୍ୱତନ୍ତ୍ର କ୍ଷମତା ରହିଛି। ଏହି ସ୍ୱତନ୍ତ୍ର କ୍ଷମତା ଯଦି ସମାଜ କଲ୍ୟାଣ ଦିଗରେ ଉପଯୋଗ ନହୋଇ ନିଜସ୍ୱ ବା ମୁଷ୍ଟିମେୟ ସ୍ୱାର୍ଥରେ ଉପଯୋଗ ହେବ ଏହାକୁ କ୍ଷମତାର ଦୁରୁପଯୋଗ ବୋଲି ଧରିବାକୁ ପଡ଼ିବ। ●

ବରିଷ୍ଠ ସାମ୍ବାଦିକ
କଟକ, ମୋ: ୯୪୩୭୨୨୯୨୩୩

## ସମ୍ପର୍କର ନୂଆ ଦିଗ

**ଡ. ସୁଶାନ୍ତ କୁମାର ପରିଡ଼ା**

ବିଶ୍ୱ ରାଜନୀତିରେ କେତେକ ରାଜିନାମା ଔପଚାରିକ ଥାଏ। ଆଉ କେତେକ ନୂଆ ଦିଗର ସୂଚନା ଦିଏ। ଇଥିଓପିଆ ସହିତ ଭାରତର ନୂତନ ଦ୍ୱିପାକ୍ଷିକ ସମ୍ପର୍କ ଏହି ଦ୍ୱିତୀୟ ପର୍ଯ୍ୟାୟର। ଶୀତଳ ଯୁଦ୍ଧ ପରେ ଭାରତ ଅଧିକ ଧ୍ୟାନ ଦେଇଥିଲା ଆମେରିକା, ୟୁରୋପ, ରୁଷ ଓ ପୂର୍ବ-ଏସିଆ ଉପରେ। କିନ୍ତୁ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ଭାରତ ଆଫ୍ରିକାକୁ ଭବିଷ୍ୟତର ଏକ ମୁଖ୍ୟ ସାଥୀ ଭାବରେ ଦେଖୁଛି।

ଭାରତ ଆଫ୍ରିକା ସହ କେବଳ ବ୍ୟବସାୟ କିମ୍ବା ସମ୍ପଦ ଉପରେ ଭିତ୍ତି କରି ସମ୍ପର୍କ ଗଢ଼ିବାକୁ ଚାହୁଁନାହିଁ; ଭାରତ ଚାହୁଁଛି ଦୀର୍ଘକାଳୀନ, ସମାନତାମୂଳକ ଓ ଆତ୍ମୀୟ ସମ୍ପର୍କ। ସାମ୍ପ୍ରତିକ ଭାରତୀୟ ବିଦେଶନୀତିର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ବ୍ୟକ୍ତିଗତ ସମ୍ପର୍କ ଓ ମାନବୀୟ ଭାବନାକୁ ଗୁରୁତ୍ୱ। ଇଥିଓପିଆ ଯାତ୍ରାରେ ମଧ୍ୟ ସେଇ ଭାବନା ପ୍ରକାଶ ପାଇଛି। ଭାରତ ନିଜକୁ 'ବଡ଼ ଭାଇ' ଭାବେ ପ୍ରସ୍ତୁତ କରୁନାହିଁ, ବରଂ 'ସହଯାତ୍ରୀ' ଭାବେ ପ୍ରସ୍ତୁତ କରୁଛି। ଇଥିଓପିଆ ଆଜି ଅର୍ଥନୀତିକୁ କୃଷି ଉପରୁ ଶିଳ୍ପ ଓ ସେବା କ୍ଷେତ୍ର ଦିଗକୁ ନେଇଯିବାକୁ ଚେଷ୍ଟା କରୁଛି। ରେଳପଥ, ସଡ଼କ, ବିଦ୍ୟୁତ, ଶିଳ୍ପ ପାର୍କ ଏହି ସବୁ କ୍ଷେତ୍ରରେ ବଡ଼ ନିବେଶ ଦରକାର। ଏଠି ଭାରତୀୟ କମ୍ପାନୀମାନଙ୍କ ପାଇଁ ଅନେକ ସୁଯୋଗ ରହିଛି। କିନ୍ତୁ ଭାରତର ଭୂମିକା କେବଳ ନିବେଶକ ଭାବରେ ନୁହେଁ। ଭାରତ ଇଥିଓପିଆକୁ ବୈଷୟିକ ସହଯୋଗ, ଦକ୍ଷତା ବିକାଶ ଓ ମାନବ ସମ୍ପଦ ତିଆରିରେ ସାହାଯ୍ୟ କରିପାରେ। ଆଇଟି, ଡିଜିଟାଲ ପେମେଣ୍ଟ, ଇ-ଗଭର୍ନାନ୍ସ ଓ ଷ୍ଟାର୍ଟଅପ୍ କ୍ଷେତ୍ରରେ ଭାରତର ଅନୁଭବ ଇଥିଓପିଆ ପାଇଁ ବହୁତ ମୂଲ୍ୟବାନ। ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଭାରତ ଏକ ଭରସାଯୋଗ୍ୟ ସାଥୀ। ଇଥିଓପିଆ ପରି ଦେଶରେ ଶସ୍ତା ଓ ଉଚ୍ଚ ଗୁଣମାନର ଔଷଧ ଏକ ବଡ଼ ଆବଶ୍ୟକତା, ଯାହାକୁ ଭାରତ ପୂରଣ କରିପାରେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଭାରତ ଆଡିସ୍ ଆବାବାର ମହାତ୍ମା ଗାନ୍ଧୀ



ହସ୍ପିଟାଲର କ୍ଷମତା ବୃଦ୍ଧିରେ ସହଯୋଗ କରିବ। ବିଶେଷତଃ ମାତୃ ସ୍ୱାସ୍ଥ୍ୟ ଓ ନବଜାତ ଶିଶୁ ସେବାକୁ ଆହୁରି ଉନ୍ନତ କରିବା ଉପରେ ଗୁରୁତ୍ୱ ଦିଆଯିବ। ଏହାଛଡ଼ା ଇଥିଓପିଆର ହଜାର ହଜାର ଛାତ୍ରଛାତ୍ରୀ ଆଜି ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପଢ଼ୁଛନ୍ତି। ସେମାନେ ଭବିଷ୍ୟତରେ ଦୁଇ ଦେଶ ମଧ୍ୟରେ ସେତୁ ଭାବେ କାମ କରିବେ। ତେଣୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଆଇସିସିଆର ଛାତ୍ରବୃତ୍ତି ସଂଖ୍ୟାକୁ ଦଇଗୁଣା କରାଯାଇଛି। ଆଇଟିଇସି କାର୍ଯ୍ୟକ୍ରମ ଅଧୀନରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶେଷ ସଂକ୍ଷିପ୍ତ ଅବଧିର ପାଠ୍ୟକ୍ରମ ଆରମ୍ଭ କରାଯିବ, ଯାହା ଇଥିଓପିଆର ଯୁବ ପେସାଦାରମାନଙ୍କୁ ଆଗାମୀ ପ୍ରଯୁକ୍ତି ପାଇଁ ପ୍ରସ୍ତୁତ କରିବ। ସାଂସ୍କୃତିକ ଦୃଷ୍ଟିରୁ ଭାରତ ଓ ଇଥିଓପିଆରେ ଅନେକ ସାଧାରଣତା ରହିଛି। ଧର୍ମୀୟ ବହୁବିଧତା, ପୁରାତନ ପରମ୍ପରା, ପରିବାରମୁଖୀ ସମାଜ ଏହି ସବୁ ଦିଗ ଦୁଇ ଦେଶକୁ ନିକଟ କରେ। ଏହି ସାଂସ୍କୃତିକ ସମ୍ପର୍କ ଆର୍ଥିକ ଓ ରାଜନୈତିକ ସମ୍ପର୍କକୁ ଅଧିକ ଦୃଢ଼ କରେ।

ଆଜି ଆଫ୍ରିକା ଉପରେ ବିଶ୍ୱର ସମସ୍ତ ବଡ଼ ଶକ୍ତିଙ୍କ ନଜର ରହିଛି। କେହି ଖଣିଜ ସମ୍ପଦ ପାଇଁ, କେହି ରଣନୀତିକ ଅଞ୍ଚଳ ପାଇଁ, କେହି ବଜାର ପାଇଁ। ଏମିତି ପରିସ୍ଥିତିରେ ଆଫ୍ରିକାକୁ ଏକ ସମାନତାମୂଳକ ସହଯୋଗୀ ଦରକାର। ଭାରତ ସେଇ ଭୂମିକା ନେବାକୁ ଚେଷ୍ଟା କରୁଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ 'କୌଶଳଗତ ସହଯୋଗ'(ଷ୍ଟ୍ରାଟେଜିକ୍ ପାର୍ଟନର) ମାନ୍ୟତା ଦିଆଯାଇଛି, ଯାହା ଦୁଇ ଦେଶର ମିତ୍ରତାରେ ଗୁରୁତ୍ୱପୂର୍ଣ୍ଣ ଭାବେ ପରିଗଣିତ କରାଯାଉଛି। ଇଥିଓପିଆର ବିଦେଶ ମନ୍ତ୍ରଣାଳୟରେ ଏକ ଡାଟା ସେଣ୍ଟର ସ୍ଥାପନ, ଜାତିସଂଘ ଶାନ୍ତିରକ୍ଷା କାର୍ଯ୍ୟରେ ପ୍ରଶିକ୍ଷଣ ସହଯୋଗ ଏବଂ କଷ୍ଟମ୍ସ କ୍ଷେତ୍ରରେ ପାରସ୍ପରିକ ପ୍ରଶାସନିକ ସହଯୋଗ ସମ୍ବନ୍ଧୀୟ ଚୁକ୍ତି ଦୁଇଦେଶ ମଧ୍ୟରେ ସ୍ୱାକ୍ଷର ହୋଇଛି। ଜି୨୦ କମନ୍ ଫ୍ରେମୱର୍କ ଅନୁସାରେ ଇଥିଓପିଆର ଋଣ ପୁନର୍ଗଠନ ସମ୍ବନ୍ଧୀୟ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି, ଯାହା ଭାରତ ଇଥିଓପିଆ ଆର୍ଥିକ ସହଯୋଗକୁ ଆହୁରି ମଜବୁତ କରିବ।

ଇଥିଓପିଆ ଆଫ୍ରିକାର ଏକ ବିଶେଷ ଦେଶ। ଏହା କେବେ ଉପନିବେଶ ହୋଇନଥିଲା। ଏହାର ଇତିହାସ, ସଂସ୍କୃତି ଓ ସ୍ୱାଭିମାନ ଆଫ୍ରିକାର ଅନ୍ୟାନ୍ୟ ଦେଶଙ୍କ ପାଇଁ ଏକ ପ୍ରେରଣା। ଆଫ୍ରିକୀୟ ସଂଘର ମୁଖ୍ୟାଳୟ ଆଡିସ୍ ଆବାବାରେ ଥିବା କାରଣରୁ ଇଥିଓପିଆ କେବଳ ଏକ ଦେଶ ନୁହେଁ, ସମ୍ପୂର୍ଣ୍ଣ ଆଫ୍ରିକାର ଏକ କୂଟନୀତିକ କେନ୍ଦ୍ର। ଏହି ପୃଷ୍ଠଭୂମିରେ ଭାରତ-ଇଥିଓପିଆ ସମ୍ପର୍କ ଉଭୟ ଦେଶ ଓ ବିଶ୍ୱ ରାଜନୀତି ପାଇଁ ଏକ ବିଶେଷ ଗୁରୁତ୍ୱ ବହନ କରେ। ଏହି ବୁଝାମଣା ଯଦି କାଗଜରେ ସୀମିତ ନ ରହି, କାର୍ଯ୍ୟରେ ପରିଣତ ହୁଏ, ତେବେ ଏହା କେବଳ ଦୁଇ ଦେଶ ପାଇଁ ନୁହେଁ, ସମ୍ପୂର୍ଣ୍ଣ ବିକାଶଶୀଳ ବିଶ୍ୱ ପାଇଁ ଏକ ଉଦାହରଣ ହେବ। ଭାରତ ଓ ଇଥିଓପିଆ ଦୁଇଟି ଦେଶ ଯଦି ସମାନତା, ସମ୍ମାନ ଓ ଭରସା ଉପରେ ଭିତ୍ତି କରି ଆଗକୁ ବଢ଼ନ୍ତି, ତେବେ ଏହି ସମ୍ପର୍କ ଆଗାମୀ ଦଶକରେ ଆଫ୍ରିକାଏସିଆ ସହଯୋଗର ଏକ ମଡେଲ୍ ହୋଇଉଠିପାରିବ। ●

(ବିଭାଗୀୟ ମୁଖ୍ୟ, ଲୋକନାଥ ମହାବିଦ୍ୟାଳୟ)
ପାଟକୁରା(କେନ୍ଦ୍ରାପଡ଼ା), ମୋ: ୯୪୩୭୨୧୦୪୫୮

## କୋଣ୍ଡାଲା ରାୟଡୁ ଓ ବିଚ୍ଛା ମଜାର୍

**ଓଜସ୍ୱିନୀ**

ବିଚିତ୍ର ବିଶ୍ୱାସ

*ପୂର୍ବପ୍ରକାଶିତ ଉତ୍ତାରୁ...*

ବିଚ୍ଛାପୂଜନ ସମ୍ପର୍କିତ ଅନ୍ୟ ଏକ ମନ୍ଦିର ଆନ୍ଧ୍ରପ୍ରଦେଶର କୁରନୁଲ୍ ଜିଲ୍ଲାର କୋଡ୍ଡୁମୁରୁରେ ଅଛି, ଯେଉଁଠାରେ ଭକ୍ତମାନେ ଜୀବନ୍ତ ବିଚ୍ଛାକୁ ନେଇ ଠାକୁରଙ୍କୁ ଅର୍ପଣ କରନ୍ତି। କୋଡ୍ଡୁମୁରୁର ପାହାଡ଼ ଶିଖରରେ ଥିବା ଏହି ମନ୍ଦିର 'କୋଣ୍ଡାଲା ରାୟଡୁ' ନାମରେ ପ୍ରସିଦ୍ଧ। ଏହି ମନ୍ଦିର ଭଗବାନ ଭେଙ୍କଟେଶ୍ୱର ସ୍ୱାମୀଙ୍କୁ ସମର୍ପିତ। ଠାକୁରଙ୍କୁ ଜୀବନ୍ତ ବିଚ୍ଛା ଅର୍ପଣ କଲେ ଆଶୁ ମନସ୍କାମନା ପୂରଣ ହେଉଥିବାର ବିଶ୍ୱାସ କରାଯାଏ। ତେଣୁ ଶ୍ରଦ୍ଧାଳୁମାନେ ମନ୍ଦିରକୁ ଆସିବା ପୂର୍ବରୁ ପାହାଡ଼ ଉପରକୁ ଯାଇ ଜୀବନ୍ତ ବିଚ୍ଛା ଖୋଜି ହାତରେ ଧରି ମନ୍ଦିରକୁ ଆସନ୍ତି। ବିଚ୍ଛାକୁ ଧରିବା ପାଇଁ କୌଣସି ବସ୍ତୁର ଉପଯୋଗ ମଧ୍ୟ ହୁଏନାହିଁ। ଠାକୁରଙ୍କ କୃପାରୁ ବିଚ୍ଛା ସେମାନଙ୍କର କୌଣସି କ୍ଷତି କରନ୍ତି ନାହିଁ ବୋଲି ଭକ୍ତମାନେ କୁହନ୍ତି। ଭକ୍ତମାନଙ୍କ ବିଶ୍ୱାସ ଏତେ ଗଭୀର ଯେ, ଆଜିପର୍ଯ୍ୟନ୍ତ ସେଭଳି କୌଣସି ପ୍ରତିକୂଳ ଘଟଣା ଦେଖିବାକୁ ମିଳିନାହିଁ। ତେଣୁ ପିଲାମାନେ ମଧ୍ୟ ହାତରେ ବିଚ୍ଛା ଧରି ମନ୍ଦିରକୁ ଯାଉଥିବାର ଦେଖିବାକୁ ମିଳେ। ଏହି ପରମ୍ପରା କାହିଁ କେଉଁ କାଳରୁ ଚାଲିଆସୁଛି। ଶ୍ରାବଣ ମାସର ତୃତୀୟ ସୋମବାରରେ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ପରିଲକ୍ଷିତ ହୋଇଥାଏ।

ସେହିଭଳି ଉତ୍ତର ପ୍ରଦେଶର ଅମରୋହାଠାରେ ଥିବା ହଜରତ ଶାହ ବିଲାୟତ ନାମକ ଦର୍‌ଗାହରେ ମଧ୍ୟ ଅସଂଖ୍ୟ ବିଚ୍ଛା ଦେଖାଯାଆନ୍ତି। ଏଠାକୁ ଆସୁଥିବା ଲୋକମାନଙ୍କ ପାଦ ପାଖରେ ସେହିସବୁ ବିଷାକ୍ତ ବିଚ୍ଛାଗୁଡ଼ିକ ବିଚରଣ କରୁଥିଲେ ମଧ୍ୟ କେହି ଭୟଭୀତ ହୁଅନ୍ତି ନାହିଁ। ସେଠାରେ ଥିବା ବିଚ୍ଛାଗୁଡ଼ିକ ବିଗତ ୮୦୦ ବର୍ଷ ଧରି ବଞ୍ଚି ରହିଛନ୍ତି ଏବଂ କାହାକୁ ଦଂଶନ କରନ୍ତି ନାହିଁ ବୋଲି କୁହାଯାଏ। ଏହି ଦର୍‌ଗାହର ଅନ୍ୟ ଏକ ବିଶେଷତ୍ୱ ହେଉଛି, ଏଠାକୁ ବାହାରର କୌଣସି ବିଚ୍ଛା ଆସିଯିବା ପରେ ତା'ର ସ୍ୱଭାବରେ ଆପେ ଆପେ ପରିବର୍ତ୍ତନ ହୋଇଯାଏ। କେହି ମଧ୍ୟ କୌଣସି ବିଚ୍ଛାକୁ ବିନା ଅନୁମତିରେ ବାହାରକୁ ନେଇପାରିବେ ନାହିଁ ବୋଲି ନିୟମ ରହିଛି। ତେଣୁ ଲୋକମାନେ ଏହି ସ୍ଥାନକୁ 'ବିଚ୍ଛା ମଜାର୍' ମଧ୍ୟ କହିଥା'ନ୍ତି।

୮୫୦ ବର୍ଷ ପୁରୁଣା ଏହି ଦର୍‌ଗାହ ସମ୍ପର୍କିତ ଜନଶ୍ରୁତି ରହିଛି ଯେ, ହଜରତ ସୈୟଦ ଶରଫ ଉଦ୍ଦିନ ଶାହ ବିଲାୟତ ସୁଦୂର ଇରାନ୍‌ରୁ ଏଠାକୁ ଆସିଥିଲେ। ତାଙ୍କର ଗୁରୁ କହିଥିଲେ ଯେ, 'ଯେଉଁଠାରେ ତୁମକୁ ରୋହୁ ମାଛ ଓ ଆମ୍ବ ଖାଇବାକୁ ମିଳିବ, ସେଠାରେ ତୁମର ଯାତ୍ରା ସମାପ୍ତ ହେଲା ବୋଲି ଭାବିନେବ।' ଅମରୋହାଠାରେ ପହଞ୍ଚିବା ପରେ ତାଙ୍କୁ ଜଣେ ବୃଦ୍ଧା ରୋହୁମାଛ ସହିତ ଆମ୍ବ ଓ ରୁଟି ଖାଇବା ପାଇଁ ଦେଇଥିଲେ। ସେହିଦିନଠାରୁ ସେ ଅମରୋହାରେ ରହିଗଲେ। ଏକଦା ଜଣେ ବୃଦ୍ଧ ତାଙ୍କ ପାଖକୁ ଆସି କହିଲେ, 'ଏଠାରେ ବହୁତ ସାପ ଓ ବିଚ୍ଛା ଅଛନ୍ତି, ଯେଉଁ କାରଣରୁ ଲୋକମାନେ ସବୁବେଳେ ଭୟଭୀତ ହୋଇ ରହୁଛନ୍ତି ଏବଂ ଆପଣଙ୍କ ପାଖକୁ ଆସିବା ପାଇଁ ଅସୁବିଧା ହେଉଛି।' ଏହାର ଉତ୍ତରରେ ହଜରତ ଶାହ ବିଲାୟତ କହିଲେ ଯେ, 'ମୋର ଦର୍‌ଗାହରେ ସାପ ଓ ବିଚ୍ଛା ରହିଲେ ମଧ୍ୟ କାହାକୁ ସେମାନେ ଦଂଶନ କରିବେ ନାହିଁ।' ତେଣୁ ଏଠାକୁ ଆସୁଥିବା ଲୋକମାନଙ୍କର ବିଚ୍ଛା କିମ୍ବା ସାପ ପ୍ରତି ଭୟ ନଥାଏ। ଏହି ଦର୍‌ଗାହର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଯେ ଗୋଟିଏ ବିଚ୍ଛାକୁ ମାତ୍ର କିଛି କ୍ଷଣ ପାଇଁ ଦର୍‌ଗାହ ବାହାରକୁ ନେବାକୁ ଅନୁମତି ମିଳିଥାଏ। କିନ୍ତୁ ଗୋଟିଏ ମିନିଟ୍‌ରୁ ଅଧିକ ହେଲେ ଉକ୍ତ ବ୍ୟକ୍ତି ବିଚ୍ଛା ଦଂଶନରେ ମୃତ୍ୟୁବରଣ କରିଥାଏ। ଏଭଳି ଆଲୌକିକତାଭରା ଏହି ଦର୍‌ଗାହକୁ ଦୂରଦୂରାନ୍ତରୁ ଜାତିଧର୍ମବର୍ଣ୍ଣ ନିର୍ବିଶେଷରେ ଲୋକମାନେ ମନସ୍କାମନା ପୂରଣ କରିବାକୁ ଆସିଥା'ନ୍ତି। (କ୍ରମଶଃ...) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ତାଳପତ୍ରରେ ଜୀବନ୍ତ ହେଉଛି ୫୦୦ ବର୍ଷର ଐତିହ୍ୟ

## ଲୁପ୍ତପ୍ରାୟ ପୋଥି ଲେଖନ କଳାର ପୁନରୁଦ୍ଧାର କରୁଛନ୍ତି ଅମିୟ



ମାହାଙ୍ଗା,୩୧(ସମିସ): ଆଧୁନିକତାର ଚକାଚକ ମଧ୍ୟରେ ଯେତେବେଳେ ଆମର ପ୍ରାଚୀନ କଳା ଓ ସଂସ୍କୃତି ବିଲୁପ୍ତ ହେବାକୁ ବସିଛି, ସେତିକିବେଳେ କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଉଷୁମା ଗ୍ରାମର ଅମିୟ ପ୍ରସାଦ ମହାପାତ୍ର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଦୀର୍ଘ ୫୦୦ ବର୍ଷ ତଳର ତାଳପତ୍ର ପୋଥି ଲେଖନ କଳାକୁ ପୁନର୍ଜୀବିତ କରିବା ପାଇଁ ସେ ଗତ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ମହାପୁରୁଷମାନଙ୍କ ଦ୍ୱାରା ପ୍ରଣୀତ ଗୀତା, ମହାଭାରତ, ଭାଗବତ ଓ ମାଳିକା ଭଳି ଅମୂଲ୍ୟ ଗ୍ରନ୍ଥଗୁଡ଼ିକୁ ସେ ନିଜ ଜେଜେବାପାଙ୍କ ଅମଳର ପାରମ୍ପରିକ ଲେଖନୀ ସାହାଯ୍ୟରେ ତାଳପତ୍ରରେ ପୁନଃ ଲିପିବଦ୍ଧ କରୁଛନ୍ତି। ଏହି କଠିନ ସାଧନା ମଧ୍ୟରେ ସେ ଶ୍ରୀମଦ୍ ଭାଗବତ, ଗୀତଗୋବିନ୍ଦ ଓ ରାମାୟଣ ଭଳି ଅନେକ ଗ୍ରନ୍ଥ ସମାପ୍ତ କରିବା ପରେ ଏବେ ବଳରାମ ଦାସଙ୍କ "ବ୍ରହ୍ମ ପୁରାଣ' ଲେଖିବାରେ ମଗ୍ନ ଅଛନ୍ତି। ପୋଥି ପ୍ରସ୍ତୁତିର ପ୍ରକ୍ରିୟା ଅତ୍ୟନ୍ତ ଧୈର୍ଯ୍ୟସାଧ ଓ ବୈଜ୍ଞାନିକ। ଅମିୟ ପ୍ରଥମେ ତାଳଗଛରୁ ଉନ୍ନତମାନର ମଞ୍ଜି ପତ୍ର ସଂଗ୍ରହ କରି ତାକୁ ପାଗ କରିବା ପାଇଁ ପ୍ରାୟ ୧୫ ରୁ ୩୦ ଦିନ ପର୍ଯ୍ୟନ୍ତ ପଙ୍କ ବା ପୋଖରୀ ପାଣିରେ ବୁଡ଼ାଇ ରଖନ୍ତି। ପତ୍ରଟି ନରମ ଓ ଲେଖିବା ଉପଯୋଗୀ ହେବା ପରେ ଏହାକୁ ଆବଶ୍ୟକୀୟ ଆକାରରେ କାଟି ମଝିରେ ଛିଦ୍ର କରାଯାଏ ଏବଂ ବାଉଁଶ ବତା ବା କାଠ ପଟା ସାହାଯ୍ୟରେ ପୋଥି ଆକାରରେ ବନ୍ଧାଯାଏ। କେବଳ ପୋଥି ଲେଖିବା ନୁହେଁ, ବରଂ ଅନ୍ୟମାନଙ୍କ ପାଖରେ ଥିବା ପୁରୁଣା ଓ ନଷ୍ଟ ହେବାକୁ ବସିଥିବା ଗ୍ରନ୍ଥଗୁଡ଼ିକୁ ମଧ୍ୟ ସେ ସଂଗ୍ରହ କରି ସୁରକ୍ଷିତ ରଖୁଛନ୍ତି। ତାଙ୍କର ଏହି ନିଶା ଓ ଭଗବତ୍ ଭକ୍ତି ଯୋଗୁଁ ସେ ୨୦୨୫ ମସିହା ଗୋକର୍ଣ୍ଣେଶ୍ୱର ମହାଦେବଙ୍କ ଭାଗବତ ମେଳଣରେ ୨୭ ଜଣ ଗାଦୀଶ୍ୱରଙ୍କୁ ନିଜ ହାତଲେଖା "ଶ୍ରୀ ଗୀତଗୋବିନ୍ଦ' ପୋଥି ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ପୋଥି ଲେଖନ ବ୍ୟତୀତ ଅମିୟ ଜଣେ ସୁସାହିତ୍ୟିକ ଓ ପ୍ରବଚକ ଭାବେ ମଧ୍ୟ ବେଶ୍ ପରିଚିତ। ସେ ଗୋସ୍ୱାମୀ ତୁଳସୀଦାସଙ୍କ "ଶ୍ରୀ ରାମଚରିତମାନସ'କୁ ଓଡ଼ିଆ ନବାକ୍ଷରି ଛନ୍ଦରେ ଅନୁବାଦ କରୁଥିବା ବେଳେ ତାଙ୍କର "ମାନସ ନବାକ୍ଷରି' (ସୁନ୍ଦରାକାଣ୍ଡ) ପୁସ୍ତକଟି କଟକର ଶ୍ରୀ ତାରିଣୀ ପ୍ରେସ୍‌ରେ ପ୍ରକାଶିତ ହୋଇସାରିଛି।

ଗ୍ରାମାଞ୍ଚଳରେ ହଜିଯାଉଥିବା ଭଗବତ ଟୁଙ୍ଗିର ପରମ୍ପରାକୁ ପୁନର୍ଜୀବିତ କରିବା ଏବଂ ଯୁବପିଢ଼ିଙ୍କୁ ନିଜ ଐତିହ୍ୟ ସହ ଯୋଡ଼ିବା ପାଇଁ ତାଙ୍କର ଏହି ନିଷ୍ଠାପର ଉଦ୍ୟମ ଅଞ୍ଚଳବାସୀଙ୍କ ଦ୍ୱାରା ବେଶ୍ ପ୍ରଶଂସିତ ହୋଇଛି। ଓଡ଼ିଆ ଭାଷାର ଅସ୍ମିତା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଅମିୟଙ୍କ ଏହି ଲେଖନୀ ଚାଳନା ଆଗାମୀ ଦିନରେ ଏକ ଆଲୋକବର୍ତ୍ତିକା ସଦୃଶ କାର୍ଯ୍ୟ କରିବ।

### କୁହୁଡ଼ି ଯୋଗୁଁ ବିମାନ ସେବା ବାଧାପ୍ରାପ୍ତ

# ୫ ବିମାନର ଗତିପଥ ପରିବର୍ତ୍ତନ

ଭୁବନେଶ୍ୱର,୧।୧(ସମିସ): ସକାଳୁ ସକାଳୁ ଘନ କୁହୁଡିରେ ଢାଙ୍କି ହୋଇଥିଲା ଭୁବନେଶ୍ୱର। ଏହା ପ୍ରଭାବରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ବିମାନଚଳାଚଳ ଗୁରୁତର ବାଧାପ୍ରାପ୍ତ ହୋଇଛି। ଘନ କୁହୁଡି ପାଇଁ ୫ ବିମାନର ଗତିପଥ ପରିବର୍ତ୍ତନ କରାଯାଇଛି। ୩ ଟି ରାୟପୁରକୁ ଏବଂ ୨ ଟି ବିମାନକୁ କୋଲକାତାକୁ ପରିବର୍ତ୍ତନ କରାଯାଇଛି। ସେଥିମଧ୍ୟରୁ ୩ ଟି ବିମାନ ଦିଲ୍ଲୀରୁ ଆସୁଥିବା ବେଳେ ଗୋଟିଏ ଚେନ୍ନାଇ ଏବଂ ଗୋଟିଏ ବେଙ୍ଗାଲୁରୁରୁ ଆସୁଥିଲା। ସକାଳ ସାଢେ ୬ ଟା ବେଳେ ରନୱେରେ ଦୃଶ୍ୟମାନ କ୍ଷମତା ମାତ୍ର ୫୦ ମିଟର ଥିଲା, ସେଥିପାଇଁ ବିମାନ ଉଡି ପାରିନଥିଲା। ଅତି କାମରେ ଦୃଶ୍ୟମାନ ୫-୫୦ ମିଟର ରହିଲେ ବିମାନ ଉଡାଣ ହୋଇଥାଏ। ହେଲା ଏହା କମ୍ ରହିଥିବାରୁ ଆଜି ବିମାନ ସେବା ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ଗୋଟିଏ ବିମାନ ୩୧ ହଜାର ଫୁଟ୍ ଉପରେ ପ୍ରାୟ ଦେଢ଼ ଘଣ୍ଟା ଚକ୍କର କାଟିବା ପରେ ବିମାନଟି ଅବତରଣ କରିପାରିଥିଲା। ସେ ମୁମ୍ବାଇରୁ ଆସିଥିଲେ। ସେହିପରି ଭୁବନେଶ୍ୱରରୁ ଡେରାଡୁନ ସକାଳ ୬ ଟା ରେ ଥିବା ବିମାନ ଦିନ ୧୦ ଟାରେ ଉଡାଣ କରିଛି। ଜୟପୁର ଉତ୍କେଲା ବିମାନ ମଧ୍ୟ ବିଳମ୍ବରେ ଉଡାଣ ଭରିଛି। ପ୍ରୋଟୋକଲ ଅନୁସାରେ ଯାତ୍ରୀଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆଗକୁ କୁହୁଡି ଜାରି ରହିବ। ଅଧିକ କୁହୁଡି ହେବା ଯୋଗୁଁ ବିମାନ ସେବାରେ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି, ଯାତ୍ରୀମାନେ ଯେଭଳି କୌଣସି ଅସୁବିଧାରେ ନପଡ଼ନ୍ତି ତେଣୁ ଘରୁ ବାହାରିବା ଆଗରୁ ବିମାନ ସମୟ ଯାଞ୍ଚ କରିବାକୁ ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ଅନୁରୋଧ କରିଛନ୍ତି।

**୩୧ ହଜାର ଫୁଟ୍ ଉପରେ ଦେଢ଼ ଘଣ୍ଟା ଚକ୍କର କାଟିଲା ବିମାନ**

# ବିଦ୍ୟୁତ୍ ସଂସ୍ପର୍ଶରେ ଅଢେଇ ବର୍ଷ ଶିଶୁର ମୃତ୍ୟୁ



ଯାଜପୁର,୩୧(ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ସିମିଳିଆ ପଞ୍ଚାୟତର ତାଳପଦା ଗାଁରେ ଅଭାବନୀୟ ଘଟଣା ଘଟିଛି। ଜଣେ ଅଢ଼େଇ ବର୍ଷର ଶିଶୁପୁତ୍ରର ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି। ରାକେଶ ସାହୁଙ୍କ ପୁଅ ଓମପ୍ରକାଶ ସାହୁ ବାଡ଼ିରେ ସକାଳେ ଖେଳୁଥିବା ସମୟରେ ସେଠାରେ ପଡ଼ିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ତାକୁ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପଡ଼ୋଶୀ ମାନସ ପଣ୍ଡା ନିଜ ବାଡ଼ି ଧାନ ଖଳାରେ ଧାନ ମେସିନ ଲଗାଇ ଧାନ ଅମଳ କରୁଥିଲେ। ସେ ଟ୍ରାନ୍ସଫର୍ମରରୁ ହୁକ ପକାଇ ବିଦ୍ୟୁତ୍ ଆଣି ଥିବାବେଳେ ଏଭଳି ଅଘଟଣ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ଯାଜପୁର ସଦର ଥାନାରେ ଅଭିଯୋଗ କରାଯିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

### କେନ୍ଦ୍ର ରଖିଲା ଅନୁରୋଧ

# ଏପ୍ରିଲ ସୁଦ୍ଧା ଆଉ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଣ

- ୫ ଲକ୍ଷ ମେଟ୍ରିକ ଟନ୍ ଉଷୁନା, ୧ ଲକ୍ଷ ମେଟ୍ରିକ ଟନ୍ ଅରୁଆ ଚାଉଳ ନେବ କେନ୍ଦ୍ର
- ଏଯାବତ୍ ୧୦ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ

ଭୁବନେଶ୍ୱର,୩୧(ସମିସ): ରାଜ୍ୟ ପାଖରେ ବର୍ତ୍ତମାନ ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅଛି। ଆସନ୍ତା ଏପ୍ରିଲ ମାସ ସୁଦ୍ଧା କେନ୍ଦ୍ର ସରକାର ୫ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଓ ୧ ଲକ୍ଷ ମେଟ୍ରିକ୍ ଟନ୍ ଅରୁଆ ଚାଉଳ ଉଠାଇବେ। ବଳକା ୧ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳକୁ ଅକ୍ସନ୍ କରି ବିକ୍ରି କରିବୁ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। କେନ୍ଦ୍ର ସରକାର ଓଡ଼ିଶାର ଦାବିକୁ ଗ୍ରହଣ କରିଥିବାରୁ ଶ୍ରୀ ପାତ୍ର ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଯୋଗାଣ ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିପରି ଏନେଇ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ଶ୍ରୀ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଧନବାଦ ଅର୍ପଣ କରିଛନ୍ତି।

ଶ୍ରୀ ପାତ୍ର କହିଛନ୍ତି ଯେ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି। ୨୮ ଲକ୍ଷ ମେଟ୍ରିକ୍ ଟନ୍ ଆମର ନିଜସ୍ୱ ବ୍ୟବହାର ହେଉଛି। ଆଉ ୨୮ ଲକ୍ଷ ମେଟ୍ରିକ୍ ଟନ୍ କେନ୍ଦ୍ର ନେଇଛି। ଆମ ପାଖରେ ଆହୁରି ୭ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଅଛି। କେନ୍ଦ୍ର ସରକାର ଆଉ ୬ ଲକ୍ଷ ମେଟ୍ରିକ ଟନ୍ ଚାଉଳ ନେବାକୁ ସମ୍ମତି ପ୍ରକାଶ ପରେ ଚଳିତ ବର୍ଷ ଧାନ ସଂଗ୍ରହରେ ସମସ୍ୟା ରହିବ ନାହିଁ ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିପରି ରାଜ୍ୟରେ ୧୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ରଖିବାକୁ ଗୋଦାମ ତିଆରି ହେବ। ଏଥିପାଇଁ ସ୍ଥାନ ନିରୂପଣ ହୋଇସାରିଛି। ଚଳିତ ବର୍ଷ ଏହି ଗୋଦାମ ଘର ନିର୍ମାଣ ଆରମ୍ଭ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି। ସେହିପରି ବୁଧବାର ସୁଦ୍ଧା ରାଜ୍ୟରେ ୧୦ ଲକ୍ଷ ୫୦ ହଜାର ମେଟ୍ରିକ ଟନ୍ ଧାନ ସଂଗ୍ରହ ହୋଇସାରିଛି। ୧୮ ଜିଲ୍ଲାର ମୋଟ ୨.୩୦ ଲକ୍ଷ କୃଷକ ସେମାନଙ୍କର ଧାନ ବିକ୍ରି କରିସାରିଛନ୍ତି। ସେମାନଙ୍କ ଆକାଉଣ୍ଟକୁ ୨୩୫୦ କୋଟି ଟଙ୍କା ପ୍ରଦାନ କରାଯାଇ ସାରିଛି ବୋଲି ସେ କହିଛନ୍ତି।


## ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ

ନବ ବର୍ଷ - ୨୦୨୬ ଓ ବିଶ୍ୱ ପ୍ରସିଦ୍ଧ ୭୮ତମ ବରଗଡ଼ ବିରାଟ ଧନୁଯାତ୍ରା ଉପଲକ୍ଷେ ବ୍ୟାଙ୍କର ସମସ୍ତ ଜମାକାରୀ, ଗ୍ରାହକ, ଶୁଭେଚ୍ଛୁ, ପୃଷ୍ଠପୋଷକ ତଥା ଅଞ୍ଚଳବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଜଣାଉଛୁ । ଏହି ଅଞ୍ଚଳର ସମସ୍ତ ପରିବାର ହସଖୁସିରେ ଓ ଆନନ୍ଦଉଲ୍ଲାସରେ ଏହି ଯାତ୍ରାକୁ ଉପଭୋଗ କରନ୍ତୁ । ନିଜ ପରିବାରର ତଥା ଅଞ୍ଚଳର ଆର୍ଥିକ ଓ ସାମାଜିକ ଉନ୍ନତି ସାଧନ ନିମନ୍ତେ ଏହି ବ୍ୟାଙ୍କ ପ୍ରତି ଆପଣମାନଙ୍କର ଅକୁଣ୍ଠ ସହଯୋଗ ଆମର ଏକାନ୍ତ କାମ୍ୟ ।

ଶ୍ରୀଯୁକ୍ତ ଭକ୍ତେଶ୍ୱର ମଲ୍ଲିକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ଶ୍ରୀଯୁକ୍ତ ନରେନ୍ଦ୍ର ପଧାନ, ସଭାପତି


O-1920

Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Road work**

**Bid Identification No. SECTC-II-25 of 2025-26 dt. 30.12.2025**

| | | |
|---|---|---|
| 1. Number of the work | :- | 05 (Five) numbers Building |
| 2. Estimated Cost. (Approx) | :- | Rs. 43.52 lakh to 43.68 lakh |
| 3. Period of completion | :- | 06 (Six) calendar month |
| 4. Date & time of sale & receipt of bid document online | :- | From: 08.01.2026 at 11:00 AM To: 27.01.2026 at 5:30 PM |
| 5. Date & time of opening of bids | :- | 28.01.2026 at 11:30 AM |
| 6. Name and address of Inviting Officer | :- | O/o the Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/043/2526

*Superintending Engineer, R.W. Division-II, Cuttack*

O-1919

Email ID-cuttackrw2nd@yahoo.co.in
Telephone / Fax No. (0671)-2445119

**GOVERNMENT OF ODISHA**

**O/O THE SUPERINTENDING ENGINEER, RURAL WORKS DIVISION-II, CUTTACK**

**e-procurement Notice for Building Work**

**Bid Identification No. SECTC-II-24of 2025-26 dt. 30.12.2025**

| | | | |
|---|---|---|---|
| 1. | Number of the work | :- | 12 (Twelve) number of Buildings for the year 2025-2026 |
| 2. | Estimated Cost. (Approx) | :- | Rs. 58.71 lakh to Rs. 77.77 lakh |
| 3. | Period of completion | :- | 12 (Twelve) calendar months |
| 4. | Date & time of sale & receipt of bid document online | :- | From: 08.01.2026 at 11:00AM To:27.01.2026 at 5:30 PM |
| 5. | Date & time of opening of Technical bid | :- | 28.01.2026 at 11:30 AM |
| 6. | Date & time of opening of Finanical bid | :- | To be intimated later on |
| 7. | Name and address of Inviting Officer | | Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

OIPR-25095/11/042/2526

*Superintending Engineer, R.W. Division-II, Cuttack*

**AFFIDAVIT**

I, Ram Chandra Pradhan, aged about 56 years, S/o- Nimai Charan Pradhan resident of At- Gulipatana, Po/ps- Umerkote, Dist- Nabarangpur, Pin- 764073, Odisha do hereby declare by this affidavit No. 01, dtd- 01/01/2026, that now onwards I shall be known as **RAMACHANDRA PRADHAN** for all future purposes.

**AFFIDAVIT**

I, Sangeeta Badajena, aged about 56 years, W/o- Dibyasingha Badajena, resident of At- Majhisahi, Jobra, PO- College Square, Ps- Malgodown, DIst- Cuttack, Odisha declared by this affidavit No. 76AA 495027, dtd- 31/12/2025 that now onwards I shall be known as **SANGITA BADAJENA** for all future purposes.

**AFFIDAVIT**

I Sanjaya Kumar Agrawalla, S/O- Niranjan Agrawalla, resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No. 2551, dated- 26/12/2025 that now onwards I shall be known as **SANJAY AGRAWAL** for all future purposes.

**NOTICE**

By virtue of an affidavit sworn before Executive Magistrate, Cuttack Sadar on Dated 11/11/2025, I, Reshama Bibi, W/o- Abdul Wazid, Resident of Village: Mugabhanga, Po- Phulnakhara, Ps-Cuttack Sadar, Dist- Cuttack, Odisha,754001 , I have changed my name from "RUKHASHANA PRAVIN" to "RESHAMA BIBI". Henceforth, I shall be known as **"RESHAMA BIBI"** for all purposes.

**AFFIDAVIT**

I Anju Agrawalla, W/O- Sanjay Agrawal resident of Govindtola, Dhanupali, Sambalpur, PIN- 768005, Odisha declare by this affidavit No- 2550, dated- 26/12/2025 that now onwards I shall be known as **ANJU AGRAWAL** for all future purposes.

**AFFIDAVIT**

By virtue of an affidavit (CF No. 28, dt- 31/12/2025) sworn before The Executive Magistrate, Bhubaneswar, I, **Manoj Das,** S/o- Late Surendra Nath Das, resident of At- Nandipada, PO- Maraigaon, PS- Nandipada, Dist- Keonjhar, PIN- 758083, Odisha declare that I have changed my minor son's name from **Sai Sujit Das to Sujat Kumar Das.** Henceforth, he shall be known as **Sujat Kumar Das** (new name) for all purposes.

**Manoj Das**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ୱିଜରଲାଣ୍ଡ ରିସୋର୍ଟରେ...

ଅଞ୍ଚଳର ଆଲପ୍ସର କେନ୍ଦ୍ରରେ ଅବସ୍ଥିତ ଏକ ବିଳାସପୂର୍ଣ୍ଣ ସ୍କି ରିସର୍ଟ ସହର। ଏହି ସହର ବ୍ରିଟିଶ ପର୍ଯ୍ୟଟକଙ୍କର ଅତିପ୍ରିୟ। ଚଳିତ ଜାନୁଆରୀ ଶେଷରେ କ୍ରାନ୍ସ-ମୋଣ୍ଟାନା ରିସର୍ଟରେ ଏଫ୍‌ଆଇଏସ୍ ବିଶ୍ୱକପ୍ ନାମକ ଏକ ସ୍ପିଡ ସ୍କିଇଂ ଇଭେଣ୍ଟ ଆୟୋଜନ ହେବ। ଛୁଟିର ଋତୁରେ କ୍ରାନ୍ସ- ମୋଣ୍ଟାନା ବହୁ ସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ।

### ମହଙ୍ଗା ହେବ...

ଅନ୍ୟପକ୍ଷରେ ଏହି ସାମଗ୍ରୀଗୁଡ଼ିକ ଉପରେ ଉଚ୍ଚ ଶୁଳ୍କ ରାଜ୍ୟର କେନ୍ଦୁପତ୍ର ଶିଳ୍ପ ଓ ଏହା ସହ ଜଡ଼ିତ ଶ୍ରମିକଙ୍କୁ କ୍ଷତିଗ୍ରସ୍ତ କରିବ । ସମ୍ପ୍ରତି ଓଡ଼ିଶା ସମେତ ଅନେକ ରାଜ୍ୟର ଲକ୍ଷଲକ୍ଷ ଶ୍ରମିକ କେନ୍ଦୁପତ୍ର ଶିଳ୍ପ ସହ ଜଡ଼ିତ । ଉଚ୍ଚ ଶୁଳ୍କ ଯୋଗୁଁ ବଜାର ପ୍ରଭାବିତ ହେବା ଦ୍ୱାରା ଏହି ଶ୍ରମିକମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆକଳନ କରାଯାଉଛି । କେନ୍ଦୁପତ୍ର ଉପରୁ ଜିଏସ୍‌ଟି ହ୍ରାସ ପାଇଁ ଓଡ଼ିଶା ପରି ଅନେକ ରାଜ୍ୟ ବିଭିନ୍ନ ସମୟରେ ଦାବି କରି ଆସିଛନ୍ତି । ବିଭିନ୍ନ ନିର୍ବାଚନ ସମୟରେ କେନ୍ଦୁପତ୍ରରୁ ଜିଏସ୍‌ଟି ହ୍ରାସ ପଶ୍ଚିମ ଓଡ଼ିଶାରେ ନିର୍ବାଚନୀ ପ୍ରସଙ୍ଗ ବି ହୋଇଛି । ମାତ୍ର ଜିଏସ୍‌ଟି ହ୍ରାସ ପରିବର୍ତ୍ତେ ଏହା ଉପରେ ସେସ ବୃଦ୍ଧି ଏହି ଶିଳ୍ପକୁ ପ୍ରଭାବିତ କରିପାରେ ବୋଲି ଆକଳନ କରାଯାଉଛି ।

### ଦେଓରଞ୍ଜନ ଉନ୍ନୟନ...

ତୁଲାଉଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କୁ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସମବାୟ ବିଭାଗ କମିସନର ତଥା ସଚିବ ରାଜେଶ ପ୍ରଭାକର ପାଟିଲ୍‌ଙ୍କୁ ଏସ୍‌ଆରସି ଭାବେ ଅତିରିକ୍ତ ଦାୟିତ୍ୱ ସହ ଓସ୍‌ଡମାର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବ ମଧୁମିତା ରଥଙ୍କୁ ନୟାଗଡ଼ ଜିଲ୍ଲାପାଳ ଓ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କୁ ଗଜପତି ଜିଲ୍ଲାପାଳ ଭାବେ ବଦଳି କରାଯାଇଛି।

### ଲକ୍ଷ୍ୟ ହାସଲ...

ଓଡ଼ିଶାକୁ ରଖିବା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ପଡ଼ିବ। ଏକ ଉତ୍ତରଦାୟୀ ପ୍ରଶାସନର ଭୂମିକା ନିଭାଇବା ପାଇଁ ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତ୍ୱର ସହିତ ବିଚାର କରିବାକୁ ପଡ଼ିବ। ସମାଜର କୌଣସି ଲୋକ ଯେପରି ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସବୁସ୍ତରରେ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆକୁ ବହୁଳ ବ୍ୟବହାର ସହ ସମସ୍ୟାର ସମାଧାନ ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରଶାସନରେ ଦୁର୍ନୀତିଗ୍ରସ୍ତ, ଅପାରଗ ତଥା ଦାୟିତ୍ୱହୀନ ଅଧିକାରୀଙ୍କୁ ବରଦାସ୍ତ କରାଯିବ ନାହିଁ। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ସବୁପ୍ରକାର ସରକାରୀ କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ସହ ସରକାରୀ ସ୍ତରରେ ନୋଟିସ, ଚିଠି ଓ ବିଜ୍ଞପ୍ତିକୁ ଓଡ଼ିଆରେ ଲେଖାଯିବାକୁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି। ନିର୍ଦ୍ଦେଶ ପାଳନ ନ ହେଲେ ଖିଲାପକାରୀଙ୍କୁ କୈଫିୟତ ତଲବ ପାଇଁ ବି କୁହାଯାଇଛି। ଏତଦ୍ ବ୍ୟତୀତ ରାଜ୍ୟ ଶିଳ୍ପାୟନର ଦ୍ରୁତ ବିକାଶ ପାଇଁ ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱ ଦେବା ସହ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଉତ୍କର୍ଷ କେନ୍ଦ୍ର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ରାଜ୍ୟ ସ୍ୱାର୍ଥ ପାଇଁ...

ଥିବାବେଳେ ସମସ୍ତେ ଶୁଭେଚ୍ଛା ପ୍ରଦାନ ସହ ନବୀନଙ୍କ ସହ ଫଟୋ ଉଠାଇଥିଲେ। ନବୀନ ମଧ୍ୟ ହସ ହସ ମୁହଁରେ ସମସ୍ତଙ୍କ ଶୁଭେଚ୍ଛା ଗ୍ରହଣ କରିବା ସହ ଶୁଭକାମନା ପ୍ରଦାନ କରିଥିଲେ। ବରିଷ୍ଠ ନେତାଙ୍କ ମଧ୍ୟରେ ଦେବୀ ପ୍ରସାଦ ମିଶ୍ର, ପ୍ରମିଳା ମଲ୍ଲିକ, ନିରଞ୍ଜନ ପୂଜାରୀ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ଡ. ଅରୁଣ କୁମାର ସାହୁ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ, ଛାତ୍ର ବିଜେଡି ସଭାପତି ଇପ୍ସିତା ସାହୁ, ବିଭିନ୍ନ ଛାମୁଆ ସଂଗଠନର କର୍ମକର୍ତ୍ତାଙ୍କ ସମେତ ବହୁ ବରିଷ୍ଠ ନେତା, କର୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ବିଜେଡି ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କ ସୁଖସମୃଦ୍ଧି କାମନା କରିବା ସହ ଦଳର କର୍ମୀମାନଙ୍କୁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି। ବିରୋଧୀ ଦଳର ଭୂମିକାକୁ ନିଷ୍ଠାର ସହ ପାଳନ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶରେ ଏକ ବିକଶିତ ରାଜ୍ୟରେ ପରିଣତ ହୋଇଥିଲା। ମହାବାତ୍ୟା ପରେ ନବୀନଙ୍କ ନେତୃତ୍ୱ ଓଡ଼ିଶାକୁ ନୂଆ ରୂପ ଦେଇଛି। କ୍ଷମତାରେ ନ ଥିଲେ ମଧ୍ୟ ସେ ରାଜ୍ୟବାସୀଙ୍କ ପାଇଁ ଅହରହ ଚିନ୍ତା କରୁଛନ୍ତି । ଆଜି ନୂଆବର୍ଷରେ ସେ ରାଜ୍ୟବାସୀଙ୍କ ପାଇଁ କାମ କରିବାକୁ ଦଳୀୟ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଜେଡି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସେବା ଜାରି ରଖିଛି। ତାଙ୍କ ନେତୃତ୍ୱ ପଛରେ ସମସ୍ତେ ଠିଆ ହୋଇଛନ୍ତି ଓ ରହିଥିବେ ବୋଲି ସେ କହିଛନ୍ତି।

### ୭ ଦିନରେ ପିଇଦେଲେ...

ସମସ୍ତଙ୍କୁ ଡରାଇବାରେ ଲାଗିଛି। ଜିରୋ ନାଇଟ୍ ଦିନ ରାଜଧାନୀର ସମସ୍ତ ବାର୍, ମଦ ବିକ୍ରି କରୁଥିବା ରେସ୍ତୋରାଁ, ପପ୍‌ରେ ଖଚାଖଚ ଭିଡ ହୋଇଛି। ରାତି ୧୨ଟା ବେଳେକୁ ଏତେ ଭିଡ ଯେ ପାଦ ପକାଇବାକୁ ଜାଗା ମିଳୁନଥିଲା। ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ ବ୍ୟବସାୟୀମାନେ ଭିନ୍ନ ଭିନ୍ନ କୌଶଳ ଆପଣାଇ ଥିଲେ। ରାଜଧାନୀରେ ଏଭଳି ମଦ ବିକ୍ରିକୁ ମଦ ବିରୋଧୀ ସଂଗଠନ ପକ୍ଷରୁ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। ଯଦି ପ୍ରତ୍ୟେକ ୨ କିଲୋମିଟର ମଧ୍ୟରେ ୫ରୁ ଉର୍ଦ୍ଧ୍ୱ ମଦ ଦୋକାନ ଖୋଲିବେ ତେବେ ମାତ୍ର କିଛି ବର୍ଷ ମଧ୍ୟରେ ସବୁ ମଦୁଆ ହୋଇଯିବେ। ରାଜଧାନୀରେ ଅରାଜକତା ବଢ଼ିବ।

### ଟ୍ରକ୍ ସମ୍ମୁଖରେ...

ଉପରେ ଉଭୟେ ପଡ଼ି ଯାଇଥିଲେ। ସେମାନେ ହେଲେ କଦଳୀମୁଣ୍ଡା ଗ୍ରାମର ଶ୍ରୀନିବାସ ସାହୁ (୪୦) ଓ ଅମିତ କୁମାର ପଧାନ (୩୦)। ଟ୍ରକ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ମାରିଥିଲା। ଜମନକିରା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିବାସହ ଅଧିକ ତଦନ୍ତ ଜାରିରଖିଛି।

**ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ**
**NOTIFIED AREA COUNCIL, KHALLIKOTE, GANJAM**
Email: nackhallikote@gmail.com, ☎: 06810-295333(O), Pin No. 761030

**ଅଭିନନ୍ଦନ ବାର୍ତ୍ତା**

ଅଦ୍ୟ ତା.୦୧ ଜାନୁଆରୀ ୨୦୨୬ରିଖ ନବ ବର୍ଷ ଅଭିନନ୍ଦନ ଉପଲକ୍ଷେ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦର ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଆଇନଜୀବୀ, ବ୍ୟବସାୟୀ, ସାମ୍ବାଦିକ ଏବଂ ଜନ ସାଧାରଣଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ସମସ୍ତ ବ୍ୟବସାୟୀ ବନ୍ଧୁ ଓ ସହରବାସୀଙ୍କୁ ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ନିବେଦନ କରାଯାଉଛି ଯେ,

- ପଲିଥିନ ବ୍ୟବହାର କରନ୍ତୁ ନହିଁ ଓ ପରିବେଶ ପ୍ରଦୂଷଣରୁ ବଞ୍ଚିତ ହୁଅନ୍ତୁ । ପଲିଥିନ ବ୍ୟବହାର କରିବା ନଜରକୁ ଆସିଲେ ଆଇନ ଅନୁଯାଇ ଆର୍ଥିକ ଦଣ୍ଡ ପ୍ରଦାନ କରାଯିବ ।
- ପରିଷଦର ଟିକସ, ଗୃହାଟିକସ, ଦୋକାନ ଭଡା ଯଥା ସମୟରେ ଜମା କରିବା ସହ ବ୍ୟବସାୟ ପ୍ରତିଷ୍ଠାନର ପଞ୍ଜିକରଣ କରାଇ ନିଅନ୍ତୁ ।
- ପରିଷଦରୁ ଗୃହ ନକ୍ସା ମଞ୍ଜୁର ହେଲା ପରେ ଘର ତିଆରି କରନ୍ତୁ ଏବଂ ତିଆରି ହୋଇଯାଇଥିବା ଗୃହର ନକ୍ସା ପରିଷଦ ଠାରୁ ମଞ୍ଜୁର କରାଇ ନିଅନ୍ତୁ ।
- ଅଳିଆ ଆବର୍ଜନା ଏଣେତେଣେ ନ ପକାଇ ଶୁଖିଲା ଅଳିଆ ଓ ଓଦା ଅଳିଆ ପୃଥକ ପୃଥକ କରି ରଖନ୍ତୁ। ପରିଷଦ ଦ୍ୱାରା ବ୍ୟବହାର କରାଯାଉଥିବା ଅଳିଆ ସଂଗ୍ରହ ଯାନରେ ରଖିଥିବା ଅଳିଆକୁ ପକାନ୍ତୁ ଏବଂ ସରକାରଙ୍କ ଦ୍ୱାରା ପ୍ରଯୋଜିତ ସ୍ୱଚ୍ଛଭାରତ ଅଭିଜନରେ ସାମିଲ ହୁଅନ୍ତୁ ।
- ରାସ୍ତା ଉପରେ ଘର ତିଆରି ସାମଗ୍ରୀ ଯଥା– ଗୋଡି, ବଳି, ଇଟା ଓ ପଥର ଇତ୍ୟାଦି ଜମା କରି ରଖନ୍ତୁ ନହିଁ ।
- ଗୃହପାଳିତ ପଶୁ ଯଥା – ଗାଇଗୋରୁ, ଘୁଷୁରୀ ଇତ୍ୟାଦିକୁ ଖୋଲାରେ ଛାଡନ୍ତୁ ନହିଁ।
- ବିଶୁଦ୍ଧ ପାନୀୟଜଳ ବ୍ୟବହାର କରନ୍ତୁ ।
- ପ୍ରତ୍ୟେକ ବ୍ୟକ୍ତି ବିଶେଷ ଓ ବ୍ୟବସାୟୀ ବନ୍ଧୁମାନେ ସେମାନଙ୍କ ଗୃହ ଓ ବ୍ୟବସାୟ ପ୍ରତିଷ୍ଠାନର ୫ ମିଟର ପରିମିତ ଅଞ୍ଚଳକୁ ସଫସୁତୁରା କରି ରଖନ୍ତୁ ।

**ବିକାଶ ପଥେ ଖଲ୍ଲିକୋଟ –**

ସରକାରଙ୍କ ଦ୍ୱାରା ପ୍ରଚଳିତ ସମସ୍ତ ଯୋଜନାଗୁଡିକର ସଫଳ ରୂପାୟନ ଓ ପରିଷଦର ନିଜସ୍ୱ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକୁ ଖଲ୍ଲିକୋଟର ବିକାଶ ଧାରାରେ ସାମିଲ କରି ଜନସାଧାରଣଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ସୁଯୋଗ ପହଞ୍ଚାଇବା ହିଁ ଆମ ସଭିଙ୍କ ଏକମାତ୍ର ଲକ୍ଷ୍ୟ ।

*"ଆସନ୍ତୁ ଆମ୍ଭେ ସମସ୍ତେ ମିଶି ଆମ ସହରକୁ ସୁସ୍ଥ ଓ ସ୍ୱଚ୍ଛ ଭାବରେ ଗଢି ତୋଳିବା "*

ଇଂ ନିରଞ୍ଜନ ବେହେରା, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ ।

ଶ୍ରୀ ସନ୍ଦୀପ ଖଡଙ୍ଗା, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଲ୍ଲିକୋଟ, ଗଞ୍ଜାମ ।

## କେନ୍ଦ୍ରାପଡା ଜିଲ୍ଲାର ଚାଷୀଭାଇମାନଙ୍କ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ଚାଷୀଭାଇ ଓ ଭଉଣୀ ମାନଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଚଳିତ ୨୦୨୫ - ୨୬ ଖରିଫ ବର୍ଷ ପାଇଁ ରାଜ୍ୟ ସରକାର ଚାଷୀମାନଙ୍କ ନିମନ୍ତେ ଏଫ୍.ଏ.କ୍ୟୁ. ମାନର ସାଧାରଣ ଓ ଗ୍ରେଡ୍ 'ଏ' ଧାନ ନିମନ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରିଛନ୍ତି ।

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନର ନିଷ୍ପତି କ୍ରମେ, ଚଳିତ ଖରିଫ ବର୍ଷ ୨୦୨୫-୨୬ ନିମନ୍ତେ ତା ୦୯.୦୧.୨୦୨୬ ରିଖ ଠାରୁ ତା ୩୧.୦୩.୨୦୨୬ ରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡ଼ା ଯୋଗାଣ ନିଗମ ଜରିଆରେ ଜିଲ୍ଲାର ୧୧୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (PACS) ମାଧ୍ୟମରେ ଧାନକ୍ରୟ ମଣ୍ଡିମାନ ଖୋଲାଯାଇଅଛି । ସୁବିଧାରେ ଧାନ ବିକ୍ରି କରିବା ନିମିତ୍ତ ଚାଷୀଭାଇମାନେ ନିକଟସ୍ଥ (PACS)ରେ ନାମ ପଞ୍ଜିକରଣ କରିଥିବା ବାଧ୍ୟତା ମୂଳକ ଅଟେ ।

ନିମ୍ନରେ ଏଫ୍.ଏ.କ୍ୟୁ. ସାଧାରଣ ଧାନର ମାନ ଓ ଦର ପ୍ରଦତ୍ତ କରାଗଲା । ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୃଙ୍ଖଳା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଦୁର୍ଗନ୍ଧ ମୁକ୍ତ କିସମର ହୋଇଥିବା ଆବଶ୍ୟକ ।

ଏଣୁ ଜିଲ୍ଲାର ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ଅନୁରୋଧ, ସେମାନେ ସେମାନଙ୍କର ଉତ୍ପାଦିତ ବଳକା ଧାନ (FAQ)ମାନର କରାଇ ସେମାନଙ୍କର ସଂପୃକ୍ତ ଅଞ୍ଚଳର (PACS) ଗୁଡିକରୁ ସରକାରଙ୍କ ନିୟମାନୁଯାୟୀ ଅଗ୍ରିମ ଟୋକନ୍ ଗ୍ରହଣ କରି ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟରେ ସକାଳ ୮ଘଟିକା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଥିବା ବାର ମାନଙ୍କରେ ଧାନ ବିକ୍ରୟ କରିପାରିବେ । ଆବଶ୍ୟକ ହେଲେ ଧାର୍ଯ୍ୟ ଦିନ ଓ ସମୟ ପରିବର୍ତ୍ତନ କରାଯାଇପାରିବ । (FAQ) ଧାନର ଗୁଣାତ୍ମକ ମାନ ନିମ୍ନରେ ପ୍ରଦାନ କରାଗଲା ।

| ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନପାଇଁ ସର୍ବୋଚ୍ଚ ଗ୍ରହଣୀୟ ସୀମା |
|---|---|
| ❖ ବାଲି, ମାଟି, ଗୋଡ଼ି ବା ଧୂଳି ଇତ୍ୟାଦି ଅଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବୀକ ବାହ୍ୟ ପଦାର୍ଥ | ୧.୦% |
| ❖ ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକା ଇତ୍ୟାଦି | ୫.୦% |
| ❖ ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩.୦% |
| ❖ ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ 'ଏ' ଧାନ ନିମନ୍ତେ) | ୬.୦% |
| ❖ ଆର୍ଦ୍ରତା ବା ଜାଳୀୟ ଅଂଶ | ୧୭.୦% |
| ସରକାରଙ୍କଦ୍ୱାରା ଘୋଷିତ ହୋଇଥିବା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ :- | |
| ❖ ଏଫ୍.ଏ.କ୍ୟୁ ମାନର ସାଧାରଣ ଧାନ କୁଇଣ୍ଟାଲ୍ ପ୍ରତି ଦର | ଟ. ୨୩୬୯.୦୦ } ୩୧00.00 |
| ❖ ଓ ଅତିରିକ୍ତ ଇନପୁଟ୍ କୁଇଣ୍ଟାଲ ପ୍ରତି ଦର | ଟ. ୮୦୦.୦୦ |
| ❖ ଗ୍ରେଡ଼ 'ଏ' ଧାନ କୁଇଣ୍ଟାଲ ପ୍ରତି ଦର | ଟ. ୨୩୮୯.୦୦ |

**ଧାନ କ୍ରୟ ଦିବସ** : ଗୁରୁବାର ଓ ଜାତୀୟ ଛୁଟି ଦିବସ ବ୍ୟତୀତ, ସାପ୍ତାହିକ ଧାର୍ଯ୍ୟ ବାରରେ (ସାପ୍ତାହିକ ୩ ଦିନ) ଧାନ କ୍ରୟ କରାଯିବ ।

ଚାଷୀଭାଇମାନେ ସେମାନଙ୍କର ଧାନ ବିକ୍ରି କରିବାରେ ଅସୁବିଧାର ସମ୍ମୁଖୀନ ହେଲେ ବା କୌଣସି କ୍ରୟକାରୀ ସଂସ୍ଥା ସମ୍ବନ୍ଧରେ କିଛି ଅଭିଯୋଗ ଥିଲେ ସେମାନେ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ଜିଲ୍ଲା ଯୋଗାଣ ଅଧିକାରୀ, ସହକାରୀ ସମବାୟ ନିବନ୍ଧକ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିବା ପାଇଁ ଅନୁରୋଧ ।

୧). ଜିଲ୍ଲା କଣ୍ଟ୍ରୋଲ୍ ରୁମ୍ - ୨୨୦୫୪୪ (୦୬୭୨୭)
୨). ଅତିରିକ୍ତ ଜିଲ୍ଲାପାଳ ତଥା ନୋଡ଼ାଲ ଅଧିକାରୀ - ୨୩୨୬୦୧ (୦୬୭୨୭)
୩). ଜିଲ୍ଲା ଯୋଗାଣ ଅଧିକାରୀ, କେନ୍ଦ୍ରାପଡ଼ା - ୯୪୩୮୨୦୦୦୪୭
୪). ସି.ସି.ସି.ବି. ନୋଡାଲ ଅଫିସର, କେନ୍ଦ୍ରାପଡ଼ା - ୨୩୨୨୨୬ (୦୬୭୨୭)
୫). ଏ. ଆର୍. ସି. ଏସ୍., କେନ୍ଦ୍ରାପଡ଼ା - ୨୩୨୦୫୮ (୦୬୭୨୭)/୯୮୬୧୭୮୫୧୪/୭୯୭୮୮୨୭୧୨୭
୬). ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡ଼ା - ୯୭୭୬୪୫୭୭୨୬

ଧାନ କ୍ରୟ କେନ୍ଦ୍ରର ସୁପରିଚାଳନା ନିମିତ୍ତ ସମସ୍ତ ସହଯୋଗ ପାଇଁ ଅନୁରୋଧ

ଜିଲ୍ଲା ପ୍ରଶାସନ, କେନ୍ଦ୍ରାପଡା

ସୌଜନ୍ୟ: ନିୟନ୍ତ୍ରିତ ବଜାର କମିଟି, କେନ୍ଦ୍ରାପଡା

## ହୋଟେଲ ବ୍ୟବସାୟୀଙ୍କ ପରଲୋକ

କୋଲାବିରା,୧।୧(ସମିସ): କୋଲାବିରା ବ୍ଲକ୍ ଅଧୀନ ରଘୁନାଥପାଲି ଗାଁର ବ୍ୟବସାୟୀ ରାହାସ ପଧାନ(୬୫)ଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରଘୁନାଥପାଲି ବାସିନ୍ଦା ସ୍ୱର୍ଗତ ପଧାନ ଅଯୋଧ୍ୟାନଗର ଠାରେ ହୋଟେଲ କରି ବ୍ୟବସାୟ କରୁଥିଲେ। ୨-୩ ଦିନ ପୂର୍ବରୁ ତାଙ୍କ ସ୍ୱାସ୍ଥ୍ୟ ବିଗିଡିବାରୁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଅବନତି ଘଟିବାରୁ ବୁଧବାର ତାଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା



ନିଆଯାଉଥିବା ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ମରଶରୀରକୁ ଗାଁକୁ ଆଣାଯିବା ପରେ ଶୋକାକୂଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଥିଲା। ଘରେ ତାଙ୍କର ପତ୍ନୀ ଓ ଏକମାତ୍ର ଝିଅ ଅଛନ୍ତି। ତାଙ୍କର ମୃତ୍ୟୁରେ ଅଯୋଧ୍ୟା ନଗର ସ୍ଥିତ ସମସ୍ତ ଦୋକାନ ବଜାର ବୁଧବାର ଅପରାହ୍ଣରୁ ଗୁରୁବାର ପୂର୍ବାହ୍ଣ ପର୍ଯ୍ୟନ୍ତ ବନ୍ଦ ରହିଥିଲା।

## ସମାସିଂହାରେ କିଶୋର ମହାନ୍ତିଙ୍କ ଶ୍ରାଦ୍ଧ ବାର୍ଷିକୀ

କୋଲାବିରା,୧।୧(ସମିସ): ପୂର୍ବତନ ବାଚସ୍ପତି ତଥା ଝାରସୁଗୁଡ଼ା ବିଧାନସଭାର ମଣ୍ଡଳୀର ଦିବଂଗତ ବିଧାୟକ କିଶୋର ମହାନ୍ତିଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ସମାସିଂହା ପ୍ରଗାତୀ ସଂଘ ପକ୍ଷରୁ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ମନୋଜ କାଲେଇଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଗାଁର ବରିଷ୍ଠ ନାଗରିକ ଗୁରୁଚରଣ ସାହୁ, ଚେତାନନ୍ଦ ପଟେଲ, ଓଁକାରମଲ ସାହୁ, ପ୍ରକାଶ ସାହୁ, ଯୋଗେଶ୍ୱର ସେନାପତି, ଭୀଷ୍ମଦେବ ପଟେଲ, ଟଙ୍କଧର କୁଆ, ସୁରେଶ ସାହୁ, ଭୁବନ ପାଣ୍ଡେ, ଆଶିଷ ନାଏକ, ସଦାନନ୍ଦ କିଶାନ ପମୁଖ ଯୋଗଦେଇ କିଶୋର ମହାନ୍ତିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିବା ସହିତ ସ୍ମୃତିଚାରଣ କରିଥିଲେ।

## ଆଞ୍ଚଳିକ କୀର୍ତ୍ତନ ମଣ୍ଡଳୀ କମିଟି ଗଠିତ

ଝାରସୁଗୁଡ଼ା,୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଝାରସୁଗୁଡ଼ା ଜିଲ୍ଲାର ଆଞ୍ଚଳିକ କୀର୍ତ୍ତନ ମଣ୍ଡଳୀର ଭକ୍ତ ମାନଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସର୍ବସମ୍ମତି କ୍ରମେ ଆଞ୍ଚଳିକ କୀର୍ତ୍ତନ କମିଟିର କମିଟି ଗଠନ କରାଯାଇଛି। ସଭାପତି ଭାବେ ଭୂତେଶ ପ୍ରଧାନ, ଉପସଭାପତି ଭାବେ ଲିଙ୍ଗରାଜ ନାୟକ, ସମ୍ପାଦକ ଭାବେ ଚନ୍ଦନ ପ୍ରଧାନ, ଉପସମ୍ପାଦକ ଭାବେ ନିର୍ମଳ ପାତ୍ର, କୋଷାଧ୍ୟକ୍ଷ ଭାବେ ବିରଞ୍ଚି ସାହୁ, ଉପକୋଷାଧ୍ୟକ୍ଷ ଭାବେ ରମେଶ ମେହେରଙ୍କୁ ମନୋନୀତ କରାଯାଇଛି। ଏହାସହ ଉଦଣ୍ଡ କୀର୍ତ୍ତନ, ବୈଠକି କୀର୍ତ୍ତନ ବିଷୟରେ ଆଲୋଚନା, କୀର୍ତ୍ତନରେ ସାଉଣ୍ଡସେଟ ବର୍ଜନ, ଝାରସୁଗୁଡ଼ା ଗୋପାଳଜୀ ମଠ ଅନୁସାରେ ଯଜ୍ଞ ପରିଚାଳନା ଏବଂ ସମୟ ସାରିଣୀ ନିର୍ଦ୍ଧାରଣ, ନାମ ଧରିବା, ଦଧିଭଞ୍ଜନ କରିବା ପାଇଁ ନିଷ୍ପତ୍ତି ବୈଠକରେ ନିଆଯାଇଛି।

**ବନ୍ଧବାହାଲ ଧନୁଯାତ୍ରାର ପଞ୍ଚମ ଦିବସ**

# କୃଷ୍ଣଙ୍କ କାଳୀୟ ଦଳନ ଲୀଳା, ମଥୁରାରେ ରଙ୍ଗସଭା

ଇବଥର୍ମାଲ,୧।୧(ସମିସ)





ପ୍ରସିଦ୍ଧ ବନ୍ଧବାହାଲ ଧନୁଯାତ୍ରା ମହୋତ୍ସବ ପଞ୍ଚମ ଦିନରେ ଲୋକଙ୍କ ଭିଡ ବଢ଼ିବାରେ ଲାଗିଛି। ଗୋପପୁରରେ କୃଷ୍ଣ ବଳରାମଙ୍କ ବାଲ୍ୟଲୀଳା ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ରଖିଛି। ଗୋପର ଯମୁନା ନଈ (ଯମୁନା ପୋଖରୀ)ରେ କୃଷ୍ଣଙ୍କ କାଳୀୟ ଦଳନ ଦୃଶ୍ୟ ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଏହି ଅବସରରେ ଲୀଳାମୟ କୃଷ୍ଣ ଗୋପୀ ମାନଙ୍କ ବସ୍ତ୍ର ହରଣ କରିବା, ଗୋପୀ ମାନଙ୍କ ଦ୍ୱାରା ଦଧିବିକା ଆଦି ଦୃଶ୍ୟ ମାନ ଅଭିନୀତ ହୋଇଥିଲା। ସେପଟେ ମଥୁରାରେ ମହାରାଜ କଂସ ଦିଗବିଜୟ କରି ସନ୍ଧ୍ୟାରେ ରାଜଦରବାରରେ ପହଞ୍ଚି ଆସୁରିକ ଶକ୍ତି ମାଧ୍ୟମରେ କୃଷ୍ଣ ବଳରାମଙ୍କୁ ନିଧନ କରିବାକୁ ମନ୍ତ୍ରଣା କରିଥିଲେ। ରାକ୍ଷସୀ ପୁତନା ଓ ଷଡ଼ମଲ୍ଲଙ୍କ ନିଧନ ପରେ କଂସ ଭୟଭୀତ ଓ ହତାଶ ହୋଇ ଇଷ୍ଟଦେବ ମହାଦେବଙ୍କୁ ସ୍ମରଣ କରିଛି। ଏହାସହ ମହାରାଜ ପୂର୍ବରୁ ନିମନ୍ତ୍ରଣ କରିଥିବା ରାଜା ମାନଙ୍କ ସହ ରଙ୍ଗସଭାର ଆୟୋଜନ କରିଥିଲେ। ରଙ୍ଗସଭାକୁ ମଗଧରାଜ ଜରାସନ୍ଧ, ଜ୍ୟୋତିଷପୁର ରାଜା ନାରକାସୁର, ଚେଦିରାଜ ଶିଶୁପାଳ, ସାକଲ୍ୟରାଜ ସାଲ୍ୱ, କଳିଙ୍ଗରାଜ ବ୍ରଜସେନ, ମଣିକୁଣ୍ଡର ରାଜା କୌଳସ, ଶୋଣିତପୁର ରାଜା ବାଣାସୁର, ବଙ୍ଗଳା ରାଜ ସୁନାଳ, ଜମ୍ବୁଦ୍ୱୀପ ରାଜା କର୍ଣ୍ଣବେଶବର ପ୍ରମୁଖ କଂସ ଦରବାରରେ ଉପସ୍ଥିତ ହୋଇଥିଲେ। ସଭାରେ ମହାରାଜ କଂସ ସେମାନଙ୍କୁ ଡକାଇଥିବା ଓ ସହାୟତାର ଉଦ୍ଦେଶ୍ୟ ଜ୍ଞାପନ ପରେ ସମସ୍ତ ରାଜା ବାହାସ୍ଫୋଟ ମାରି ସାମାନ୍ୟ କୃଷ୍ଣ ବଳରାମଙ୍କ ପାଇଁ ଭୟଭୀତ ନ ହେବାକୁ ପରାମର୍ଶ ଦେଇଥିଲେ। ସମ୍ମୁଖ ଯୁଦ୍ଧ କରି କୃଷ୍ଣ ବଳରାମଙ୍କୁ ବିନାଶ କରିବାର ଯୋଜନା ସମୟରେ ଦରବାରରେ ଦେବର୍ଷି ନାରଦ ପହଞ୍ଚିଥିଲେ। ବାହୁବଳ ନୁହେଁ ବରଂ ଛଳରେ କୃଷ୍ଣଙ୍କୁ ମାରିବା ପାଇଁ ସେ କଂସ ସମେତ ରାଜାମାନଙ୍କୁ ପରାମର୍ଶ ଦେଇଥିଲେ। ସେଥିପାଇଁ କୃଷ୍ଣ ବଳରାମଙ୍କୁ ମଥୁରା ନିମନ୍ତ୍ରଣ କରି ଧନୁଯାତ୍ରା ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ। ପରେ କଂସ ଧନୁଯାତ୍ରାର ଘୋଷଣା କରିଥିଲେ। କିଏ କୃଷ୍ଣ ବଳରାମଙ୍କୁ ମଥୁରା ଆଣିବ ଭାଳେଣୀ ପଡିବାରୁ ନାରଦଙ୍କ ପରାମର୍ଶରେ ବିଷ୍ଣୁ ଭକ୍ତ ତଥା ବିତାଡିତ ପୂର୍ବ ମହାମନ୍ତ୍ରୀ ଅକ୍ରୁରଙ୍କ ଖୋଜା ପଡ଼ିଥିଲା। ଏ ସବୁ ଗୁପ୍ତ ମନ୍ତ୍ରଣା ସହ ଉପସ୍ଥିତ ରାଜା ମାନଙ୍କ ଅଟ୍ଟହାସ୍ୟରେ ଉଛୁଳି ପଡିଥିଲା ରାଜ ଦରବାର। ରାଜା ମାନଙ୍କର ମନୋରଞ୍ଜନ ସହ ନୃତ୍ୟଗୀତ ସହ ଭୂରି ଭୋଜନର ବ୍ୟବସ୍ଥା ହୋଇଥିଲା। ଆଜି ମହାରାଜଙ୍କ ନିମନ୍ତ୍ରଣ ରକ୍ଷାକରି ରାଜ ଅତିଥି ଭାବେ କଂସ ଦରବାରରେ ଲଖନପୁର କୋଇଲା କ୍ଷେତ୍ର ଏପିଏମ୍ ପ୍ରଦୀପ ଭୁଣ୍ଡି, ସିଡବ୍ଲୁଏସ୍ ଏଟିଏମ୍ ପ୍ରେମଚାନ୍ଦ ପାଣ୍ଡେ, ଡିଏସପି ପ୍ରିନସପାଲ ପ୍ରଦୀପ ହୋତା ଯୋଗ ଦେଇଥିଲେ। ବିରଞ୍ଚି ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିଲେ। ଆଜି ବନ କପୋ ସାଂସ୍କୃତିକ ଅନୁଷ୍ଠାନ ଗୌହାଟୀ ଆସାମ ଦଳ ବିହୁ ନୃତ୍ୟର ପରିବେଷଣ କରିଥିବା ବେଳେ ବଲାଙ୍ଗିରର ବାଉଳି କଳା ପରିଷଦ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ମହେନ୍ଦ୍ର ଗୌଡ, ସାମିଲ କରାଲି, ରବି ସିଂହ, ସରୋଜ ସାହୁ ସହଯୋଗ କରିଥିଲେ।


## ନୂତନ ବର୍ଷରେ ମାଁ ରାମଚଣ୍ଡୀ ମନ୍ଦିରରେ ଭିଡ଼

ଝାରସୁଗୁଡ଼ା,୧।୧(ସମିସ): ଇଂରାଜୀ ନବବର୍ଷର ପ୍ରଥମ ଦିନ ଭଗବାନଙ୍କ ଦର୍ଶନରୁ ଆରମ୍ଭ କରିବା ପାଇଁ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଇଂରାଜୀ ନବବର୍ଷ ଉପଲକ୍ଷେ ବ୍ରଜରାଜନଗର ସ୍ଥିତ



ବ୍ରଜରାଜନଗରର ଇଷ୍ଟଦେବୀ ମାଁ ରାମଚଣ୍ଡୀ ମନ୍ଦିରରେ ଗୁରୁବାର ସକାଳୁ ହଜାର ହଜାର ଶ୍ରଦ୍ଧାଳୁଙ୍କର ସମାଗମ ଦେଖିବାକୁ ମିଳିଥିଲା। ଏପରିକି ରାତି ପର୍ଯ୍ୟନ୍ତ ଧାଡିରେ ଛିଡ଼ା ହୋଇ ଶ୍ରଦ୍ଧାଳୁ ମାଁଙ୍କର ଦର୍ଶନ କରିବା ସହିତ ଆଶୀଷ କାମନା କରିଥିଲେ। ଇଂରାଜୀ ନବବର୍ଷର ପ୍ରଥମ ଦିନରେ ସମସ୍ତେ ଭୋଜିଭାତ ସହ ହସଖୁସିରେ ମସଗୁଲ ଥିବା ବେଳେ ବର୍ଷ ଆରମ୍ଭରୁ ବ୍ରଜରାଜନଗରର ଇଷ୍ଟଦେବୀ ମାଁ ରାମଚଣ୍ଡୀଙ୍କ ସମେତ ଅନ୍ୟାନ୍ୟ ଦେବଦେବୀ ମନ୍ଦିରରେ ପୂଜାର୍ଚ୍ଚନା ସହିତ ଲୋକମାନେ ଦର୍ଶନ କରି ନୂତନ ବର୍ଷର ଆରମ୍ଭ କରିଛନ୍ତି। ନୂତନ ବର୍ଷ ପ୍ରଥମ ଦିନକୁ ମାଁଙ୍କର ଦର୍ଶନ କରି ପ୍ରାରମ୍ଭ କଲେ ମାଁଙ୍କର ଆଶୀର୍ବାଦ ବର୍ଷସାରା ଲାଗିରହେ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଏଣୁ ଆଜି ଭୋରରୁ ବ୍ରଜରାଜନଗର, ଝାରସୁଗୁଡ଼ା, ସୁନ୍ଦରଗଡ, ସମ୍ବଲପୁର ସମେତ ପଡୋଶୀ ଛତିଶଗଡ ରାଜ୍ୟରୁ ମଧ୍ୟ ଭକ୍ତମାନେ ମାଁ ରାମଚଣ୍ଡୀ ମନ୍ଦିରରେ ଦିନ ସାରା ଧାଡିରେ ରହି ଦର୍ଶନ ଲାଭ କରିଥିଲେ। ଶ୍ରଦ୍ଧାଳୁଙ୍କର ସମାଗମକୁ ଦୃଷ୍ଟିରେ ରଖି ଜିଲ୍ଲା ଏବଂ ପୁଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସୁରକ୍ଷା ଦୃଷ୍ଟିରୁ ସ୍ଥାନେ ସ୍ଥାନେ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ଏବଂ ଏହା ସହିତ କିପରି ଭାବେ ସମସ୍ତ ଶ୍ରଦ୍ଧାଳୁ ଶୃଙ୍ଖଳିତ ଭାବେ ମାଁଙ୍କର ଦର୍ଶନ କରି ପାରିବେ ସେନେଇ ମଧ୍ୟ ମନ୍ଦିର ପ୍ରଶାସନ ତରଫରୁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସେହିପରି ବ୍ରଜରାଜନଗରର ଲକ୍ଷ୍ମୀ ନାରାୟଣ ମନ୍ଦିରରେ ମଧ୍ୟ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା।

## ମାଁ ମାଣିକେଶ୍ୱରୀଙ୍କ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ଭବାନୀପାଟଣା,୧।୧(ସମିସ): କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କ ମନ୍ଦିରରେ ଇଂରାଜୀ ନବବର୍ଷ ୨୦୨୬ର ପ୍ରାରମ୍ଭରେ ମାଁଙ୍କ ଆଶୀର୍ବାଦ ପାଇଁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ଭକ୍ତି ଓ ଭାବରେ ତାଙ୍କୁ ଉପଲବ୍ଧି କରି ନିଜ ଦୁଃଖ ଜଣାଇବା ସହିତ ବର୍ଷତମାମ ସୁଖ ସମୃଦ୍ଧିରେ ଜୀବନ ବିତାଇବାକୁ ପ୍ରାର୍ଥନା କରିଛନ୍ତି ଜିଲ୍ଲା ତଥା ରାଜ୍ୟ ଓ ରାଜ୍ୟବାହାରୁ ଆସିଥିବା ଭକ୍ତଗଣ। ମାଁ ମାଣିକେଶ୍ୱରୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଅଭିମୁଖେ ଅନେକ ଯାଉଥିବା ଜଣାପଡିଛି। କଳାହାଣ୍ଡିର ଦେବୀପୀଠ ଓ ପର୍ଯ୍ୟଟନସ୍ଥଳୀରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଛି। ଇଂରାଜୀ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଉତ୍ସବ ମନାଇଛନ୍ତି ଜନସାଧାରଣ। ଏଥିପାଇଁ ସବୁ ବୟସର ଲୋକ ନିଜ ନିଜ ବନ୍ଧୁ, ପରିବାର ତଥା ସମଧର୍ମୀମାନଙ୍କ ସହ ପର୍ଯ୍ୟଟନ ସ୍ଥଳୀର ମଜାନେବାକୁ ଭିଡ଼ ଜମେଇଛନ୍ତି। ଭୋଜିଭାତ ସହ ନାଚଗୀତରେ ବିଭିନ୍ନ ସ୍ଥାନ ମୁଖରିତ ହୋଇଛି। କଳାହାଣ୍ଡି ଜିଲ୍ଲାର ରାବଣଦର, ଫୁର୍ଲିଝରନ, ଡୋକରୀଚଂଚରା ଭଳି ଅନେକ ପ୍ରାକୃତିକ ମନୋରମ ସ୍ଥାନରେ ଏକତ୍ର ହୋଇଛନ୍ତି ଲୋକ। ସେହିପରି ନୂତନ ବର୍ଷରେ ସମସ୍ତଙ୍କ ଜୀବନରେ ସୁଖ ସମୃଦ୍ଧି କାମନା କରି ଦେବୀପୀଠମାନଙ୍କରେ ପୂଜାର୍ଚ୍ଚନା କରିଛନ୍ତି। ମା'ମାଣିକେଶ୍ୱରୀ ମନ୍ଦିରରେ ସକାଳଠୁ ସନ୍ଧ୍ୟା ଆଳତି ଯାଏଁ ଜାରି ରହିଥିଲା ଲୋକଙ୍କ ଆଗମନ। ନିଜର ତଥା ବନ୍ଧୁବାନ୍ଧବଙ୍କ ସହିତ କଳାହାଣ୍ଡିର ବିଭିନ୍ନ ଦେବୀପୀଠକୁ ଯାଇ ପୂଜା ଅର୍ପଣ କରିଛନ୍ତି।

## କଳା ବିକାଶ କେନ୍ଦ୍ର ପକ୍ଷରୁ ନବବର୍ଷକୁ ସ୍ୱାଗତ

କୋଲାବିରା,୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ରଘୁନାଥପାଲି ଅଯୋଧ୍ୟାନଗର ଛକ ଠାରେ ନବବର୍ଷର ସ୍ୱାଗତ ଉପଲକ୍ଷେ କୋଲାବିରା ବ୍ଲକ୍‌ସ୍ତରୀୟ କଳାବିକାଶ କେନ୍ଦ୍ର ଆନୁକୂଲ୍ୟରେ କଳା ସାଂସ୍କୃତିକ ସମାରୋହ ଅତ୍ୟନ୍ତ ଆନନ୍ଦ ଉଦ୍ଦୀପନାର ସହିତ ପାଳିତ ହୋଇଯାଇଛି।



କଳାବିକାଶ କେନ୍ଦ୍ରର ସଭାପତି ନୃପଲାଲ ପଶାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦର ସଭାପତି ପ୍ରଜ୍ଞା ସୌରଭ ଶୋଭାଚନ୍ଦ୍ର ନାଏକ ଯୋଗଦେଇ କଳା, ସଂକୃତି, ପରମ୍ପରା ବିନା ମାନବ ସମାଜ ଅସମ୍ପୂର୍ଣ୍ଣ ବୋଲି କହିବା ସହିତ କଳାବିକାଶ କେନ୍ଦ୍ରର ଉନ୍ନତି ପାଇଁ ମିଳିତ ଭାବେ ସାହାଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।। ସମ୍ମାନିତ ଅତିଥି ଭାବେ ଜୟ ହନୁମାନ ଉଦ୍ୟୋଗର ଜେନେରାଲ ମ୍ୟାନେଜର ରସାନନ୍ଦ ମହନ୍ତ, ରାଜେଶ ଦାସ, ସମରେନ୍ଦ୍ର ରାଏ ବିଜୟ ସାହୁ, ନେତ୍ରୁ ପଧାନ ଧିରେନ ପଧାନ, କ୍ଷୀରୋଦ ଚନ୍ଦ୍ର ଦାସ, ହରିସେଟ୍ ପ୍ରମୁଖ ଯୋଗ ଦେଇଥଲେ। ମୁଖ୍ୟବକ୍ତା ଭାବେ ଅନାଦି ପଧାନ କଳା ଓ କଳାର ବିକାଶ ଉପରେ ଆଲୋକପାତ କରିଥିଲେ। ସମାରୋହରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କଣ୍ଠଶିଳ୍ପୀ, ଯନ୍ତ୍ରଶିଳ୍ପୀ, ନୃତ୍ୟଶିଳ୍ପୀ, ସମ୍ପ୍ରଦା, ସଂକୀର୍ତ୍ତନ, କୃଷ୍ଣଗୁରୁ, ପାଲା, ଦାସକାଠିଆ ଓ କଳାପ୍ରେମୀ ବନ୍ଧୁଗଣ ନିଜନିଜ କଳା ପରିବେଷଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ କବି ତଥା ସାହିତିକ୍ୟଙ୍କ ମଧ୍ୟରେ ଅତୁଲ୍ୟ ଚାନ୍ଦ, ନିର୍ମଳ ଚାନ୍ଦ, ଆୟୁଷ ବାଗ, ଶତୃଘ୍ନ ଲୁହା, ଶରତ ପୂଝାରୀ, ବ୍ୟାସଦେବ ବାରିକ, ଲୋପାମୁଦ୍ରା ବାଗ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ସନ୍ଧ୍ୟା ପର୍ଯ୍ୟନ୍ତ କଳାକାରମାନଙ୍କ ଦ୍ୱାରା କଳା ପରିବେଷଣ କରାଯାଇଥିଲା। କଳାବିକାଶ କେନ୍ଦ୍ର ପରିଚାଳନା କମିଟର ଉପଦେଷ୍ଟା ମଣ୍ଡଳୀର ଡୋଲାମଣୀ ପଧାନ, ଦିଗାମ୍ବର ବାରିକ, ଗଣେଶ୍ୱର ମେହେର, ସଚ୍ଚିଦାନନ୍ଦ ପାଢ଼ୀ, ସିରର୍ଜୁ ଖମାରୀ, ଭଗବାନ ପଧାନ, ମୁକ୍ତେଶ୍ୱର ମିଶ୍ର, ପିଙ୍କୁ ଦାସ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଅଞ୍ଚଳର ବହୁ ଲୋକ ଉପଭୋଗ କରିବା ସହିତ ଦିନସାରା ଜନସମାଗମ ଦେଖିବାକୁ ମିଳିଥିଲା। ଏଇ ଅସବସରରେ ପୂର୍ବଦିନ ମୃତ୍ୟୁ ବରଣ କରିଥିବା ଅଯୋଧ୍ୟାନଗର ଛକର ହୋଟେଲ ବ୍ୟବସାୟୀ ରାହାସ ପଧାନଙ୍କ ବିୟୋଗରେ ଶୋକସଭା କରାଯାଇଥିଲା।

## ବଘରାଚକାରେ ଭଜନ ସମାରୋହ



ଝାରସୁଗୁଡ଼ା,୧।୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ରାଜପୁର ପଞ୍ଚାୟତ ଅଧୀନ ବଘରାଚକା ଠାରେ ବଘରାଚକା ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଗାୟିକା ବନ୍ଦିତା ନାୟକ ସୁନ୍ଦରାକାଣ୍ଡ ପାରାୟଣ ଓ ଭଜନ ପରିବେଷଣ କରି ଉପସ୍ଥିତ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ସେହିପରି ଶ୍ରୀରାଧାରାଣୀଙ୍କ ନାମ ଜପ ଯୋଗୁଁ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଅନେକ ଜନସାଧାରଣ ଯୋଗ ଦେଇଥିଲେ। ଆୟୋଜକ ବଘରାଚକା ବୀର ସୁରେନ୍ଦ୍ର ସାଏ କ୍ଲବ୍ ପକ୍ଷରୁ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯୋଗଦେଲେ ନୂତନ ଥାନାଧିକାରୀ

ରିଆମାଳ,୧।୧(ସମିସ): ନୂତନ ବର୍ଷରେ ରିଆମାଳରେ ନୂତନ ଥାନା ଅଧିକାରୀ ଭାବେ ବିନୟ କେରକେଟା ଯୋଗ ଦେଇଛନ୍ତି । ପୂର୍ବରୁ ସେ କୁଣ୍ଡେଇଗୋଲା ସବ ଇନ୍ସପେକ୍ଟର, ଖଇରପାଲି ଫାଣ୍ଡି ଅଧିକାରୀ, ଦେବଗଡ଼ ସବ୍ ଇନ୍ସପେକ୍ଟର ଭାବେ କାର୍ଯ୍ୟ କରି ସାରିଛନ୍ତି। ଥାନା ଅଞ୍ଚଳରେ ମଦ, ଗୋ ଚାଲାଣ, ଦ୍ରୁତ ଗାଡି ଚାଳନାକୁ ନିୟନ୍ତ୍ରଣ କରିବା ତାଙ୍କର ପ୍ରାଥମିକ କାର୍ଯ୍ୟ ହେବା ବୋଲି ସେ କହିଛନ୍ତି।



**● ନୂଆବର୍ଷ ପ୍ରଥମ ଦିନରେ ଦୁର୍ଘଟଣା**

## ଲାଞ୍ଜିଗଡ଼ରେ ବୃଦ୍ଧା, ଛତିକୁଡାରେ ଯୁବକଙ୍କ ମୃତ୍ୟୁ

ଭବାନୀପାଟଣା,୧।୧(ସମିସ):ଇଂରାଜୀ ନବବର୍ଷକୁ ସ୍ୱାଗତ କରି ଲୋକେ ପୂଜାପାଠ, ଭୋଜିଭାତରେ ମସଗୁଲ ଥିବାବେଳେ ଦୁଇଟି ପରିବାର ଶୋକରେ ବୁଡ଼ିଛି। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ଆଶ୍ରମପଡା ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେହିପରି ଛତିକୁଡ଼ା ଛକ ନିକଟରେ ଜଣେ ଯୁବକଙ୍କୁ ମଧ୍ୟ କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଯୁବକଙ୍କ ନାଁ ସନ୍ତୋଷ ମାଝୀ(୩୦) ବୋଲି ଜଣାପଡିଛି।ଦୁର୍ଘଟଣା ଘଟିବା ପରେ ଉଭୟ ସ୍ଥାନରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକେ କ୍ଷତିପୂରଣ ଦାବି କରି ଜିଦରେ ଅଡ଼ି ବସିଥିଲେ। ତେବେ ପୁଲିସ ପ୍ରଶାସନ ପକ୍ଷରୁ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ବ୍ୟବଚ୍ଛେଦ ପାଇଁ ଶବ ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଅତ୍ୟନ୍ତ ଶୋକାକୁଳ ପରିବେଶରେ ଦାହସଂସ୍କାର କରାଯାଇଥିଲା।

**● ଅଜଣା ଗାଡ଼ି ଧକ୍କାରେ ମହିଳାଙ୍କ ମୃତ୍ୟୁ**

## କ୍ଷତିପୂରଣ ଦାବିରେ ରାସ୍ତା ଉପରେ ଶବ ରଖି ବସିଲେ

ଲାଞ୍ଜିଗଡ,୧।୧(ସମିସ): ଲାଞ୍ଜିଗଡ଼ ଥାନା ଆଶ୍ରମପଡା ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ଲାଞ୍ଜିଗଡ଼ ପଞ୍ଚାୟତ ଜାମଚୁଆ ଗ୍ରାମର ସ୍ୱର୍ଗତ ସାଇବ ମାଝୀର ପତ୍ନୀ ମଲ ମାଝୀ (୫୫)। ସୂଚନାନୁସାରେ ମୃତ ମଲ ମାଝୀ କୌଣସି କାମରେ ଗାଁର ଲକ୍ଷ୍ମୀ ମାଝୀ ସହିତ ଜାମଚୁଆ ଗାଁରୁ ଲାଞ୍ଜିଗଡ଼ରୁ ଆଶ୍ରମପଡ଼ା ଆଡ଼କୁ ଯାଉଥିବା ସମୟରେ ପଛପଟୁ ଲାଞ୍ଜିଗଡ଼ ଆଡୁ କୌଣସି ଗାଡ଼ି ଦ୍ରୁତ ଗତିରେ ଆସି ଧକ୍କା ଦେଇଥିବା ବେଳେ ଦୂରକୁ ମହିଳା ଜଣକ ଛିଟିକି ପଡ଼ିଥିବା ବେଳେ ସେଇଠାରେ ହିଁ ତାର ପ୍ରାଣବାୟୁ ଉଡିଯାଇଥିଲା। ଧକ୍କା ଦେଇଥିବା ଗାଡି ସେଠାରୁ ଫେରାର ହୋଇଯାଇଥିଲା। ଖବର ଶୁଣି ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ ଏବଂ କ୍ଷତି ପୂରଣ ଓ ଦାବିରେ ରାସ୍ତା ଉପରେ ଶବରଖି ଲାଞ୍ଜିଗଡ଼ ଠାରୁ ବିଶ୍ୱନାଥପୁରକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ଦୁର୍ଘଟଣା ଦେଖି ନିକଟସ୍ଥ ଲୋକେ ଲାଞ୍ଜିଗଡ ପୁଲିସକୁ ଖବର ଦେଇଥିଲେ। ଦୁର୍ଘଟଣା ଦେଖି ନିକଟସ୍ଥ ଲୋକେ ଲାଞ୍ଜିଗଡ଼ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଲାଞ୍ଜିଗଡ଼ ଥାନାଧିକାରୀ ଯଶୋବନ୍ତ ହିଆଲଙ୍କ ନେତୃତ୍ୱରେ ଏସଆଇ ଡୋଲାମଣୀ ବିଶି,ଏଏସଆଇ ବଳଭଦ୍ର ଗୌଡ଼ ପୋଲିସ ବଳ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।ପୁଲିସ ତଦନ୍ତ କରି ମୃତକଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରି କ୍ଷତିପୂରଣ ପ୍ରତିଶ୍ରୁତି ପରେ ଦୀର୍ଘ ତିନି ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ଏନେଇ ଲାଞ୍ଜିଗଡ଼ ଥାନାରେ ମାମଲା ରୁଜୁ କରି ଶବବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି।



**ଝାରସୁଗୁଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ**

# ପଲ୍ଲିଶ୍ରୀ ମେଳା ଏବଂ ଜିଲ୍ଲା ମହୋତ୍ସବ 'ଦୁଲଦୁଲି -୨୦୨୬' ଉଦ୍‌ଘାଟିତ

ଝାରସୁଗୁଡ଼ା,୧।୧(ସମିସ)





ନବବର୍ଷରେ ଭବ୍ୟ ଶୋଭାଯାତ୍ରା ସହିତ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ ଦୁଲଦୁଲି ୨୦୨୬ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ମହୁରୀର ସୁମଧୁର ମର୍ଚ୍ଛନା, ଢୋଲର ଗମ୍ଭୀର ଗୁଞ୍ଜରଣ, ନିଶାନ ତାସାର ଉଦ୍ଦାମ ତାଳ ଏବଂ ଝାଞ୍ଜର ଝଙ୍କାରରେ ଝାରସୁଗୁଡ଼ାର ବୀର ମାଟି ଆଜି ଉତ୍ସବମୁଖର; ଯେଉଁଠି ଓଡ଼ିଆ ସାହିତ୍ୟର ଛନ୍ଦ ଓ ଲୋକକଳାର ସ୍ପନ୍ଦନ ଏକାଠି ହୋଇ ସୃଷ୍ଟି କରେ ଅନନ୍ୟ 'ଦୁଲଦୁଲି'। ଝାରସୁଗୁଡ଼ାର ସମୃଦ୍ଧ ଐତିହ୍ୟ, କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ଉତ୍ତରପିଢ଼ିର ହୃଦୟରେ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ, ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ୧ ରୁ ୫ ଜାନୁଆରୀ ପର୍ଯ୍ୟନ୍ତ ଝାରସୁଗୁଡ଼ା ବିଟିଏମ୍ ପଡିଆଠାରେ ଜିଲ୍ଲା ପ୍ରତିଷ୍ଠା ଦିବସ, ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ଓ ସ୍ୱଦେଶୀ ମେଳା ଏବଂ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬' ଉତ୍ସବ ଆରମ୍ଭ ହୋଇଛି।

ଏହି ଉପଲକ୍ଷେ ବାବା ଝାଡେଶ୍ୱର ଓ କନକ ଦୁର୍ଗା ମନ୍ଦିରର ଠାରେ ପୂଜାର୍ଚ୍ଚନା ପରେ ଶୁଭ କଳସ ଯାତ୍ରା ଏବଂ ସାଂସ୍କୃତିକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସାଂସ୍କୃତିକ ଦଳ ସମେତ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ କୁନାଲ ମୋତିରାମ ଚୌହ୍ୱାଣଙ୍କ ସମେତ ଦୁଲଦୁଲି କମିଟିର ସମସ୍ତ ସଦସ୍ୟଙ୍କ ସହିତ ସ୍ଥାନୀୟ ଜନସାଧାରଣ ସାମିଲ ହୋଇଥିଲେ। ଏଥର ଦ୍ୱିତୀୟ ବର୍ଷ ଝାରସୁଗୁଡ଼ା ବିଟିଏମ୍ ପଡିଆରେ ଆୟୋଜିତ ଝାରସୁଗୁଡ଼ା ଜିଲ୍ଲା ମହୋତ୍ସବ 'ଦୁଲ୍‌ଦୁଲି' ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଟଙ୍କଧର ତ୍ରିପାଠୀ, ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଝାରସୁଗୁଡ଼ା ବନଖଣ୍ଡ ଅଧିକାରୀ ମନୁ ଅଶୋକ ଭଟ, ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ଡ.ଅରୁଣା ମହାନ୍ତି, ପଦ୍ମଶ୍ରୀ ଡ.ଜିତେନ୍ଦ୍ରିୟ ହରିପାଳ, ପଦ୍ମଶ୍ରୀ ଡ.କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ପ୍ରମୁଖ ଯୋଗ ଦେଇଥିଲେ।

ଝାରସୁଗୁଡ଼ା ଏକ ଯୁବ ଜିଲ୍ଲା, ଜିଲ୍ଲାକୁ ଏଥର ୩୨ ପୁରି ୩୩ ଛୁଇଁଛି। ଝାରସୁଗୁଡ଼ାରେ ଗଢ଼ି ଉଠିଛି ଅନେକ ଗୁଡିଏ କଳକାରଖାନା, ଜିଲ୍ଲା ଇତି ମଧ୍ୟରେ ଏକ ଶିଳ୍ପ ନଗରୀ ରୂପେ ସମଗ୍ର ଦେଶରେ ଖ୍ୟାତି ଅର୍ଜନ କରିପାରିଛି ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ପ୍ରଥମ ଦିନରେ ଭରନି, ଓଡ଼ିଶୀ, ମୟୁର ଡାନ୍ସ, ଲାବଣି, କୋଳି, ମୟୁରଭଞ୍ଜ ଛଉ, ପଞ୍ଚରଶି ଲୋକନୃତ୍ୟ, ଆମର ଝାରସୁଗୁଡ଼ା, ବଜନିଆ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ଏବଂ ଓରମାସର ମିଳିତ ସହଯୋଗରେ ସ୍ଥାନୀୟ ବିଟିଏମ ପଡିଆଠାରେ ପାଞ୍ଚ ଦିନିଆ ମହୋତ୍ସବ ଆୟୋଜିତ ହେଉଛି। ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ଏକ ଭବ୍ୟ ପ୍ରଦର୍ଶନୀ ଦେଖିବାକୁ ମିଳିଛି। ଚଳିତ ବର୍ଷ ପଲ୍ଲୀଶ୍ରୀ ମେଳାରେ ମୋଟ ୨୦୦ଟି ଷ୍ଟଲ୍ ସ୍ଥାପନ କରାଯାଇଥିବା ବେଳେ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶିଳ୍ପୀମାନେ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଶା ବ୍ୟତୀତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ମଣିପୁର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରୁ ମଧ୍ୟ କାରିଗରମାନେ ନିଜର ସ୍ୱତନ୍ତ୍ର ହସ୍ତକଳା ସହ ଅଂଶଗ୍ରହଣ କରିଛନ୍ତି।

## ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଇଂରାଜୀ ନୂଆବର୍ଷକୁ ସ୍ୱାଗତ

ବୌଦ୍ଧ,୧।୧(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଗୁଡ଼ୀଆଳି ଗ୍ରାମରେ ଇଂରାଜୀ ନବବର୍ଷ ଅବସରରେ ଶ୍ରୀରାମ ଚରିତ ମାନସ ଆରଣ୍ୟକାଣ୍ଡ ପାରାୟଣ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ତ୍ତା ଭାବେ କନ୍ହୁ ନାଏକ ଓ ତାଙ୍କ ତାଙ୍କପତ୍ନୀ ଅମ୍ବିକା ନାଏକ ଦାୟିତ୍ୱ ତୁଲାଇଥିଲେ। ବ୍ୟାସ ଭାବେ ବରପାଲିର ସୁରଜ ଚନ୍ଦ୍ର



ଦେବତା ଯୋଗଦେଇ ଭଗବାନଙ୍କ କଥାମୃତ ଗାନ କରିଥିଲେ। ଏଥିରେ ସୀତାଚୋରି ଉପରେ କଳାକାରମାନେ ଅଭିନୟ କରିଥିଲେ। ଅତିଥି ଭାବେ ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ବ୍ରାହ୍ମଣିପାଲି ସରପଞ୍ଚ ଅରୁଣ ବାଘ, ବଡ଼ିଗାଁ ସରପଞ୍ଚ ସିଦ୍ଧେଶ୍ୱର ପ୍ରଧାନ ଯୋଗ ଦେଇଥିଲେ। ଗୁଡ଼ୀଆଳି ଗ୍ରାମର ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ଜଗତି ହନୁମାନ ମନ୍ଦିରରେ ମଧ୍ୟ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଛି। ଏଥିରେ କର୍ତ୍ତା ଭାବେ କୌଶିକ ମେହେର ଓ ତାଙ୍କ ପତ୍ନୀ ଯାଜ୍ଞସିନୀ ମେହେର ଦାୟିତ୍ୱ ତୁଲାଇଥିଲେ। କୁମୁଦ ପାଣିଗ୍ରାହୀ ପୂଜାକାର୍ଯ୍ୟ ତୁଲାଇଥିଲେ। ବ୍ୟାସ ଭାବେ ଶାନ୍ତନୁ ହୋତା ଯୋଗ ଦେଇ ଭଗବାନଙ୍କ କଥା ମୃତ ଗାନ କରିଥିଲେ।

ମନମୁଣ୍ଡା: ମନମୁଣ୍ଡା ଖେଳ ପଡିଆ ପଛ ପାଖ ନୂଆଁ ମେହେର ପଡ଼ାରେ କୀର୍ତ୍ତନ ମାଧ୍ୟମରେ ପୁରୁଣା ବର୍ଷକୁ ବିଦାୟ ଦେଇ ଇଂରାଜୀ ନୂଆଁ ବର୍ଷକୁ ସ୍ୱାଗତ କରାଯାଇଛି। ଉଦୟନାଥ ମେହେର, ଦଶାନନ ମେହେର, ରିଙ୍କୁ ମେହେର, ଅନନ୍ତ ମେହେର, ଦେବାଶିଷ ମେହେର, ଦୟାନିଧି ମେହେର, ବବୁଲୁ ମେହେର, ଯୋଗନାଥ ମେହେର ପ୍ରମୁଖ ସହଯୋଗ କରିଥିଲେ। ଶ୍ରୀୟା ମେହେର, ସୁମି ବାଗ, ନିକିତା ସାହୁ, ଡଲି ପ୍ରଧାନ, ବଳଦେବ ଭୋଇ, ସିଦ୍ଧାର୍ଥ ସାହୁ ପ୍ରମୁଖ ସନ୍ଧ୍ୟା ୬ରୁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ କୀର୍ତ୍ତନ ପରିବେଷଣ କରିଥିଲେ।

ପଲଶାଗୋରା: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ମକର ପଡିଆସ୍ଥିତ ମନ୍ଦିର ସମ୍ମୁଖରେ ବଘିଆବାହାଲ ପଣ୍ଟେଇ କ୍ଲବ୍ ଦ୍ୱାରା ରାମାୟଣ ପାରାୟଣ କାର୍ଯ୍ୟକ୍ରମ ମାଧ୍ୟମରେ ଇଂରାଜୀ ନବ ବର୍ଷକୁ ସ୍ୱାଗତ କରାଯାଇଛି। ଏଥିରେ ବ୍ୟାସ ଭାବେ ଦେବେନ୍ଦ୍ର ଦାସ (ଝାରକୁମୁଣ୍ଡା, ସୁବର୍ଣ୍ଣପୁର) ଯୋଗଦେଇ ରାମାୟଣ ପାଠ କରିଥିଲେ। ବାଦ୍ୟଯନ୍ତ୍ରରେ କାର୍ତ୍ତିକ ଭୁକ୍ତା, ଅନନ୍ତ ପ୍ରଧାନ, ସୀତାକାନ୍ତ ବାଗ, ପୁନମ ସାଲମା ସହଯୋଗ କରିଥିଲେ। ବୃନ୍ଦାବନ ସାହୁ ହନୁମାନ ବେଶରେ ସଜ୍ଜିତ ହୋଇ ନୃତ୍ୟ ମାଧ୍ୟମରେ ଶ୍ରୋତାଙ୍କୁ ଆକୃଷ୍ଟ କରିଥିଲେ। ଦେଶବନ୍ଧୁ କମ୍ପ ଓ ତାଙ୍କ ପତ୍ନୀ ମାଧବୀ କମ୍ପ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ବନମାଳୀ ପ୍ରହରାଜ ପୂଜକ ଭାବେ ଦାୟିତ୍ୱ ତୁଲାଇଥିଲେ। ଅନନ୍ତ ଖମାରୀଙ୍କ ସହ କ୍ଲବର ସମ୍ବିତ ପ୍ରଧାନ, ଜିତୁ ସାହୁ, ସନ୍ତୋଷ ଖମାରୀ, ମତିଲାଲ ମେହେର, ଜ୍ଞାନ ରଞ୍ଜନ ମହାପାତ୍ର, କୁନା ସେଠି, ପପୁନ ପଣ୍ଡା, ପ୍ରଭାତ ଖମାରୀ, ଅବିନାଶ ସାଲମା, ମନୋଜ ବାରିକ ପ୍ରମୁଖ ସହଯୋଗ କରିଥିଲେ।

କଣ୍ଟାମାଳ: କଣ୍ଟାମାଳ ବ୍ଲକ ନିକଟରେ ଥିବା ଶ୍ରୀରାମ ମନ୍ଦିରରେ ୧୦୮ ହନୁମାନ ଚାଳିଶା ପାଠ କରି ଇଂରାଜୀ ନୂତନ ବର୍ଷକୁ ସ୍ୱାଗତ କରାଯାଇଛି। ସନ୍ତୋଷ ବିଶିଙ୍କ ତତ୍ତ୍ୱାବଧାନରେ ଗୁରୁବାର ସକାଳୁ ଶହେ ଆଠ ହନୁମାନ ଚାଳିଶା ଆରମ୍ଭ ହୋଇଥିଲା। ମନ୍ଦିର ପୂଜକ ଆନନ୍ଦ ଚନ୍ଦ୍ର ପାଢ଼ୀ ପୂଜା ଦାୟିତ୍ୱ ତୁଲାଇଥଲେ। ପଣ୍ଡିତ ସନତ ମିଶ୍ର ବ୍ୟାସ ଥିଲେ। ଭାଗ୍ୟଧର ମିଶ୍ର, ହରିବନ୍ଧୁ ପୁରୋହିତ, ରାଜକିଶୋର ମିଶ୍ର, ବାଳକୃଷ୍ଣ ମିଶ୍ର, ନବୀନ ବିଶି, ବସନ୍ତ ମିଶ୍ର, ଜୟକୃଷ୍ଣ ମିଶ୍ର, ଜୟ ମହାରଣା, ଅରୁଣ ସାହୁ, ଅପର୍ତ୍ତି ପ୍ରଧାନ, ମନୋଜ ରାଜହଂସ ପ୍ରମୁଖ ହନୁମାନ ଚାଳିଶା ପାଠ କରିଥିଲେ। ଅନ୍ୟପକ୍ଷେ ନୂଆ ବର୍ଷ ଉପଲକ୍ଷେ ସକାଳୁ କଣ୍ଟାମାଳ ବ୍ଲକର ହାଟପଦାର ବାବା କପିଳେଶ୍ୱର ମନ୍ଦିର, କଣ୍ଟାମାଳ ଜଗନ୍ନାଥ ମନ୍ଦିର, ବନ୍ଧପାଲି ହନୁମାନ ମନ୍ଦିର, ଶ୍ରୀରାମ ମନ୍ଦିର ସମେତ ବିଭିନ୍ନ ଦେବାଳୟରେ ଭକ୍ତଙ୍କ ସମାଗମ ହୋଇଥିଲା। ଅନ୍ୟପକ୍ଷେ ବୌଦ୍ଧ ଜିଲ୍ଲା କଣ୍ଟାମାଳ କମଘାଟରେ ଅବସ୍ଥିତ ବାବା ଗୁପ୍ତେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ପ୍ରାପ୍ତି ଆଚାର୍ଯ୍ୟ, ସୋନୁ ପଣ୍ଡା, ଅବନିକାନ୍ତ ବଗର୍ତ୍ତୀ ସୁନ୍ଦରାକାଣ୍ଡ ପାରାୟଣ ପଠନ କରିଥିଲେ। ପ୍ରେମଶିଳା ଥନାପତି ଓ ରଘୁନାଥ ଥନାପତି କର୍ତ୍ତା ଥିଲେ।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

## ଦେଖିପାରିଲେନି ନୂଆବର୍ଷର ସୂର୍ଯ୍ୟୋଦୟ

ମନମୁଣ୍ଡା/ଶଗଡ଼ା,୧।୧(ସମିସ): ବିବାହର ମାତ୍ର ୭ ମାସ। ଶଳା, ଶାଳୀ ଏବଂ ପତ୍ନୀ ସହ ପୁରୁଣା ବର୍ଷକୁ ବିଦାୟ ଦେବାକୁ ଉତ୍ସବ ମନାଇବା ଲାଗି ଯାଉଥିଲେ; ହେଲେ ନବବର୍ଷର ସୂର୍ଯ୍ୟୋଦୟ ଦେଖିପାରିଲେନି। ବାଟରେ ଦୁର୍ଘଟଣା ଯୋଗୁ ଜୀବନ ଚାଲିଗଲା। ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୋହିପିଟା ନିକଟରେ ଏଭଳି ଏକ ଘଟଣା ଘଟିଛି। ମୃତକ ହେଲେ ସୁବର୍ଣ୍ଣପୁର ଜିଲ୍ଲା ସୁବଳୟା ଥାନା ଲକନି ଗ୍ରାମର ସୂର୍ଯ୍ୟନାରାୟଣ ଲୁହା (୩୦)। ଗୁରୁବାର ଦୈନିକ 'ସକାଳ'ର କେବିକେ ସଂସ୍କରଣର ୯ ନମ୍ବର ପୃଷ୍ଠାରେ 'ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ କିନ୍ତୁ ମୃତକଙ୍କ ପରିଚୟ ମିଳି ପାରି ନ ଥିବା ଉଲ୍ଲେଖ ରହିଥିଲା। ଏହା ସୂର୍ଯ୍ୟନାରାୟଣ ବୋଲି

- ପୁରୁଣାବର୍ଷକୁ ବିଦାୟ ଦେବାକୁ ଯାଉଥିଲେ
- ମିଳିଲା ପରିଚୟ; ବ୍ୟବଚ୍ଛେଦ ପରେ ଶବ ହସ୍ତାନ୍ତର



ଶେଷରେ ସ୍ପଷ୍ଟ ହୋଇଛି। ପ୍ରାୟ ୭ ମାସ ତଳେ ମନମୁଣ୍ଡା ଥାନା ଯୋଗିନ୍ଦ୍ରପୁର ଗ୍ରାମର ଅଚ୍ୟୁତ ଭୋଇନାଙ୍କ ଝିଅ ସୁଜ୍ଞାନୀଙ୍କୁ ସେ ବିବାହ କରିଥିଲେ। ୩୧ ତାରିଖ ସନ୍ଧ୍ୟା ପ୍ରାୟ ୭ଟାରେ ସେ ନିଜ ଗାଁରୁ ବାଇକ୍ (ଓ ଡି ୩୧ ଏଫ ୩୧୧୮)ରେ ସେ ଶ୍ୱଶୁର ଘରକୁ ବାହାରିଥିଲେ; କିନ୍ତୁ ରାତି ପ୍ରାୟ ୮ଟା ୩୦ରେ ମନମୁଣ୍ଡା ଥାନା ଗୋହିପିଟା ସୋଲାର ପ୍ଲାଣ୍ଟ ନିକଟରେ ଦୁର୍ଘଟଣା ଘଟିଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଦୁଃଖଦ ଘଟଣାରେ ତାଙ୍କ ପତ୍ନୀ କାନ୍ଦି କାନ୍ଦି ଭାଙ୍ଗି ପଡିଛନ୍ତି। ନିଜ ଗାଁ ଓ ଶ୍ୱଶୁର ଘର ଗାଁରେ ଛାୟା ଖେଳି ଯାଇଛି। କୌଣସି ଏକ ଅଜଣା ଗାଡ଼ି ଧକ୍କାରେ ସୂର୍ଯ୍ୟଙ୍କ ମୃତ୍ୟୁ ଘଟିଥିବା ତାଙ୍କ ବଡ଼ ଭାଇ ଆନନ୍ଦ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଶବ ଜବତ ମନମୁଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଥିଲା। ଏହାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ପୁଲିସ ନବ ବର୍ଷରେ ପ୍ରଥମ ମାମଲା ରୁଜୁ କରିଛି।

### ବଘିଆପଡ଼ା ଡାକ୍ତରଖାନା

## ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କ ହାତରେ ରୋଗୀ ସେବା

ବୌଦ୍ଧ,୧।୧(ସମିସ): ବୌଦ୍ଧ ବ୍ଲକ ବଘିଆପଡା ଡାକ୍ତରଖାନାରେ ଡାକ୍ତର କିମ୍ବା ଫାର୍ମାସିଷ୍ଟ ନାହାନ୍ତି। ଏହା ବଦଳରେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀଙ୍କ ଭରସାରେ ଏଠାରେ ରୋଗୀ ସେବା ଚାଲିଛି। ବହୁ ଦିନରୁ ଡାକ୍ତର ପଦବୀ ଖାଲି ପଡିଛି। ତେବେ ଏଠାରେ ଜଣେ ଫାର୍ମାସିଷ୍ଟ ବହୁ ଦିନ ଧରି ରୋଗୀ ସେବା ଯୋଗାଇ ଆସିଥିଲେ। ତାଙ୍କର ଅନ୍ୟତ୍ର ବଦଳି ହେବା ପରେ ଜଣେ ମହିଳା ବହୁମୁଖି ସ୍ୱାସ୍ଥ୍ୟ କର୍ମୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅନଭିଜ୍ଞ ମହିଳା ସ୍ୱାସ୍ଥ୍ୟକର୍ମୀ ଦାୟିତ୍ୱ ରଖିଥିଲେ ମଧ୍ୟ ଚିକିତ୍ସାରେ ଅଭିଜ୍ଞତା ନ ଥିବା ଯୋଗୁଁ ସିଡ଼ିଏମଓ ଆଉ ଜଣେ ପୁରୁଷ ବହୁମୁଖୀ ସ୍ୱାସ୍ଥ୍ୟକର୍ମୀଙ୍କୁ ପଠାଇଥିଲେ; ଯିଏକି ନୂତନ ଭାବେ ୨ ମାସ ହେଲା ଚାକିରି ଆରମ୍ଭ କରିଛନ୍ତି। ଅନ୍ୟପକ୍ଷେ ଡାକ୍ତରଖାନାରେ କୌଣସି ଔଷଧ ମଧ୍ୟ ନାହିଁ। ଫାର୍ମାଶିଷ୍ଟ ନ ଥିବା ହେତୁ ଆବଶ୍ୟକ ଔଷଧର ତାଲିକା ପ୍ରଦାନ କରାଯାଇ ପାରୁନି। ଏହି ଡାକ୍ତରଖାନା ଉପରେ ୬ଟି ପଞ୍ଚାୟତର ରୋଗୀ

**ଡାକ୍ତର କି ଫାର୍ମାସିଷ୍ଟ ନାହାନ୍ତି**

ସହ ନବୋଦୟ ବିଦ୍ୟାଳୟ, ପଲି ଟେକନିକ, ଆଇଟିଆଇ ଓ ମେଣ୍ଟିମାଳ ହାଇସ୍କୁଲ ହଷ୍ଟେଲର ଶହ ଶହ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି।

## ନରେନ୍ଦ୍ର ମୁଖିଙ୍କ ସ୍ମୃତିସଭା

ବୌଦ୍ଧ,୧।୧(ସମିସ): ବୌଦ୍ଧ ସହର କୁଳିପଡ଼ା ଘାଟ କମ୍ୟୁନିଷ୍ଟ ସେଣ୍ଟରରେ ବରେଣ୍ୟ ସାହିତ୍ୟିକ ତଥା ଶିକ୍ଷକ ସ୍ୱର୍ଗତ ନରେନ୍ଦ୍ର ମୁଖିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି। ନୀଳଚକ୍ର ସାହିତ୍ୟ ସଂସଦ ଓ ସିଦ୍ଧାର୍ଥ ସାହିତ୍ୟ ସଂସଦ ମିଳିତ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ବୌଦ୍ଧ ଜିଲ୍ଲା ଉନ୍ନୟନ ପରିଷଦ ସଭାପତି ଚିତ୍ତରଞ୍ଜନ ଦାଶ, ଅଧ୍ୟାପକ ଲଳିତ ମେହେର, ବରିଷ୍ଠ କବି କିଶୋର ମିଶ୍ର, ଦୁଃଖିଶ୍ୟାମ ବେହେରା, ସାମାଜିକକର୍ମୀ ବିଶିକେଶନ ପ୍ରଧାନ, କବୟିତ୍ରୀ ମଞ୍ଜୁପ୍ରଭା ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ରମେଶ ପ୍ରସାଦ ମେହେର ଏଥିରେ ସଭାପତିତ୍ୱ କରିଥିଲେ। ଅଭିନବ ପଟ୍ଟନାୟକ ସ୍ୱାଗତ କରିଥିଲେ। କୃତ୍ତିବାସ ପଲିଆ ସଂଯୋଜନା କରିଥିଲେ।

## ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ

ବୌଦ୍ଧ,୧।୧(ସମିସ): ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡକ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଇଂ ସୁଷମା ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଉପ ଜିଲ୍ଲାପାଳ ବିନୟ ଭୋଇ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବିଭିନ୍ନ ଦୁର୍ଘଟଣା ପ୍ରବଣ ସ୍ଥାନରେ ହମ୍ପ ନିର୍ମାଣ ଓ ସୂଚନା ଫଳକ ଲଗାଯିବା, ଯାନବାହାନ ତନଖି କଡାକଡି କରାଯିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷ ଉଦ୍ୟାପିତ

ବୌଦ୍ଧ,୧।୧(ସମିସ): ବୌଦ୍ଧ ନିୟନ୍ତ୍ରିତ ବଜାର କମିଟିର ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନର ଉଦ୍ୟାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତି ସମୂହର ଉପ ନିବନ୍ଧକ ଫକୀର ମୋହନ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସମବାୟ ସମିତି ସମୂହର ଉପ ସହକାରୀ ନିବନ୍ଧକ ଭାସ୍କର ଚନ୍ଦ୍ର ପାଣିଗ୍ରାହୀ, ଗଙ୍ଗାଧର କହଁର, ସଞ୍ଜୀବ ପଣ୍ଡା, ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ବୌଦ୍ଧ ଜିଲ୍ଲାର ସମସ୍ତ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକମାନେ ଯୋଗ ଦେଇଥିଲେ। କାର୍ଯ୍ୟମ ଆୟୋଜନରେ ସମବାୟ ନିବନ୍ଧକ ଶିବ ପ୍ରସାଦ ଖମାରୀ, ସ୍ୱର୍ଣ୍ଣପ୍ରଭା ପ୍ରଧାନ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କ ସମେତ ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ସହଯୋଗ କରିଥିଲେ।

## ଭାରସାମ୍ୟ ହରାଇ ଓଲଟି ପଡ଼ିଲା କାର୍

ତରଭା,୧।୧(ସମିସ):ବଲାଙ୍ଗିର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ତରଭା ନମସ୍ତେ ଗେଟରୁ ୫୦୦ ମିଟର ଆଗରେ ଶିବତୁଳା ବୁଲାଣି ନିକଟରେ ବୁଧବାର ରାତିରେ ସୋନପୁର ପଟରୁ ବଲାଙ୍ଗିର ଆସୁଥିବା ଏକ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି। କାର୍‌ଟି ବିଲ ମଝିରେ ପଶି ଏକ ଗଛକୁ ଧକ୍କାଦେଇ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ କାର୍‌ରେ ଥିବା ଚାରିଜଣ ଯାତ୍ରୀ ବର୍ତ୍ତି ଯାଇଥିବା ଜଣାଯାଇଛି। ଆମ୍ବୁଲାନ୍ସରେ ସମସ୍ତ ଯାତ୍ରୀଙ୍କୁ ବଲାଙ୍ଗିର ଡାକ୍ତରଖାନାକୁ ନିଆଯାଇଥିଲା।




## ଅମୁର୍ଡାରେ ୧୨ତମ ମହାନଦୀ ମହୋତ୍ସବ

ମନମୁଣ୍ଡା/ଶଗଡ଼ା,୧।୧(ସମିସ): ବୌଦ୍ଧ ବ୍ଲକ ରକ୍ସା (ଦହ୍ୟା) ପଞ୍ଚାୟତ ଆମୁର୍ଡାରେ ୧୨ତମ ମହାନଦୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ବର୍ଷ ପରି ଚଳିତବର୍ଷ ମଧ୍ୟ ନୂଆଁ ବର୍ଷ ଅବସରରେ ମହେଶ୍ୱରପିଣ୍ଡାସ୍ଥିତ ଅର୍ମୁଡା ମହାନଦୀରେ ଗ୍ରାମବାସୀଙ୍କ ତରଫରୁ ମହାନଦୀ ମହୋତ୍ସବ ଆୟୋଜନ କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗଙ୍କ ନେତୃତ୍ୱରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଏହି ମହାନଦୀ ମହୋତ୍ସବ ପାଳିତ ହୋଇଛି। ଏଥିରେ ସୁନ୍ଦରାକାଣ୍ଡ ପାରାୟଣ କରାଯାଇଥିଲା। କର୍ତ୍ତା ଭାବେ ଟଙ୍କଧର ସେଠି ଓ ତାଙ୍କ ପତ୍ନୀ ଉର୍ମିଳା ସେଠି ଦାୟିତ୍ୱ ତୁଲାଇଛନ୍ତି। ବ୍ୟାସ ଭାବେ ରାଜେଶ ଦାସ ସୁନ୍ଦରକାଣ୍ଡ ପାରାୟଣ ପଠନ କରିଥିଲେ।

## ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା

ବୀରମହାରାଜପୁର,୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକର କାର୍ଯ୍ୟକାରୀ ସାମ୍ବାଦିକ ସଂଘର ସଭାପତି ଶତ୍ରୁଘ୍ନ ମେହେରଙ୍କ ଆହ୍ୱାନକ୍ରମେ ସଂଘର ସମସ୍ତ ସଭ୍ୟମାନଙ୍କୁ ନେଇ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶ୍ରୀ ମେହେର ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୌରିଶଙ୍କର ପାଣିଗ୍ରାହୀଙ୍କ ଦ୍ୱାରା ପୂର୍ବ ବୈଠକର ବିବରଣୀ ପାଠ କରାଯାଇଥିଲା। ସଭାପତି ପ୍ରଥମେ ସଂଘର ନିୟମ ଅନୁଯାୟୀ ନିର୍ବାଚନର ଅବଧି ଏକବର୍ଷ ପୂରଣ ହୋଇଥିବାରୁ ସଂଘର ସୁପରିଚାଳନା







ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅଥବା ଚୟନ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବରେ ଉପସ୍ଥିତ ସମସ୍ତ ସଭ୍ୟଙ୍କ ସର୍ବସମ୍ମତି କ୍ରମେ ପୁଣିଥରେ ଶତ୍ରୁଘ୍ନ ମେହେରଙ୍କୁ ସଭାପତି ଗୌରୀଶଙ୍କର ପାଣିଗ୍ରାହୀଙ୍କୁ ସମ୍ପାଦକ ଓ ସନାତନ ନାଗଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରିଥିଲେ। ସେହିପରି ଉପସଭାପତି ଭାବେ କିଶୋର କୁମାର ହୋତା, ସହସମ୍ପାଦକ ଭାବେ ମନୋରଞ୍ଜନ ଦାସଙ୍କୁ ଚୟନ କରାଯାଇଛି। ସେହିପରି ସଂଘର ସୁପରିଚାଳନା ପାଇଁ ଉପଦେଷ୍ଟା ଭାବେ ରାଜେଶ ସେଠୀ, ଶେଷଦେବ ବାରିକ୍, ଶୁଶିଲ କୁମାର ପଣ୍ଡା, ସହଦେବ ମେହେରଙ୍କୁ ଚୟନ କରାଯାଇଛି। ବରିଷ୍ଠ ସାମ୍ବାଦିକ ତଥା ନବନିଯୁକ୍ତ ସଭାପତି ଶତ୍ରୁଘ୍ନମେହେରଙ୍କୁ ନିର୍ଭିକ ଓ ନିରପେକ୍ଷ ସାମ୍ବାଦିକତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସାମ୍ବାଦିକ କିଶୋର ହୋତା, ମନୋରଞ୍ଜନ ଦାସ, ଗୌରୀଶଙ୍କର ପାଣିଗ୍ରାହୀ, ସନାତନ ନାଗ, ରାଜେଶ ସେଠୀ, ଶେଷଦେବ ବାରିକ, ଭୀଷ୍ମଦେବ ଜଗଦଲା, ସୁଦାମ ମେହେର, ଶୁଶିଲ କୁମାର ପଣ୍ଡା, ରାଜକିଶୋର ଜଗଦଲା ପ୍ରମୁଖ ଉପସ୍ଥିତ ଥିଲେ।

## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା



ବୀରମହାରାଜପୁର,୧।୧(ସମିସ): ବରିଷ୍ଠ ନାଗରିକ ସଂଗଠନର ସଦସ୍ୟ ଉଗ୍ରସେନ ବିଶ୍ୱାଳଙ୍କ ତିରୋଧାନରେ ଗୁରୁବାର ପୂର୍ବାହ୍ନରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପ୍ରଫୁଲ୍ଲ ରଥ ଏ ସଂକ୍ରାନ୍ତରେ ଏକ ଶୋକ ପ୍ରସ୍ତାବ ଆଣିଥିଲେ। ସ୍ୱର୍ଗତ ବିଶ୍ୱାଳଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଭୂଷଣ ପାତ୍ର ଏବଂ ସୁରୁ ସାହୁ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ଶୋକସଭାରେ ଅନୁଷ୍ଠାନର ସଦସ୍ୟ ଦ୍ୱିତୀକୃଷ୍ଣ ପଣ୍ଡା, ଅଦ୍ୱୈତ ପଣ୍ଡା, ଦୟାନିଧି ହୋତା, ଶିବ ଖମାରୀ, ନାରାୟଣ ନାୟକ, ସନ୍ତୋଷ ଷଡ଼ଙ୍ଗୀ, ସୌମିତ୍ରୀ ମେହେର, ରମେଶ ପଣ୍ଡା, ଗୋପୀନାଥ ମହାକୁର, ଶ୍ୟାମସେଠୀ, ଅକୃର ଦନ୍ତା, ଚମରା ମହାକୁର, ରତ୍ନାକର ମହାକୁର, ଦିଲୀପ ତ୍ରିପାଠୀ, ବଳରାମ କାଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।

### ● ସୁବର୍ଣ୍ଣପୁର ରୋଗୀ କଲ୍ୟାଣ ସମିତିର କାର୍ଯ୍ୟ ନିର୍ବାହୀ କମିଟି ବୈଠକ

## ରେଡ୍‌କ୍ରସ୍ ପାଇଁ ଅର୍ଥ ଯୋଗାଡ଼କୁ ଗୁରୁତ୍ୱ

ତରଭା,୧।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ରୋଗୀ କଲ୍ୟାଣ ସମିତିର କାର୍ଯ୍ୟନିର୍ବାହୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡ. ନୃପରାଜ ସାହୁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରୋଗୀମାନଙ୍କ ଠିକ୍ ଚିକିତ୍ସା, ଡାକ୍ତରଖାନା ପରିସର ସଫାସୁତୁରା ଓ ସମସ୍ତ ରୋଗ ଚିକିତ୍ସା ଯନ୍ତ୍ରପାତିର ସୁବିଧା ତଥା ମଦ୍ୟପ ରୋଗୀ ସମ୍ପର୍କୀୟଙ୍କୁ ଡାକ୍ତରଖାନା ଭିତରକୁ ପଶିବାରେ ବାରଣ କରିବା, ଡାକ୍ତରଖାନା ପରିଚାଳନାରେ ଆସୁଥିବା ସମସ୍ୟାକୁ କିପରି ଦୂର କରାଯାଇପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାସ ଏବଂ ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଗତ ମାସରେ ହୋଇଥିବା ବୈଠକର ସମୀକ୍ଷା ସହିତ କ'ଣ ନୂଆ କରାଯାଇ ପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ସମୟରେ ଜିଲ୍ଲାପାଳ ରେଡକ୍ରସ ପାଇଁ ଅର୍ଥରାଶି ଯୋଗାଡ଼କୁ ଗୁରୁତ୍ୱାରୋପ କରିଥିଲେ। ରେଡକ୍ରସ ଅସହାୟ ଏବଂ ପୀଡିତ ପରିବାରଙ୍କ ସାହାଯ୍ୟ କରିଥାଏ; କିନ୍ତୁ ରେଡକ୍ରସକୁ ଅର୍ଥରାଶି ନ ଆସୁଥିବାରୁ ଜିଲ୍ଲାପାଳ ଏହା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସମସ୍ତେ ନିଜ ନିଜସ୍ତରରେ ରେଡକ୍ରସକୁ କିପରି ପାଣ୍ଠି ଆସିପାରିବ ସେଥିପ୍ରତି ସମସ୍ତେ ଚେଷ୍ଟା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥଲେ। ଡାକ୍ତରଖାନା ପରିସର କିପରି ପ୍ରତିଦିନ ନିୟମିତ ଭାବରେ ସଫା କରାଯିବ ତାହା ମଧ୍ୟ ଆଲୋଚନା ହୋଇଥିଲା। ସମସ୍ତ ରୋଗୀ କ୍ୟାବିନକୁ କିପରି କାର୍ଯ୍ୟକ୍ଷମ କରାଯିବ ସେଥି ପାଇଁ କର୍ମଚାରୀଙ୍କୁ ଦୃଷ୍ଟି ଦେବା ପାଇଁ ଜିଲ୍ଲାପାଳ ଆଦେଶ ଦେଇଛନ୍ତି। ଆଉ ଏକ ହାଇଡ୍ରୋଲିକ୍ ଲେବର ଟେବୁଲର ବ୍ୟବସ୍ଥା ପାଇଁ ଜିଲ୍ଲାପାଳ ମଞ୍ଜୁରୀ ଦେଇଛନ୍ତି। ଏହି ବୈଠକରେ ଜିଲ୍ଲାରେ ଦେଖାଯାଉଥିବା ଦୀର୍ଘକାଳୀନ କିଡ଼ନୀ ରୋଗର ଚିକିତ୍ସା ଓ ନିବାରଣ ପାଇଁ ଥିବା କାର୍ଯକାରୀ ଦଳର ସମୀକ୍ଷା ହୋଇଥିଲା। ଜିଲ୍ଲାରେ ଥିବା କିଡ଼ନୀ ପ୍ରବଣ ଗାଁରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରତ୍ୟକ୍ଷ ନିରୀକ୍ଷଣ କରୁଥିବା ସୂଚନା ଦିଆଯାଇଛି। ଗୋଟିଏ ଗ୍ରାମରେ ୩ରୁ ଅଧିକ ରୋଗୀ ଥିଲେ ସେହି ଗାଁ ସକ୍ରିୟ ପର୍ଯବେକ୍ଷଣରେ ରହିବ ବୋଲି ଡ. ଉଷାରଣୀ ଦାଶ ସୂଚନା ଦେଇଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ଟିମ୍ କିଡ଼ନୀପ୍ରବଣ ଗ୍ରାମର ପିଇବା ପାଣିକୁ ଯାଞ୍ଚ କରୁଛି। ଏଥିରେ ଭାରି ଧାତୁ ଥିଲେ ସେହି ସବୁ ଟ୍ୟୁବ୍‌ୱେଲର ପାଣି ବ୍ୟବହାର ନ କରିବା ପାଇଁ ଗ୍ରାମବାସୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସ୍ୱାସ୍ଥ୍ୟ ଅଧିକାରୀ ସୂଚନା ଦେଇଛନ୍ତି। ଜିଲ୍ଲାରେ ଏଯାଏ ୧୬ଟି ଗାଁର ପାଣି ପରୀକ୍ଷା ସରିଛି। ସେଥିମଧ୍ୟରୁ ୩ଟି ଗାଁର ପାଣିରେ ଭାରି ଧାତୁର ଅଂଶ ମିଳିଥିବାଛି। ରୋଗ ପରୀକ୍ଷା ବଢାଇବା ସହ କିଡ଼ନୀ ରୋଗର ମୁଖ୍ୟ କାରଣକୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା ପ୍ରଦାନ କରି ରୋଗୀଙ୍କ ସଂଖ୍ୟା କିପରି ହ୍ରାସ କରାଯାଇ ପାରିବ ସେ ବିଷୟରେ ଜିଲ୍ଲାପାଳ ସୂଚନା ଦେଇଛନ୍ତି।

### ୧୩ ତମ କୈବଲ୍ୟ ସ୍ମାରକୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ମହିମୁଣ୍ଡା ଚାମ୍ପିଅନ

ତରଭା,୧।୧(ସମିସ)



ତରଭା ବ୍ଲକ୍ ସିଂହାରୀ ଗ୍ରାମର ଗାନ୍ଧୀ ଖେଳ ପଡିଆରେ ୧୩ତମ କୈବଲ୍ୟ ସ୍ମାରକୀ ଫୁଟବଲ୍ ଟୁର୍ନାମେଣ୍ଟର ଫାଇନାଲରେ ମହିମୁଣ୍ଡା ଦଳ ଚାମ୍ପିଅନ ହୋଇଛି। ଦ୍ୱିତୀୟ ଦିବସରେ ୪ଟି ଦଳ ମଧ୍ୟରେ ଫୁଟବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ କରଲାମୁହାଣ ଓ କମସାରା ଏଫସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କରଲାମୁହାଣ ଦଳ ସେମି ଫାଇନାଲକୁ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚ ମହିମୁଣ୍ଡା ଓ ଡୁଷୁରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହିମୁଣ୍ଡା ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଥିଲା।

ସେମି ଫାଇନାଲ ମ୍ୟାଚ କରଲାମୁହାଣ ଓ ମହିମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହିମୁଣ୍ଡା ଦଳ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଘଣ୍ଟାପଡ଼ା ଏବଂ ମହିମୁଣ୍ଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମହୀମୁଣ୍ଡା ଦଳ ପେନାଲ୍ଟି ସୁଟ୍‌ରେ ୩--୨ ଗୋଲରେ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଉପ ବିଜେତା ଭାବେ ଘଣ୍ଟାପଡା ଦଳକୁ ସନ୍ତୁଷ୍ଟ ହେବାକୁ ପଡିଥିଲା। ଅତିଥିମାନଙ୍କ ଦ୍ୱାର ବିଜେତା ମହିମୁଣ୍ଡା ଦଳକୁ ଟ୍ରଫି ସହ ୪ ହଜାର ଓ ଉପ ବିଜେତା ଘଣ୍ଟାପଡା ଦଳକୁ ଟ୍ରଫି ସହ ୩ ହଜାର ଅର୍ଥରାଶି ପ୍ରଦାନ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଂହାରୀ ପେକ୍ସ ସମ୍ପାଦକ ଅଜାମ୍ବିଲ ଚୌହାନ, ସମ୍ମାନିତ ଅତିଥି ରୂପେ ଯୁବ ନେତା ପୀତବାସ ଘିବେଲା, ବଘିଆ ସିଆରସିସି ସୁରେଶ ଚନ୍ଦ୍ର ଘିବେଲା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରହଲ୍ଲାଦ ଚୌହାନ, ସିଂହାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ପଣ୍ଡା, ଚାରଭଟା ସିଆରସିସି ଶରତ ସୁନା, ପ୍ରଶାନ୍ତ ସା, ମନୋରଞ୍ଜନ କୁଅଁର, ଦୟାସାଗର କୁଅଁର, ଲିଙ୍ଗରାଜ ସାହୁ, ପ୍ରକାଶ କୁଅଁର, ପିଙ୍କୁ କୁଅଁର, ଅମିତ ପାଣି, ସୁରେଶ୍ ମାଝୀଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଖେଳକୁ ପିଇଟି ସଞ୍ଜୀବ ସାହୁ ପରିଚାଳନା କରିଥିବା ବେଳେ ନରେନ୍ଦ୍ର ରଣା ଓ ଖୁର୍ଜାର ମହମ୍ମଦ ସହଯୋଗ କରିଥିଲେ। ଶିକ୍ଷକ ପଞ୍ଚାନନ କୁଶଳ ଧାରାବିବରଣୀ ପ୍ରଦାନ କରିଥିଲେ। ଶେଷରେ ସଭାପତି ସୁନିଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଆଥଲେଟିକ ମିଟ୍‌ର କୃତୀ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା



ବୌଦ୍ଧ,୧।୧(ସମିସ): ରାଜ୍ୟ ଆଥଲେଟିକ ମିଟ୍‌ରେ କୃତିତ୍ୱ ଲାଭ କରିଥିବା ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନର ଖେଳାଳିମାନେ ବୌଦ୍ଧରେ ପହଞ୍ଚିଛନ୍ତି। ପ୍ରଥମେ ଜିଲ୍ଲା ଷ୍ଟାଡିୟମରେ ଏମାନଙ୍କୁ ଆସୋସିଏସନ ତରଫରୁ ସ୍ୱାଗତ କରାଯାଇଥିଲା। ଏହାପରେ କୃତିତ୍ୱ ଲାଭ କରିଥିବା ୩ଜଣ କ୍ରୀଡାବିତଙ୍କୁ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। କୃତିତ୍ୱ ଅର୍ଜନ କରିଥିବା ଖେଳାଳୀମାନେ ହେଲେ ଡେକାଥେଲନରେ ସ୍ୱର୍ଣ୍ଣ ପଦକ ପାଇଥିବା ରାହୁଲ ସରାଫ ,୧୧୦ ହର୍ଡଲରେ ବ୍ରୋଞ୍ଜ ପଦକ ପାଇଥିବା ରୋଶନ ହୋତା ଓ ୪ଶହ ମିଟର ହର୍ଡଲରେ ବ୍ରୋଞ୍ଜ ପଦକ ପାଇଥିବା ସ୍ୱାଗତ ଦେହୁରୀ। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ, ଉପଜିଲ୍ଲାପାଳ ବିନୟ ଭୋଇ ଏହି ୩ଜଣ କ୍ରୀଡାବିତକୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବୌଦ୍ଧ ଜିଲ୍ଲା ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ, ସହ ସମ୍ପାଦକ ଲମ୍ବୋଦର ପୁରୋହିତ, କୋଷାଧ୍ୟକ୍ଷ ସୁଶୀଳ ପରିଡା ଏବଂ ବରିଷ୍ଠ କ୍ରୀଡାବିତ ଆଶୁତୋଷ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବାରବାଟି ଷ୍ଟାଡିୟମରେ ରାଜ୍ୟ ଆଥଲେଟିକ ମିଟ୍‌ରେ ବୌଦ୍ଧରୁ ୨୭ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ।







ଗୁରୁବାର ଇଂରାଜୀ ନୂଆବର୍ଷର ପ୍ରଥମ ଦିନରେ ମା' ସମଲେଶ୍ୱରୀ, ବାବା ଆଖଣ୍ଡଳମଣୀ ପୀଠ ଏବଂ ପୁରୀ ବେଳାଭୂମିରେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ

# ନୂଆବର୍ଷରେ ଅପରାଧ

## ବଣଭୋଜିରୁ ଲଙ୍କାକାଣ୍ଡ

### ଯୁବକଙ୍କୁ ଭଙ୍ଗା ବୋତଲରେ ଆକ୍ରମଣ; ୨ ଗିରଫ

ନୟାହାଟ,୧।୧(ସମିସ): ନୂଆ ବର୍ଷରେ ବଣ ଭୋଜି କରିବାକୁ ଆସିଥିବା କିଛି ଯୁବକଙ୍କ ମଧ୍ୟରେ ତୁମୁଳକାଣ୍ଡ ଘଟିଛି। ମଦ୍ୟ ପାନ କରି ଗଣ୍ଡଗୋଳ କରିବା ସହ ଜଣେ ଯୁବକଙ୍କ ବେକରେ ଅନ୍ୟଜଣେ ଯୁବକ ଭଙ୍ଗା ବୋତଲ ପୂରାଇ ଦେଇଛନ୍ତି। ଫଳରେ ପିଣ୍ଟୁ ରାଉତ (୨୭) ନାମଙ୍କ ଯୁବକ ଗୁରୁତର ଆହତ



ହୋଇଛନ୍ତି। ତାଙ୍କୁ ଭୁବନେଶ୍ୱରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୁଲିସ ନୟାହାଟ ଅଞ୍ଚଳରୁ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧୂମାଳ ଗ୍ରାମର ମୁନ୍ନୁ ମିଶ୍ର ଓ ସାଙ୍ଗପାନିଆଁ ଗ୍ରାମର ପୁପୁଲୁ ନାୟକ।

ସୂଚନାଯୋଗ୍ୟ, ରାମେଶ୍ୱର ମନ୍ଦିରର ପ୍ରାଚୀ ନଦୀ କୂଳରେ ଥିବା ପିକ୍‌ନିକ୍ ସ୍ଥାନରେ ନୟାହାଟ ଅଞ୍ଚଳର କିଛି ଯୁବକ ଓ ସୋରଭା ପଞ୍ଚାୟତ ମୁରୁଡ଼ା ଗ୍ରାମର କିଛି ଯୁବକ ଭୋଜି କରୁଥିଲେ। ମୁରୁଡ଼ାର ରୋହିତ ରାଉତଙ୍କ ପୁଅ ପିଣ୍ଟୁଙ୍କର ନିକଟରେ ନିର୍ବନ୍ଧ ସରିଥିବାରୁ ସେ ତାଙ୍କ ସାଙ୍ଗସାଥୀଙ୍କୁ ନେଇ ନୂଆ ବର୍ଷ ପାଳନ କରିବାକୁ ଆସିଥିଲେ। ପିକ୍‌ନିକ୍ ସ୍ଥାନରେ ଗଣ୍ଡଗୋଳ ଘଟି ପିଣ୍ଟୁଙ୍କ ବେକରେ ଅପରଗୋଷ୍ଠୀର ଯୁବକ ମଦ ବୋତଲ ଭର୍ତ୍ତି କରିଦେଇଥିଲେ। ଖବରପାଇ ନିମାପଡ଼ା ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ, କାକଟପୁର ଥାନା ଅଧିକାରୀ ରଶ୍ମୀ ରଞ୍ଜନ ସାହୁ ଓ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ ନୟାହାଟ ଫାଣ୍ଡିକୁ ଆସି ତଦନ୍ତ କରିଛନ୍ତି। ଗିରଫ ଦୁଇ ଯୁବକଙ୍କୁ ନେଇ ଗଣ୍ଡଗୋଳ ଘଟିଥିବା ସ୍ଥାନରେ ତଦନ୍ତ କରିଥିଲେ।

## ଜ୍ୱାଇଁଙ୍କୁ ବିଷଦେଇ ହତ୍ୟା ଅଭିଯୋଗ

### ଶବ ରଖି ଫାଣ୍ଡି ସମ୍ମୁଖରେ ରାସ୍ତାରୋକ




ନୟାଗଡ଼,୧।୧(ସମିସ): ଶଶୁର ଘରେ ବିଷ ପିଆଇ ଜ୍ୱାଇଁଙ୍କୁ ହତ୍ୟା ଅଭିଯୋଗ। ମୃତକ ହେଲେ ଖଡିଆ ଗାଁର ବିପିନ ଭୂୟାଁ। ନ୍ୟାୟ ଦାବିରେ ଦର୍ପନାରାୟଣପୁର ଫାଣ୍ଡି ଆଗ ରାସ୍ତାରେ ଶବ ରଖି ପରିବାର ଲୋକ ଏବଂ ଗ୍ରାମବାସୀ ଧାରଣା ଦେଇଛନ୍ତି।

ଦର୍ପନାରାୟଣପୁର ଫାଣ୍ଡି ଅନ୍ତର୍ଗତ ଖଡିଆ ଗାଁର ରମେଶ ଭୂୟାଁଙ୍କ ପୁଅ ବିପିନ ଗତ ୮ ମାସ ତଳେ ସଦର ଥାନା ଜୟମଙ୍ଗଳପ୍ରସାଦ ଗାଁରେ ବିବାହ କରିଥିଲେ। ବିବାହ ପରଠାରୁ ଶଶୁର ଘର ଲୋକେ ବିଭିନ୍ନ ସମୟରେ ବିପିନଠାରୁ ଲକ୍ଷାଧିକ ଟଙ୍କା ମାଗି ନେଇଥିଲେ। ଗତ କିଛିଦିନ ତଳେ ପୁଣିଥରେ ୫୦ ହଜାର ଟଙ୍କା ମାଗିଥିଲେ। ଏଥିପାଇଁ ମନା କରିବାରୁ ଶଶୁର ଘର ଲୋକେ ଏବଂ ସ୍ତ୍ରୀ ତାଙ୍କ ସହ କଥା ହୋଇ ନ ଥିଲେ। ଏପରିକି ସ୍ତ୍ରୀ ବାପ ଘରକୁ ଚାଲି ଆସିଥିଲେ। ଗତ ମଙ୍ଗଳବାର ବିପିନ ଶଶୁର ଘରକୁ ଆସିଥିଲେ। ସେଠାରେ ଶଶୁର ଘର ଲୋକେ ତାଙ୍କୁ ପ୍ରବଳ ମାଡ଼ ମାରିବା ସହ ଜୋର୍‌ଜବରଦସ୍ତ ଥଣ୍ଡା ପାନୀୟରେ ବିଷ ପିଆଇ ଦେଇଥିବା ବିପିନଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ବିପିନଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଦେଇ ଶଶୁର ଘର ଲୋକେ ପଳାଇ ଯାଇଥିଲେ। ପରେ ବିପିନଙ୍କୁ ପରିବାର ଲୋକ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏନେଇ ବିପିନଙ୍କ ପରିବାର ସଦସ୍ୟ ଦର୍ପନାରାୟଣପୁର ଫାଣ୍ଡିରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଚିକିତ୍ସାଧୀନ ଥିବାବେଳେ ବିପିନଙ୍କ ବୟାନ ଭାଇରାଲ୍ ହୋଇଛି। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ବିପିନଙ୍କ ମୃତ୍ୟୁ ହୋଇଯିବା ପରେ ନ୍ୟାୟ ଦାବିରେ ଫାଣ୍ଡି ଆଗରେ ଶବ ରଖି ଗ୍ରାମବାସୀ ରାସ୍ତାରୋକ କରିଛନ୍ତି। ରଣପୁର ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରୁଥିବା ସୂଚନା ମିଳିଛି।

## ନନ୍ଦନକାନନରେ ରେକର୍ଡ ପର୍ଯ୍ୟଟକ

■ ନୂଆବର୍ଷର ପ୍ରଥମ ଦିନରେ ୩୭,୨୬୦ ଟିକଟ ବିକ୍ରି
■ ୨୦୨୫ରେ ବୁଲିଥିଲେ ୪୦.୨୦ ଲକ୍ଷ ପର୍ଯ୍ୟଟକ

ନନ୍ଦନକାନନ/ବାରଙ୍ଗ,୧।୧(ସମିସ): ନୂଆ ବର୍ଷର ପ୍ରଥମ ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପାଇଁ ୩୭ ହଜାର ୨୬୦ ଖଣ୍ଡ ଟିକଟ ବିକ୍ରି ହୋଇଛି। ସେହିଭଳି ରାଜ୍ୟ ଉଦ୍ଭିଦ ଉଦ୍ୟାନ ପାଇଁ ୩୦୦୯ ଖଣ୍ଡ ଟିକେଟ ବିକ୍ରି ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୨୦୨୫ବର୍ଷରେ ନନ୍ଦନକାନନକୁ ମୋଟ ୪୦ଲକ୍ଷ ୨୦ହଜାର ୫୩୯ ଜଣ ପର୍ଯ୍ୟଟକ ଆସିଛନ୍ତି। ଏଥିମଧ୍ୟରୁ ୩୮ ଲକ୍ଷ ୪୩ ହଜାର ୨୮ ଜଣ ଦର୍ଶକ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଏବଂ ୧ ଲକ୍ଷ ୭୭ ହଜାର ୫୧୧ ଜଣ ପର୍ଯ୍ୟଟକ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଥିଲେ। ୨୦୨୪ବର୍ଷରେ ମୋଟ ୩୭ ଲକ୍ଷ ୯୯ହଜାର ୪୫୨ ଜଣ ପର୍ଯ୍ୟଟକ ଆସିଥିବା ବେଳେ ୨୦୨୪ ଅପେକ୍ଷା ୨୦୨୫ରେ ୨ଲକ୍ଷ ୨୧ହଜାର ୮୭ଜଣ ପର୍ଯ୍ୟଟକ ଅଧିକ ଆସିଥିବା ନେଇ ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି। ତେବେ ୨୦୨୬ ବର୍ଷର ପ୍ରଥମ ଦିନ ୧୨ଟା ପରେ ପର୍ଯ୍ୟଟକଙ୍କ ସୁଅ ଛୁଟିଥିଲା। ଅବସ୍ଥା ଏମିତି ହୋଇଥିଲା କି ଟିକଟ କାଉଣ୍ଟର ପ୍ରବେଶ ପଥ ଲୁହା ଫାଟକ ବନ୍ଦ କରିବାକୁ ପଡିଥିଲା। ଟିକଟ କାଉଣ୍ଟର ପାଖରେ ଭିଡ଼ରେ ଆଉ ପର୍ଯ୍ୟଟକ ଜଗା ହୋଇ ନ ଥିଲେ। କିଛି ପର୍ଯ୍ୟଟକଙ୍କୁ ସେଠାରୁ ଛାଡିଲା ପରେ ଥାକ ଥାକକି ପର୍ଯ୍ୟଟକଙ୍କୁ ଭିତରେ ପ୍ରବେଶ କରିବାକୁ ଦିଆଯାଇଥିଲା।




## ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି: ପ୍ରସନ୍ନ



**ରାଜ୍ୟରେ ମାତ୍ର ୮ ପ୍ରତିଶତ ଧାନ ସଂଗ୍ରହ; ମନ୍ତ୍ରୀ ରାତିରେ ସ୍ୱପ୍ନ ଦେଖି ଧାନ କିଣା ତଥ୍ୟ ଦେଉଛନ୍ତି**

ଭୁବନେଶ୍ୱର,୧।୧(ସମିସ): ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ଧାନ ପ୍ରତି କୁଇଣ୍ଟାଲ ୮୦୦ ଟଙ୍କା ଇନପୁଟ ସବସିଡି ପ୍ରଦାନ କରୁଛନ୍ତି ବୋଲି ରାଜ୍ୟ ସରକାର ବାହାବା ନେଉଥିବା ବେଳେ ବାସ୍ତବରେ ରାଜ୍ୟର ଧାନ କିଣାକୁ ଦେଖିଲେ, ଏହା ଚାଷୀକୁଳଙ୍କ ପ୍ରତି ଧୋକା ଓ ପ୍ରତାରଣାରେ ପରିଣତ ହୋଇଛି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ରାଜ୍ୟରେ ବିଜେପି ସରକାର ଆସିବା ଦିନଠାରୁ ଧାନ ଧାନ ସଂଗ୍ରହ ରାଜ୍ୟରେ କମି କମି ଯାଉଛି। ଗତ ୩୧ ତାରିଖ ଯାଏଁ ତଥ୍ୟ ଅନୁସାରେ ଓଡ଼ିଶାରେ ମାତ୍ର ୮ ପ୍ରତିଶତ ଧାନ ସଂଗ୍ରହ କରାଯାଇଛି। କେନ୍ଦ୍ର ସରକାର ୱେବସାଇଟରେ ଏନେଇ ତଥ୍ୟ ରହିଛି। ମାତ୍ର ଯୋଗାଣ ମନ୍ତ୍ରୀ କିନ୍ତୁ ରାତିରେ ସ୍ୱପ୍ନ ଦେଖି ଧାନ କିଣା ନେଇ ତଥ୍ୟ ଦେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଛତିଶଗଡରେ ୪୧ ପ୍ରତିଶତ ଧାନ ସଂଗ୍ରହ ହୋଇଥିବା ବେଳେ ଓଡ଼ିଶାରେ ମାତ୍ର ୮ ପ୍ରତିଶତ ହୋଇଛି। ସରକାର ଚାଷୀଙ୍କଠାରୁ ଧାନ କିଣୁ ନଥିବାରୁ ଚାଷୀ କମ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଅପରପକ୍ଷେ ସରକାରଙ୍କ ଆଖିକୁ ଏକଥା ଦେଖାଯାଉ ନାହିଁ। ସରକାର ନିଜେ ବରଗଡ଼ରେ ଚାଷୀଙ୍କୁ ଲିଖିତ ଭାବେ ୧ ପ୍ରତିଶତ କଟଣୀ ଛଟଣୀ ହେବ ବୋଲି କହିଛନ୍ତି। ରାଜ୍ୟ ସରକାର ଇନପୁଟ ସବସିଡି ଦେଇ ବାହାଦୂରୀ ମାରୁଛନ୍ତି। ମାତ୍ର ଚାଷୀଙ୍କଠାରୁ ଧାନ କିଣିଲେ ସିନା ଚାଷୀ ଇନପୁଟ ସବସିଡ ପାଇବେ ବୋଲି ଶ୍ରୀ ଆଚାର୍ଯ୍ୟ ସମାଲୋଚନା କରିଛନ୍ତି।

## ଆନ୍ଦୋଳନ କରିବେ ଏସ୍ଏସ୍ବି ଅଧ୍ୟାପକ

**ଯୁକ୍ତ ଦୁଇ ପରୀକ୍ଷାରେ ଅସହଯୋଗ ଓ ଖାତା ଦେଖା ବର୍ଜନ ଚେତାବନୀ**

ଭୁବନେଶ୍ୱର, ୧।୧(ସମିସ): ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍ଏସ୍ବି) ପକ୍ଷରୁ ନିଯୁକ୍ତ ଅଧ୍ୟାପକମାନେ ସରକାରଙ୍କୁ ଚରମବାଣୀ ଶୁଣେଇଛନ୍ତି। ପୂର୍ବରୁ ୭ ଦଫା ଦାବିରେ ସେମାନେ ଆନ୍ଦୋଳନ କରିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବିଭାଗୀୟ ସଚିବଙ୍କୁ ଅବଗତ କରିଛନ୍ତି। ଆସନ୍ତା ୧୪ ତାରିଖ ମଧ୍ୟରେ ସେମାନଙ୍କ ସମସ୍ତ ଦାବି ପୂରଣ କରା ନ ଗଲେ ୧୫ ରୁ ଅନର୍ଦିଷ୍ଟ କାଳ ଯାଏ ଆନ୍ଦୋଳନ କରିବା ସହିତ ଯୁକ୍ତ ଦୁଇ ପରୀକ୍ଷାରେ ଅସହଯୋଗ ଓ ଖାତା ଦେଖା ବର୍ଜନ କରିବେ ବୋଲି ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସଂଘ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ଏସ୍ଏସ୍ବି ଅଧ୍ୟାପକଙ୍କ ଦାବି ଅନୁଯାୟୀ ୟୁଜିସି ପେ-ସ୍କେଲ ପ୍ରଦାନ କରିବା ସହିତ ସରକାରୀ କର୍ମଚାରୀ ମାନ୍ୟତା, ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ଷ୍ଟେଜ -୧ ପଦବୀର ପୁନଃ ନାମକରଣ, ସରକାରୀ କଲେଜ ଅଧ୍ୟାପକଙ୍କ ଭଳି ସମସ୍ତ ସୁବିଧା ସୁଯୋଗ ପ୍ରଦାନ, ଉପଯୁକ୍ତ ଦରମା ପ୍ରଦାନ ଆଦି ୭ ଦଫା ଦାବି ରହିଛି। ପୂର୍ବରୁ ସେମାନେ ରାଜରାସ୍ତାରେ ଆନ୍ଦୋଳନ କରି ନିଜର ହକ୍ ଦେବାକୁ ଦାବି କରିଛନ୍ତି। ଆସନ୍ତା ୧୪ ତାରିଖ ମଧ୍ୟରେ ସେମାନଙ୍କ ଦାବିକୁ ସରକାର ପୂରଣ ନ କଲେ ସେମାନେ ଆନ୍ଦୋଳନକୁ ଓହ୍ଲାଇବେ। ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବିକ୍ଷୋଭ କରିବେ। ଏପରିକି ଫେବୃଆରୀ ୧୭ ତାରିଖରୁ ଅନୁଷ୍ଠିତ ହେଉଥିବା ଯୁକ୍ତ ଦୁଇ ପରୀକ୍ଷାରେ ଅସହଯୋଗ କରିବା ସହ ଖାତା ଦେଖା ବର୍ଜନ କରିବେ ବୋଲି ସଙ୍ଘର କାର୍ଯ୍ୟକାରୀ ସଭାପତି ମାନସ ରଞ୍ଜନ ସାହୁ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବହୁ ଅଧ୍ୟାପକ ଅଧ୍ୟାପିକା ସାମିଲ ଥିଲେ।

## ୬ରୁ 'ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ'

**ଲୋକସେବା ଭବନ ସମ୍ମେଳନ କକ୍ଷରେ ହେବ ଉଦ୍‌ଘାଟନ**

ଭୁବନେଶ୍ୱର,୧।୧(ସମିସ): ଚଳିତ ଜାନୁଆରୀ ୬ ରୁ ୮ ତାରିଖ ଯାଏଁ ଷଷ୍ଠ ଜାତୀୟ ଚିଲିକା ପକ୍ଷୀ ମହୋତ୍ସବ ଆୟୋଜିତ ହେବ। ପର୍ଯ୍ୟଟନ ବିଭାଗ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବ ସଂରକ୍ଷଣ-ନେତୃତ୍ୱାଧୀନ ପର୍ଯ୍ୟଟନ, ସ୍ଥାୟୀତ୍ୱ ଏବଂ ଗୋଷ୍ଠୀ ଭାଗୀଦାରି ପ୍ରତି ରାଜ୍ୟର ପ୍ରତିବଦ୍ଧତାକୁ ସୁନିଶ୍ଚିତ କରିବା ନିମନ୍ତେ ଚିଲିକା ହ୍ରଦଠାରେ ଆୟୋଜିତ ହେବାକୁ ଥିବା ଏହି ମହୋତ୍ସବକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଭୁବନେଶ୍ୱରର ଲୋକସେବା ଭବନରେ ଉଦ୍‌ଘାଟନ କରିବେ।

ଏହି ମହୋତ୍ସବ ପରିଦର୍ଶକମାନଙ୍କୁ ଏକ ସଂରକ୍ଷିତ ଆର୍ଦ୍ରଭୂମିରେ ପ୍ରବାସୀ ପକ୍ଷୀଙ୍କ ସମାଗମ ଦେଖିବାର ସୁଯୋଗ ପ୍ରଦାନ କରିବ। ଏହାସହ ପରିଦର୍ଶକମାନେ ସ୍ଥାନୀୟ ହସ୍ତଶିଳ୍ପ ସହ ପରିଚିତ ହେବା ସାଙ୍ଗକୁ ସମ୍ପ୍ରଦାୟଗୁଡିକ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଆଞ୍ଚଳିକ ଖାଦ୍ୟର ଆନନ୍ଦ ନେଇପାରିବେ। ପକ୍ଷୀବିଜ୍ଞାନୀ, ପକ୍ଷୀପ୍ରେମୀ ଏବଂ ବନ୍ୟପ୍ରାଣୀ ଫଟୋଗ୍ରାଫରଙ୍କ ନେତୃତ୍ୱରେ ପାରସ୍ପରିକ ଆଲୋଚନା ଅଧିବେଶନରେ ଅଂଶଗ୍ରହଣ କରିବାର ସୁଯୋଗ ଏବଂ ବରକୁଳର ପାନ୍ଥନିବାସ ନିକଟରେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟଙ୍କ ନୌକା ପ୍ରତିଯୋଗିତା ଏବଂ ଦୁଃସାହସିକ ଜଳକ୍ରୀଡ଼ା କାର୍ଯ୍ୟକ୍ରମକୁ ଅନୁଭବ କରିବାର ସୁଯୋଗ ପାଇବେ। ବରକୁଳରେ ଚିଲିକା ଡଙ୍ଗା ଦୌଡକୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିବେ। ଏହି ଉପଲକ୍ଷେ ସ୍ଥାନୀୟ ମତ୍ସ୍ୟଜୀବୀ ସମ୍ପ୍ରଦାୟର ସଦସ୍ୟମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସ୍ଥାନୀୟ ବିଦ୍ୟାଳୟର ଛାତ୍ର ଏବଂ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଆଲୋଚନା ଅଧିବେଶନ ଆୟୋଜନ କରାଯିବ।

# ଲୋକାର୍ପଣ ହେଲା ରାଇରଙ୍ଗପୁର ଇଗ୍‌ନୋ

ରାଇରଙ୍ଗପୁର,୧।୧(ସମିସ): ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ଶିକ୍ଷାର ମାନଦଣ୍ଡକୁ ସୁଦୃଢ଼ କରିବା ପାଇଁ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍‌ନୋ)ର ଆଞ୍ଚଳିକ ଓ ଦକ୍ଷତା କେନ୍ଦ୍ର ଗୁରୁବାର ରାଇରଙ୍ଗପୁରରେ ଲୋକାର୍ପଣ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭର୍ଚୁଆଲ ମୋଡ୍‌ରେ ଯୋଡ଼ି ହୋଇ ଲୋକର୍ପଣ କରିଛନ୍ତି। ଭର୍ଚୁଆଲରେ ଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଦକ୍ଷତା ବିକାଶ ବିଭାଗ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ଇଗ୍‌ନୋ କୁଳପତି ପ୍ରଫେସର ଉମା କଞ୍ଜିଲାଲ ପ୍ରମୁଖ ଉପସ୍ଥିତ ଥିଲେ।

ରାଇରଙ୍ଗପୁର ଟାଉନ୍ ହଲ୍‌ଠାରେ ଇଗ୍‌ନୋ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ରର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମନୋଜ କୁମାର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଶ୍ରମ ବିଭାଗ ରାଷ୍ଟ୍ରମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ସାଂସଦ ନବ ଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ସାରସକଣା ବିଧାୟକ ଭାଦବ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ। ଇଗ୍‌ନୋ ଜରିଆରେ ଅନେକ ଡିଷ୍ଟାନ୍ସ କୋର୍ସର ଶିକ୍ଷା ଗ୍ରହଣ କରାଯାଇଥାଏ। ରାଇରଙ୍ଗପୁରରେ ଏହା ସ୍ଥାପନ ଦ୍ୱାରା ଶିକ୍ଷା କ୍ଷେତ୍ରରେ ଉନ୍ନତି ସହ ଶିକ୍ଷାର ମାନ ବୃଦ୍ଧି କରିବା ନିମନ୍ତେ ଅନେକ ସହାୟକ ହେବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି। ଶିକ୍ଷା ଓ ଦକ୍ଷତା




■ ଆଞ୍ଚଳିକ କେନ୍ଦ୍ର ଓ ଦକ୍ଷତା କେନ୍ଦ୍ରକୁ ଶୁଭାରମ୍ଭ କରିଲେ ରାଷ୍ଟ୍ରପତି
■ ଅସ୍ଥାୟୀ କ୍ୟାମ୍ପସ୍‌ରେ ଆରମ୍ଭ ହେଲା ଶିକ୍ଷାଦାନ
■ ଆଦିବାସୀ ବହୁଳ ଅଞ୍ଚଳରେ ବୃଦ୍ଧି ପାଇବ ଶିକ୍ଷାର ମାନଦଣ୍ଡ

ବିକାଶ ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ। ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳ ରାଇରାଙ୍ଗପୁରରେ ଏହି କେନ୍ଦ୍ର ସ୍ଥାପନା ହେବା ଦ୍ୱାରା ସ୍ଥାନୀୟ ଯୁବକ, ଯୁବତୀ, ବ୍ୟକ୍ତି, ଗୃହିଣୀ ଓ ଶିକ୍ଷାରୁ ବଞ୍ଚିତ ଲୋକମାନଙ୍କ ପାଇଁ ନୂଆ ସମ୍ଭାବନାର ଦ୍ୱାର ଖୋଲିଛି। ଏହା ମାଧ୍ୟମରେ ମୁକ୍ତ ଓ ଦୂରଶିକ୍ଷା ପ୍ରଣାଳୀ ଦ୍ୱାରା ଉଚ୍ଚଶିକ୍ଷା ସହିତ ଦକ୍ଷତାମୂଳକ ତାଲିମ ଲୋକମାନଙ୍କ ଦ୍ୱାରା ସହଜରେ ଗ୍ରହଣ କରାଯିବା ସମ୍ଭବ ହେବ। ରାଷ୍ଟ୍ରପତି ତାଙ୍କ ଉଦ୍‌ବୋଧନ ଦେଇ କହିଥିଲେ ଯେ ଶିକ୍ଷା ହେଉଛି ଏକ ସଶକ୍ତ ଓ ସମାବେଶୀ ରାଷ୍ଟ୍ର ଗଠନର ମୂଳ ଆଧାର। ଆଦିବାସୀ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଦକ୍ଷତା ବିକାଶ ସୁବିଧା ପହଞ୍ଚିବା ନିମନ୍ତେ ଇଗ୍‌ନୋ ପରି ପ୍ରତିଷ୍ଠାନଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ଭାଷଣରେ ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ ଶିକ୍ଷାକୁ ସୁଗମ ଏବଂ କୌଶଳମୁଖୀ କରିବା ହେଉଛି ସରକାରଙ୍କ ମୂଳ ଲକ୍ଷ୍ୟ। ରାଇରାଙ୍ଗପୁରରେ ଇଗ୍‌ନୋ ଆଞ୍ଚଳିକ କେନ୍ଦ୍ର ଏବଂ କୌଶଳ କେନ୍ଦ୍ର ସ୍ଥାପନା ଏହି ଦୃଷ୍ଟିକୋଣକୁ ବାସ୍ତବ ରୂପ ଦେବାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ବୋଲି କହିଛନ୍ତି।

ପୂର୍ବରୁ ଭୁବନେଶ୍ୱରଠାରେ ଆଞ୍ଚଳିକ କେନ୍ଦ୍ର ଥିବାବେଳେ ବାରିପଦାସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିଲା। କିନ୍ତୁ ତାହାକୁ ଅଧିକ ପରିବ୍ୟାପ୍ତ କରିବା ପାଇଁ ଇଗ୍‌ନୋ ପକ୍ଷରୁ ଓଡ଼ିଶାର ୪ଟି ଜୋନ୍‌ରେ ଆଞ୍ଚଳିକ କେନ୍ଦ୍ର କରିବା ନେଇ ସ୍ଥିରୀକୃତ ହୋଇଛି। ଯେଉଁଥିରେ କି ଉତ୍ତର ଓଡ଼ିଶା ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁରଠାରେ କେନ୍ଦ୍ର ସ୍ଥାପନ କରାଯାଇଛି। ଉକ୍ତ ଆଞ୍ଚଳିକ କେନ୍ଦ୍ର ଅଧୀନରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ ଏବଂ ଯାଜପୁର ଜିଲ୍ଲା ରହିଛି। ଉକ୍ତ ଜିଲ୍ଲାର ସମସ୍ତ ଇଗ୍‌ନୋ ପରୀକ୍ଷା କେନ୍ଦ୍ର ଏହି ଆଞ୍ଚଳିକ କେନ୍ଦ୍ର ଅଧୀନରେ ରହିବ। ବର୍ତ୍ତମାନ ଅସ୍ଥାୟୀ ଭାବେ ନିୟମିତ ବଜାରସ୍ଥିତ ମଣ୍ଡପ ପରିସରରେ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକ୍ଷମ ହୋଇଛି। ଆଗକୁ ସ୍ଥାୟୀ କ୍ୟାମ୍ପସ୍ ହେବାକୁ ରାଇରଙ୍ଗପୁର ଡିଗ୍ରୀ ମହାବିଦ୍ୟାଳୟ ସମ୍ମୁଖରେ ୧.୨୫ ଏକର ଜମି ଚିହ୍ନଟ ହୋଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେଲେ କେନ୍ଦ୍ର ସ୍ଥାପନ ନେଇ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି।

## ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ଆକ୍ରମଣ

**ଗୁରୁତର ଖୋକନ ମେଡିକାଲରେ ଭର୍ତ୍ତି**
**୧୫ ଦିନରେ ଚତୁର୍ଥ ଘଟଣା**

ଢାକା, ୧।୧ (ଏଜେନ୍ସି): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଆକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଡିସେମ୍ବର ୩୧ ଅର୍ଥାତ ବିଦାୟୀ ବର୍ଷର ଶେଷ ଦିନରେ ଆଉ ଜଣେ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ଆକ୍ରମଣ କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦିଆଯାଇଛି। ତେବେ ସେ ନିକଟବର୍ତ୍ତୀ ପୋଖରୀକୁ ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି। କିନ୍ତୁ ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଏହାକୁ ମିଶାଇ ୪ ଜଣ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରାଗଲାଣି। ଏହାପୂର୍ବରୁ ଘଟିଥିବା ତିନିଟି ଆକ୍ରମଣ ଘଟଣାରେ ତିନି ଜଣ ପ୍ରାଣ ହରାଇଛନ୍ତି। ଏହାକୁ ନେଇ ବାଂଲାଦେଶରେ ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗତକାଲି ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଉଛନ୍ତି ସରିୟତପୁର ଜିଲ୍ଲାର ଖୋକନ ଦାସ। ସେ ଗତକାଲି ଘରକୁ ଫେରୁଥିବା ବେଳେ ଭିଡ଼ ଆକ୍ରମଣର ଶିକାର ହୋଇଥିଲେ। ୫୦ ବର୍ଷୀୟ ଖୋକନଙ୍କୁ ଭିଡ଼ ଘେରିଯାଇଥିଲେ। ପ୍ରଥମେ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଥିଲା। ପରେ ନିର୍ମମ ଭାବେ ମାଡ଼ ମାରି ନିଆଁ ଲଗାଇ ଦିଆଯାଇଥିଲା। ଆକ୍ରମଣରେ ସେ ଗୁରୁତର ଭାବେ ପୋଡ଼ି ଯାଇଥିଲେ। ତେବେ ସେ ପୋଖରୀକୁ ଡେଇଁ ଜୀବନ ବଞ୍ଚାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସ ଅଭିଯୁକ୍ତଙ୍କୁ ଖୋଜୁଛି। ଗତ ୧୫ ଦିନ ମଧ୍ୟରେ ବାଂଲାଦେଶରେ ଚତୁର୍ଥ ହିନ୍ଦୁ ବ୍ୟକ୍ତିଙ୍କୁ ଆକ୍ରମଣ କରାଯାଇଛି। ପୂର୍ବରୁ ଡିସେମ୍ବର ୧୮ରେ ମୟମନସିଂ ଜିଲ୍ଲାରେ ଦୀପୁ ଚନ୍ଦ୍ର ଦାସଙ୍କୁ ଏକ ଭିଡ଼ ଦ୍ୱାରା ପିଟିପିଟି ହତ୍ୟା କରାଯିବା ପରେ ତାଙ୍କ ମୃତଦେହକୁ ଗଛରେ ଟାଙ୍ଗି ଜାଳି ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଆଉ ଦୁଇ ଜଣ ହିନ୍ଦୁ ବ୍ୟକ୍ତି ହତ୍ୟାକାଣ୍ଡର ଶିକାର ହୋଇଥିଲେ। ସେମାନେ ହେଲେ ଅମୃତ ମଣ୍ଡଳ ଓ ବ୍ରଜେନ୍ଦର ବିଶ୍ୱାସ।

ସୂଚନାଯୋଗ୍ୟ ଯେ ଭାରତ ବିରୋଧୀ ନେତା ହାଦିଙ୍କ ମୃତ୍ୟୁ ପାଇଁ ବିଭିନ୍ନ ଚରମପନ୍ଥୀ ସଂଗଠନ ଭାରତକୁ ଦାୟୀ କରୁଛନ୍ତି। ସେମାନେ ଅଭିଯୋଗ କରୁଛନ୍ତି ଯେ ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଭାରତରେ ଲୁଚିଛନ୍ତି। ଏଥିପାଇଁ ସେମାନେ ଠୋରେ ହିନ୍ଦୁ ଲୋକଙ୍କୁ ଆକ୍ରମଣ କରୁଥିବା ସନ୍ଦେହ କରାଯାଉଛି।

## ଆଜିର ରାଶିଫଳ

**ମେଷ:** ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ପ୍ରେମ ସମ୍ପର୍କରେ ସମସ୍ୟା ସୃଷ୍ଟି ହୋଇପାରେ। ଦୀର୍ଘଦିନରୁ ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଆୟ ଓ ବ୍ୟୟ ସମାନ ରହିବ। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ବୃଷ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପାରିବାରିକ ଜୀବନ ସୁଖମୟ ହେବ। ପରିବାର ସହିତ ସୁଖଦ ସମୟ ଅତିବାହିତ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ମିଥୁନ:** ଦିନଟି ଶୁଭଫଳ ପ୍ରଦାନ କରିବ। ଆର୍ଥିକ ମାମଲାରେ ସୁଧାର ଆସିବ। ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ବନ୍ଧୁ ତଥା ଭାଇଙ୍କ ସହଯୋଗ ମିଳିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ସାମାଜିକ ପ୍ରତିଷ୍ଠା ବଢ଼ିବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗରେ ଆଗକୁ ବଢ଼ିବେ। ମାନସମ୍ମାନ ବୃଦ୍ଧି ପାଇବ।

**ସିଂହ:** କର୍ମ ଚଞ୍ଚଳ ରହିବେ। ମନ ପ୍ରଫୁଲ୍ଲିତ ରହିବ। ଆୟଠୁ ବ୍ୟୟ ଅଧିକ ହେବ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଘର ପାଇଁ ନୂଆ ଜିନିଷ କିଣିବେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କନ୍ୟା:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ। ରାଜନୀତିରେ ସାମିଲ ହେବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ବୈବାହିକ ଜୀବନରେ ସମସ୍ୟା ଆସିବ। ସାଙ୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିବେ।

**ତୁଳା:** ଅଫିସ୍ କାର୍ଯ୍ୟରେ ବିଦେଶ ଯାତ୍ରା ଯୋଗ ଅଛି। ଧାରକରଜରୁ ଦୂରେଇ ରହିବେ। ମାଆଙ୍କ ସ୍ୱାସ୍ଥ୍ୟ ସମସ୍ୟାରେ ଉନ୍ନତି ପରିଲକ୍ଷିତ ହେବ। ନିବେଶ କରିବା ପୂର୍ବରୁ ଭଲଭାବେ ଚିନ୍ତା କରନ୍ତୁ।

**ବିଛା:** ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ମନ ପ୍ରସନ୍ନ ରହିବ। ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ। ନିଜ ଲୋକ ଶତ୍ରୁ ସାଜିବେ। ମାପିଚୁପି କଥା କୁହନ୍ତୁ।

**ଧନୁ:** ନିବେଶରୁ ଲାଭ ମିଳିବ। କାର୍ଯ୍ୟରୁ ଆଶାଜନକ ଫଳ ମିଳିବ। ଆତ୍ମବିଶ୍ୱାସର ସହ କାର୍ଯ୍ୟ ସମ୍ପାଦନ କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

**ମକର:** ଶାରୀରିକ ଯନ୍ତ୍ରଣା ଭୋଗିପାରନ୍ତି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ବୁଲାବୁଲି ପାଇଁ ଯୋଜନା ପ୍ରସ୍ତୁତ କରିବେ। ଖେଳାଳିଙ୍କୁ ସଫଳତା ମିଳିବ। ବ୍ୟବସାୟରେ କ୍ଷତି ଘଟିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କୁମ୍ଭ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଧାର୍ମିକ କାର୍ଯ୍ୟ କରିବେ। ସମାଜରେ ମାନ ପ୍ରତିଷ୍ଠା ବଢ଼ିବ। ସମାଜସେବାରେ ନିଜକୁ ନିୟୋଜିତ କରିବେ। ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ।

**ମୀନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ବିଦ୍ୟାର୍ଥୀ ପଢ଼ାରେ ମନଯୋଗ ଦେବେ। ପଡ଼ୋଶୀଙ୍କ ସହ ବିବାଦ ଦେଖା ଦେବ। ବିଶେଷ କାର୍ଯ୍ୟରୁ ଲାଭ ମିଳିବ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

## ଆଜିର ଇତିହାସ

- ୧୭୫୭- ବ୍ରିଟିଶ୍ ସେନା କଲିକତା ସହର ଉପରେ କବ୍‌ଜା କଲା।
- ୧୯୪୨- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନୀ ସେନା ଫିଲିପାଇନ୍ସର ରାଜଧାନୀ ମାନିଲା ଉପରେ କବ୍‌ଜା କଲେ।
- ୧୯୫୪- ଭାରତ ରତ୍ନ ପୁରସ୍କାରର ଆରମ୍ଭ ହେଲା ।
- ୧୯୭୧-ସ୍କଟ୍‌ଲ୍ୟାଣ୍ଡର ଗ୍ଲାସ୍‌ଗୋରେ ଏକ ଫୁଟବଲ ମ୍ୟାଚ୍‌ରେ ଦଳାଚକଟା ଯୋଗୁ ୬୬ ଜଣ ଫୁଟବଲ ପ୍ରେମୀଙ୍କ ମୃତ୍ୟୁ।
- ୧୯୯୧- ଥିରୁବନନ୍ତପୁରମ୍ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ମିଳିଲା।

# ଟୁଥ୍‌ପିକ୍‌ରେ ଏଫିଲ୍ ଟାୱାର

ଆମେରିକାର ଜଣେ ବାଳକ ନିଜର ନିଆରା ପ୍ରତିଭା ଯୋଗୁଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି। ଏରିକ୍ କ୍ଲେବଲ ନାମକ ଏହି ବାଳକ ଜଣକ ଏଫିଲ ଟାୱାରର ଏକ ମଡେଲ ତିଆରି କରିଛନ୍ତି। ଏହାର ପୂରା ସଂରଚନାକୁ ସେ ଟୁଥ୍‌ପିକ୍‌ରେ କରିଛନ୍ତି। ଏଥିପାଇଁ ସେ ଗିନିଜ୍ ବିଶ୍ୱ ରେକର୍ଡ ମଧ କରିଛନ୍ତି। ଏରିକ୍ ଟୁଥ୍‌ପିକ୍ ଏବଂ ଅଠାକୁ ବ୍ୟବହାର କରି ୧୭.୩୨ ଫୁଟ ଉଚ୍ଚ ଏଫିଲ ଟାୱାର୍ ତିଆରି କରିଛନ୍ତି। ଏହାକୁ ଏବେ ବିଶ୍ୱର ସବୁଠୁ ଉଚ୍ଚ ଟୁଥ୍‌ପିକ୍ ସଂରଚନା ବୋଲି କୁହାଯାଉଛି। ପିଲାବେଳୁ ଏରିକ୍‌ଙ୍କର ବିଭିନ୍ନ ଜିନିଷ ତିଆରି କରିବାରେ ସଉକ ରହିଛି। ଏଦିଗରେ ଏରିକ୍‌ଙ୍କୁ ତାଙ୍କ ବାପାଙ୍କଠାରୁ ପ୍ରେରଣା ମିଳିଛି। ତାଙ୍କ ବାପା ଜଣେ ସିଭିଲ ଇଞ୍ଜିନିୟର। ଏରିକ୍ ପିଲାବେଳେ ଆଇସ୍‌କ୍ରିମ୍ ଷ୍ଟିକ୍‌ରେ ଜିନିଷ ତିଆରି କରିବାକୁ ପସନ୍ଦ କରୁଥିଲେ। ସେହିପରି ଏହା ତାଙ୍କର ପ୍ରଥମ ଉପଲବ୍ଧି ନୁହେଁ। ୨୦୨୧ ମସିହାରେ ତାଙ୍କୁ ୧୨ ବର୍ଷ ବୟସ ହୋଇଥିବାବେଳେ ସେ ଆଇସକ୍ରିମ୍ ଷ୍ଟିକ୍‌ରେ ୨୦ ଫୁଟ୍ ଉଚ୍ଚ ଏକ ଟାୱାର ତିଆରି କରିଥିଲେ। ସେ ସମୟରେ ବି ଏରିକ୍ ଗିନିଜ୍ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ତେବେ ଆଇସ୍‌କ୍ରିମ୍ ଷ୍ଟିକ୍ ତୁଳନାରେ ଟୁଥ୍‌ପିକ୍‌ରେ କାମ କରିବା ଅଧିକ କଷ୍ଟକର ବୋଲି ଏରିକ୍ କହିଛନ୍ତି।



ଏରିକ୍ ଆହୁରି ମଧ କହିଛନ୍ତି, 'ଟୁଥପିକ୍ ଅତ୍ୟନ୍ତ ଛୋଟ। ଏହାକୁ ଯୋଡ଼ିବା, ସନ୍ତୁଳନ ରକ୍ଷା କରିବା ଏବଂ ଏଫିଲ ଟାୱାର ଭଳି ଏକ ସଂରଚନାକୁ ତିଆରି କରିବା ଆଦୌ ସହଜ କାମ ନୁହେଁ। ଅନ୍ୟପକ୍ଷରେ ସାମାଜିକ ଗଣମାଧ୍ୟମରେ ତାଙ୍କ ପରିଶ୍ରମ ଏବଂ ଧୈର୍ଯ୍ୟର ଖୁବ୍ ପ୍ରଶଂସା କରାଯାଉଛି।

## ଆଜି ବାହୁଡ଼ିଥିଲେ

# ଉତ୍କଳକେଶରୀ ହରେକୃଷ୍ଣ ମହତାବ



ନବ ଉତ୍କଳର ନିର୍ମାତା ଡ. ହରେକୃଷ୍ଣ ମହତାବ ଥିଲେ ଏକାଧାରରେ ଜଣେ ରାଷ୍ଟ୍ରନୀତିଜ୍ଞ, ଚିନ୍ତାନାୟକ, ସଂଗଠକ, ଐତିହାସିକ, ଗବେଷକ, ସାମ୍ବାଦିକ ଏବଂ ଲେଖକ । ଓଡ଼ିଶାରେ ଗଡ଼ଜାତର ମିଶ୍ରଣ, ଭୁବନେଶ୍ୱରରେ ରାଜଧାନୀର ନିର୍ମାଣ ସବୁକିଛି ତାଙ୍କ ଶାସନକାଳରେ ହୋଇଥିଲା। ସେ ଥିଲେ ସ୍ୱାଧୀନ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତା। ୧୮୯୯ ନଭେମ୍ବର ୨୧ରେ ଭଦ୍ରକ ଅନ୍ତର୍ଗତ ଅଗରପଡ଼ା ଗ୍ରାମରେ ତାଙ୍କର ଜନ୍ମ ହୋଇଥିଲା। ବି.ଏ. ପଢ଼ିବା ସମୟରେ ସେ ପାଠପଢ଼ା ଛାଡ଼ି ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ। ୧୯୨୩-୨୪ ମଧ୍ୟରେ ସେ ଓଡ଼ିଶା ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଜେଲ୍ ଯାଇଥିଲେ। ଏହାପରେ ପୁନର୍ବାର ୧୯୩୦-୩୧ରେ ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲବଣ ସତ୍ୟାଗ୍ରହ ଓ ଆଇନ ଅମାନ୍ୟ ଆନ୍ଦୋଳନକୁ ପରିଚାଳନା କରି ଦୁଇଥର କାରାବରଣ କରିଥିଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ଏବଂ ୧୯୫୬ରୁ ୧୯୬୧ ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ତାଙ୍କ କାର୍ଯ୍ୟକାଳରେ ସଚିବାଳୟ, ରାଜ୍ୟ ସଂଗ୍ରହାଳୟ, ରାଜ୍ୟ ଲଳିତକଳା ଏକାଡେମୀ, ରବୀନ୍ଦ୍ର ମଣ୍ଡପ, ହୀରାକୁଦ ନଦୀବନ୍ଧ, ମାଛକୁଣ୍ଡ ଜଳଭଣ୍ଡାର ଓ ଜଳବିଦ୍ୟୁତ୍ ଯୋଜନା, କଟକର କେନ୍ଦ୍ରୀୟ ଧାନ ଗବେଷଣାଗାର ଇତ୍ୟାଦି ସ୍ଥାପନ ହୋଇଥିଲା। ୧୯୫୦ରୁ ୧୯୫୨ ପର୍ଯ୍ୟନ୍ତ ସେ କେନ୍ଦ୍ର ଶିଳ୍ପ, ବାଣିଜ୍ୟ ଓ ଯୋଗାଣ ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୫୪ରେ ସେ ବମ୍ବେର ରାଜ୍ୟପାଳ ହୋଇଥିଲେ। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଜରୁରୀକାଳୀନ ପରିସ୍ଥିତିକୁ ବିରୋଧ କରି ସେ କାରାବରଣ କରିଥିଲେ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ପ୍ରତିଭା-୧୯୪୬', 'ଟାଉଟର', 'ଅବ୍ୟାପାର', 'ତୃତୀୟପର୍ବ', '୧୯୭୫' ଆଦି ଅନ୍ୟତମ। 'ଗାଁ ମଜଲିସ୍' ତାଙ୍କର ଏକ ଅତ୍ୟନ୍ତ ଲୋକପ୍ରିୟ ସ୍ତମ୍ଭ। ୧୯୮୭ ଜାନୁଆରୀ ଆଜିର ଦିନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।



# ସଞ୍ଜୟଙ୍କ ପାଇଁ ଅଡୁଆରେ ରଣବୀର

ବଲିଉଡ୍ ଅଭିନେତା ରଣବୀର କପୁରଙ୍କ ଲେଉଟାଣିକୁ ତାଙ୍କ ପ୍ରଶଂସକମାନେ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ଚଳିତବର୍ଷ ତାଙ୍କର ଦୁଇଟି ବିଗ୍ ବଜେଟ୍‌ର ଫିଲ୍ମ ରିଲିଜ୍ ହେବାରେ ଅଛି। ରଣବୀରଙ୍କ ଅଭିନୀତ ସଞ୍ଜୟ ଲୀଲା ଭଁସାଲିଙ୍କ ନିର୍ଦ୍ଦେଶିତ 'ଲଭ୍ ଆଣ୍ଡ ୱାର୍' ଆସନ୍ତା ମାର୍ଚ୍ଚ ୧୯ ରେ ରିଲିଜ୍ ହେବାର ଥିଲା। ହେଲେ ସୁଟିଂ ସରି ନ ଥିବାରୁ ଏବେ ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇଛି। ରଣବୀର କିନ୍ତୁ ଲଗାତାର ସଞ୍ଜୟଙ୍କୁ ଏହାକୁ ଜୁନ୍‌ରେ ରିଲିଜ୍ କରିବା ପାଇଁ ମନାଉଥିଲେ। କାରଣ ଦୀପାବଳିରେ ତାଙ୍କ କ୍ୟାରିୟରର ସବୁଠୁ ଭଲ ଫିଲ୍ମ କୁହାଯାଉଥିବା 'ରାମାୟଣ' ଆସିବ। ଏହି ଫିଲ୍ମର ବଜେଟ୍ ରହିଛି ୪୦୦୦ କୋଟି। ଇତିମଧ୍ୟରେ 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ଘୁଞ୍ଚାଇ ଦିଆଯିବାରୁ ଏହାକୁ ନେଇ 'ରାମାୟଣ'ର ପ୍ରଯୋଜକ ଅସୁବିଧାରେ ପଡ଼ିଛନ୍ତି। 'ଲଭ୍ ଆଣ୍ଡ ୱାର୍'ର ସୁଟିଂ ଆସନ୍ତା ମେ ପର୍ଯ୍ୟନ୍ତ ଚାଲିବ। ଏହାର ପୋଷ୍ଟ ପ୍ରଡକ୍ସନ କାମ କରିବା ସରିବା ପରେ ଏହାକୁ ଅଗଷ୍ଟ କିମ୍ବା ସେପ୍ଟେମ୍ବରରେ ରିଲିଜ୍ କରାଯାଇପାରିବ। ସଞ୍ଜୟ ଏହାକୁ ଅଗଷ୍ଟ ୧୪ରେ ରିଲିଜ୍ କରିବା ନେଇ ବିଧିବଦ୍ଧ ଭାବେ ଖୁବ୍‌ଶୀଘ୍ର ଘୋଷଣା କରିପାରନ୍ତି ବୋଲି ମଧ ଚର୍ଚ୍ଚା ହେଉଛି। ଏବେ ସଞ୍ଜୟଙ୍କର ଏହି ନିଷ୍ପତ୍ତି ଯୋଗୁଁ 'ରାମାୟଣ' ଟିମ୍ ଅଡୁଆରେ ପଡ଼ିଛି। କାରଣ 'ଲଭ୍ ଆଣ୍ଡ ୱାର୍' ଓ 'ରାମାୟଣ' ରିଲିଜ୍ ମଧ୍ୟରେ ଅନ୍ତତଃ ଛଅମାସର ଅବଧି ରହୁ ବୋଲି ଏହି ଟିମ୍ ଚାହୁଁଥିଲା। ରଣବୀର ଏବେ 'ଲଭ୍ ଆଣ୍ଡ ୱାର୍'ର ସୁଟିଂରେ ବ୍ୟସ୍ତ ରହିବା କାରଣରୁ 'ରାମାୟଣ'ର ସୁଟିଂ ଆହୁରି ବିଳମ୍ବ ହୋଇପାରେ। ଏଥିଯୋଗୁଁ ଫିଲ୍ମର ବଜେଟ୍ ମଧ ବଢ଼ିଯିବ। ନମିତ୍ ମଲହୋତ୍ରାଙ୍କ ପ୍ରଯୋଜିତ 'ରାମାୟଣ'ର ବଜେଟ୍ ରହିଛି ୪୦୦୦ କୋଟି। ଏହା ୨୦୨୬ ଓ ୨୦୨୭ ଦୀପାବଳିରେ ଦୁଇଟି ପାର୍ଟରେ ଆସିବ ବୋଲି ଘୋଷଣା କରାଯାଇଛି।




# କୃତ୍ରିମ ନଖ ସ୍ୱାସ୍ଥ୍ୟ ପାଇଁ କେତେ ଭଲ



ଅଧୁନା ନେଲ୍ ଏକ୍ସଟେନ୍‌ସନର ଲୋକପ୍ରିୟତା ବୃଦ୍ଧି ପାଇଛି। ମହିଳାମାନେ ହାତର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କୃତ୍ରିମ ନଖ ଲଗାଉଛନ୍ତି। ତେବେ ଏକ୍ରିଲିକ୍ କିମ୍ବା ଜେଲ୍ ଉପଯୋଗ କରାଯାଇ ନେଲ୍ ଏକ୍ସଟେନ୍‌ସନ୍ କରାଯାଉଥିବାରୁ ଚର୍ମ କର୍କଟ ହୋଇପାରେ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ଏକ୍ରିଲିକ୍ ରଙ୍ଗଯୁକ୍ତ ନ କଲି ନଖକୁ ପ୍ରାକୃତିକ ନଖ ଉପରେ ଲଗାଯାଇଥାଏ। ଏହାକୁ ଶଠାଇବା ପାଇଁ ବ୍ୟବହୃତ ଅଠାରେ ଫର୍ମାଲଡିହାଇଡ, ଟୋଲ୍ୟୁଇନ୍ ପରି ରାସାୟନିକ ପଦାର୍ଥ ରହିଥାଏ। ଦୀର୍ଘ ସମୟ ଧରି ଏହି ରସାୟନ ବ୍ୟବହାର ଚର୍ମ କର୍କଟର ଆଶଙ୍କା ବଢ଼ାଏ। ତ୍ୱଚା ଜଳାପୋଡ଼ା, ଆଲର୍ଜି ଗମ୍ଭୀର ସମସ୍ୟା ସୃଷ୍ଟି କରିପାରେ। ସେହିପରି ଏହି ଅଠାକୁ ଶୁଖାଇବା ପାଇଁ ଯେଉଁ ମେସିନ୍‌ରେ ହାତକୁ ରଖାଯାଏ, ସେଥିରୁ ବାହାରୁଥିବା ଅତି ବାଇଗଣୀ ରଶ୍ମି ଚର୍ମର ଗଭୀରକୁ ପ୍ରବେଶ କରି କୋଷଗୁଡିକୁ କ୍ଷତି ପହଞ୍ଚାଏ। କୋଷଗୁଡିକରେ ପରିବର୍ତ୍ତନ ହୋଇ କର୍କଟର କାରଣ ସାଜିପାରେ। ଏହା ଦ୍ୱାରା କର୍କଟ କୋଷ ବୃଦ୍ଧି ପାଇପାରେ। କିଛି ଅଧ୍ୟୟନରୁ ଜଣାପଡ଼ିଛି ଯେ, ବାରମ୍ବାର ଅତି ବାଇଗଣୀ ରଶ୍ମି ସଂସ୍ପର୍ଶରେ ଆସିବା ଦ୍ୱାରା ହାତ ଚର୍ମରେ ଚର୍ମ କର୍କଟ ଆଶଙ୍କା ବଢ଼ିଯାଏ। ସଂକ୍ରମଣ ବୃଦ୍ଧି ପାଏ। ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ପ୍ରତିମାସ ତଥା ବାରମ୍ବାର ନେଲ୍‌ଏକ୍ସଟେନ୍‌ସନ୍ କରିବା ସ୍ୱାସ୍ଥ୍ୟପକ୍ଷେ ଗ୍ରହଣୀୟ ନୁହେଁ।

## 'ସକାଳ'ର ସ୍ୱାସ୍ଥ୍ୟ

# ଲକ୍ଷଣରୁ ଜାଣନ୍ତୁ ଫ୍ୟାଟି ଲିଭର

**ଯକୃତ ମନୁଷ୍ୟ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ପାଚନ କ୍ରିୟାରେ ସାହାଯ୍ୟ କରିଥାଏ। ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରେ। ହେଲେ ଅତ୍ୟାଧୁନିକ ଜୀବନଶୈଳୀ ଯୋଗୁ ଏବେ ଅଧିକାଂଶ ଫ୍ୟାଟି ଲିଭରରେ ପୀଡ଼ିତ। ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼େ ନାହିଁ। ତେଣୁ ନିମ୍ନଲିଖିତ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ଅଧିକ ଚର୍ବିଯୁକ୍ତ ଖାଦ୍ୟ, ଶ୍ୱେତସାରଜାତୀୟ ଖାଦ୍ୟ ଖାଇବା ଦ୍ୱାରା ଯକୃତରେ ଚର୍ବି ଜମିଯାଏ। ଉଚ୍ଚ କୋଲେଷ୍ଟ୍ରଲ, ମୋଟାପା, ମଦ୍ୟପାନ, ମଧୁମେହ ଆଦି କାରଣରୁ ଯକୃତରେ ଚର୍ବି ଜମା ହୁଏ। ଯକୃତ କାର୍ଯ୍ୟକ୍ଷମ ହରାଇ ବସେ। ଭୋକ ନ ଲାଗିବା, ଦୁର୍ବଳ, ତ୍ୱଚା ଏବଂ ଆଖି ହଳଦିଆ ଆଦି ଲକ୍ଷଣ ଯକୃତ ଅସୁସ୍ଥତାକୁ ସୂଚାଏ। ଚର୍ମଜନିତ ସମସ୍ୟା, ଥକ୍କାପଣ, ଆଦି ରୋଗର ଅନ୍ୟ ଏକ ଲକ୍ଷଣ । ପେଟ ଭାରି ଲାଗିବା, ଓଜନ ବୃଦ୍ଧି, ଭୋକ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରି। ଫ୍ୟାଟି ଲିଭର ରୋଗ ନିର୍ଣ୍ଣୟ ପାଇଁ ଅଲଟ୍ରାସାଉଣ୍ଡ ଏବଂ ଫାଇବ୍ରୋସ୍କାନ କରାଯାଇ ଚିକିତ୍ସା ଯୋଗାଯାଏ। ସେହିପରି ଚର୍ବିଜାତୀୟ ଓ ଶ୍ୱେତସାରଜାତୀୟ ଖାଦ୍ୟ କମ୍ କରି ତନ୍ତୁଜାତୀୟ ଖାଦ୍ୟ ଖାଇପାରିବେ। ଶାରୀରିକ ଶ୍ରମ ଶରୀରର ଚର୍ବି କମାଏ।

## ସୁସ୍ଥ ମନ ସୁସ୍ଥ ଶରୀର

# ଶୀତଦିନିଆ ଅବସାଦ



**ଋତୁ ଅନୁଯାୟୀ, ମନୁଷ୍ୟର ଶରୀର ଓ ମନ ପ୍ରଭାବିତ ହୁଏ। ଏହି କ୍ରମରେ ଶୀତଋତୁରେ କମ୍ ପାଣିପିଇବା, ଅତ୍ୟଧିକ ଥଣ୍ଡା ପବନ ଆଦି ଯୋଗୁ ହଜମଶକ୍ତି ପ୍ରଭାବିତ ହୁଏ। ବିନା କାରଣରେ ଉଦ୍‌ବେଗ, ଚିନ୍ତା, ଅବସାଦ, ଉଦାସ, ବ୍ୟବହାରରେ ପରିବର୍ତ୍ତନ ଆସିଥାଏ। ଚିକିତ୍ସା ଭାଷାରେ ଏହାକୁ 'ଋତୁ ଅନୁଯାୟୀ ଅବସାଦ' ବା SAD କୁହାଯାଏ। ଶୀତଋତୁରେ ଅବସାଦର କାରଣ, ଲକ୍ଷଣ ଓ ନିରାକରଣ ବିଷୟରେ ଜାଣିବା ନିହାତି ଆବଶ୍ୟକ।**

ଶୀତଦିନେ ପରିବେଶ ଥଣ୍ଡା ରହିଥାଏ। ଶରୀରକୁ ସଠିକମାତ୍ରାର ସୂର୍ଯ୍ୟକିରଣ ମିଳିପାରେନି। ଏହାଦ୍ୱାରା ମାନସିକ ସ୍ୱାସ୍ଥ୍ୟାବସ୍ଥା ପ୍ରଭାବିତ ହୁଏ। ସେହିପରି ଅନ୍ତଃସ୍ରାବୀ ଗ୍ରନ୍ଥି ପ୍ରଭାବିତ ହୋଇ ଶରୀରରେ କ୍ଷରଣ ହେଉଥିବା କେତେକ ହରମୋନ୍ ସ୍ୱାଭାବିକ ଭାବେ କାର୍ଯ୍ୟ କରି ନ ଥାନ୍ତି । ମେଟାବୋଲିଜିମ୍ ପ୍ରକ୍ରିୟା ଧିମା ଯୋଗୁଁ ହାପିନେସ୍ ହରମୋନ୍, ଏଣ୍ଡୋରଫିନ୍, ଡୋପାମାଇନ୍ ଏବଂ ମସ୍ତିଷ୍କରେ ସେରାଟୋନିନର କ୍ଷରଣ ଠିକ୍ ଭାବେ ହୋଇପାରେନି। ମନ ଉପରେ କୁ-ପ୍ରଭାବ ପଡ଼ି ଅବସାଦର ରୂପ ନିଏ। ମେଲାଟୋନିନ୍ ହରମୋନ୍ ପ୍ରଭାବିତ ହୋଇ, ଶୋଇବା ଚକ୍ରରେ ପରିବର୍ତ୍ତନ ଆସେ।

- ହାଲିଆ ଲାଗିବା, ଗୋଡ଼ହାତ ଥରିବା, ଓଜନ ବଢ଼ିବା, ଜଙ୍କଫୁଡ ଖାଇବାକୁ ମନ ହେବା, କାମରେ ମନ ନ ଲାଗିବା ଆଦି ଲକ୍ଷଣ ଦେଖାଯାଏ। ଏହି ସମସ୍ୟାକୁ ଅଣଦେଖା ନ କରି ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ।
- ଶରୀରକୁ ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ଦେବା, ଲାଇଟ୍ ଥେରାପି ନେବା, ଶୀତବସ୍ତ୍ର ପିନ୍ଧିବା ସହ ସନ୍ତୁଳିତ ଖାଦ୍ୟପେୟ ଗ୍ରହଣ ଓ ବ୍ୟାୟାମ କରିବା ସ୍ୱାସ୍ଥ୍ୟପକ୍ଷେ ଭଲ। ସାଙ୍ଗସାଥିଙ୍କ ସହ ସମୟ ଅତିବାହିତ କରିବା ମାନସିକ ସ୍ୱାସ୍ଥ୍ୟ ପାଇଁ ହିତକର।

# ନାକରୁ ରକ୍ତ ପଡୁଥିଲେ

**ଶୀତଋତୁ କିମ୍ବା ଅତି ଗରମରୁ ପିଲା ଓ ବୟସ୍କଙ୍କ ନାକରୁ ରକ୍ତ ପଡ଼ିଥାଏ। ନାକରୁ ରକ୍ତ ପଡ଼ିବାର ବହୁତ କାରଣ ରହିଛି। ଏହି ସମସ୍ୟାକୁ କମ୍ କରିବାକୁ ଚିକିତ୍ସକଙ୍କ ପରାମର୍ଶରେ ଆୟୁର୍ବେଦ ଉପଚାର କରିପାରିବେ।**

- ନାକରୁ ରକ୍ତ ପଡୁଥିଲେ ସ୍ଥାନୀୟ ଉତ୍ତାପ ନିୟନ୍ତ୍ରଣ ପାଇଁ ବରଫର ଉପଯୋଗ କରାଯାଇପାରେ।
- ବୟସ୍କ ବ୍ୟକ୍ତି ନାକରେ ଦୁଇବୁନ୍ଦା ପିଆଜ ରସ ପକାଇ ପାରିବେ। ୧୨ ବର୍ଷରୁ କମ୍ ବୟସର ପିଲା ଏହାକୁ ବ୍ୟବହାର କରିବା ଅନୁଚିତ।
- ପ୍ରତ୍ୟେକ ନାକପୁଡ଼ାରେ ଦୁଇଟୋପା କରି ଦୂବରସ ଦିନକୁ ଦୁଇରୁ ତିନିଥର ଚିକିତ୍ସକଙ୍କ ପରାମର୍ଶରେ ପକାଇଲେ ନାକରୁ ରକ୍ତ ପଡୁଥିଲେ ଉପକାର ହୁଏ। ଏଥିପାଇଁ ଶୋଣିତଅର୍ଗଳ ରସ, ବୋଲବୁଧାରସ, ପଞ୍ଚତୃଣକଷାୟ, ଉସିରାସବ ଆଦି ଚିକିତ୍ସକଙ୍କ ପରାମର୍ଶରେ ବ୍ୟବହାର କରାଯାଇପାରେ।



# ଜିରା ଓ କଳାଜିରା ସେବନରେ ସତର୍କତା

**ଆୟୁର୍ବେଦରେ ବିଭିନ୍ନ ମଞ୍ଜିକୁ ଔଷଧ, ଖାଦ୍ୟପେୟ ଭାବେ ବ୍ୟବହାର କରିବା ପାଇଁ ଉଲ୍ଲେଖ କରାଯାଇଛି। ଏହି ମଞ୍ଜି ଟୁଟୁକା ଚିକିତ୍ସାରେ, ପାନୀୟ ଭାବରେ, ଲେପ ବା ପ୍ରସାଧନ ସାମଗ୍ରୀରେ ବ୍ୟବହାର କରିଥାଉ। ସେମିତି ଏକ ଔଷଧୀୟ ମଞ୍ଜି ହେଉଛି ଜିରା ଓ କଳା ଜିରା। ତେବେ ଏହାର ମାତ୍ରାଧିକ ସେବନ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ।**

- ଜିରା ଖାଦ୍ୟ ହଜମ ଓ କଳାଜିରା ଓଜନ ନିୟନ୍ତ୍ରଣ ଆଦି ପାଇଁ ବ୍ୟବହାର କରାଯାଏ। ଏହାକୁ ନଖ ଉଷୁମ ପାଣି କିମ୍ବା ହାଲୁକା ଭାଜି ସେବନ କରାଯାଏ। ଆୟୁର୍ବେଦ ଚିକିତ୍ସକଙ୍କ ମତରେ ଦିନକୁ ତିନି ଗ୍ରାମ ମାତ୍ରାର ଦୁଇଥର ଜିରା ଚୂର୍ଣ୍ଣ ସେବନ କରାଯାଇପାରେ। ଏହାର କ୍ୱାଥ ୫୦ ମିଲି ଗ୍ରହଣୀୟ। ହେଲେ ଏହାଠାରୁ ଅଧିକ ମାତ୍ରାର ଜିରା ବ୍ୟବହାର ଦ୍ୱାରା ବାନ୍ତି, ଝାଡ଼ା, ପେଟ ଗ୍ୟାସ୍ ହୋଇପାରେ। ରକ୍ତ ଶର୍କରା କମ୍ କରେ, ଛାତି ଜଳା, ଦୁର୍ବଳ ଲାଗିପାରେ। ସେହିପରି କଳାଜିରା ଦିନକୁ ଏକଗ୍ରାମ କରି ଦୁଇ ଥର ଖିଆ ଯାଏ। ଏଥିରୁ ଅଧିକ ହେଲେ ବାନ୍ତି, ଗ୍ୟାସ୍ ହୁଏ। ଶର୍କରା କମ୍ କରେ। ତେଣୁ ରକ୍ତଚାପ, ମଧୁମେହ ପାଇଁ ଔଷଧ ଖାଉଥିଲେ ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି।



### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍ ୧୧ରୁ

# ଭାରତୀୟ ଦଳ ଚୟନକୁ ନେଇ ଦ୍ୱନ୍ଦ୍ୱ

ମୁମ୍ବଇ,୧।୧(ଏଜେନ୍ସି):

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ୮ ମ୍ୟାଚ୍ ବିଶିଷ୍ଟ ସୀମିତ ଓଭର ସିରିଜ୍ କ୍ରିକେଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏହି ସିରିଜ୍‌ରେ ଜାନୁଆରୀ ୧୧ରୁ ୧୮ ଯାଏ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ଜାନୁଆରୀ ୨୧ରୁ ୩୧ ଯାଏ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହା ମଧ୍ୟରୁ ଫେବୃଆରୀ-ମାର୍ଚ୍ଚରେ ଟି-୨୦ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ନ୍ୟୁଜିଲାଣ୍ଡ ସିରିଜ୍‌କୁ ମିଶାଇ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଘୋଷଣା ହୋଇସାରିଛି। କିନ୍ତୁ ଦିନିକିଆ ଦଳ ଜାନୁଆରୀ ୩ କିମ୍ବା ୪ରେ ଘୋଷଣା କରାଯାଇପାରେ ବୋଲି ସୂଚନା ମିଳିଛି। କିନ୍ତୁ ଟି-୨୦ ସିରିଜ୍ ଓ ବିଶ୍ୱକପ୍‌କୁ ଗୁରୁତ୍ୱ ଦିଆଯାଇ କିଛି ଖେଳାଳିଙ୍କୁ ବିଶ୍ରାମ ଦେବା, ଆଉ କିଛି ଆହତ ହେବା ଘଟଣାକୁ ନେଇ ବିସିସିଆଇ ସିନିଅର ଚୟନ କମିଟି ଦ୍ୱନ୍ଦ୍ୱରେ ରହିଛି। ଏଣୁ



ସାମିଙ୍କ ସମ୍ଭାବନା, ଆଶଙ୍କାରେ ପନ୍ତ

ଖେଳାଳି ଚୟନବେଳେ କାହାରିକୁ ଯେପରି ଅଣଦେଖା କରା ନ ଯିବ, ତାହା ଉପରେ ଅଜିତ ଅଗରକରଙ୍କ ନେତୃତ୍ୱରେ ଗଠିତ ସିନିଅର ଚୟନ କମିଟି ଯଥେଷ୍ଟ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ମନୋନୀତ ଖେଳାଳିମାନେ ଜାନୁଆରୀ ୧୧ରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବାକୁ ଥିବା ଭେନ୍ୟୁ ବରୋଦାରେ ୭ ତାରିଖରେ ଏକତ୍ର ହେବେ। ଏହା ପରେ ଦଳ ରଣନୀତି ପ୍ରସ୍ତୁତ କରିବ।

ଏହି ସିରିଜ୍‌ରେ ଦୁଇ କିଂବଦନ୍ତୀ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳକୁ ଫେରିବେ। ଏମାନଙ୍କ ଉପରେ ନଜର ରହିଛି। ଦଳରେ ସ୍ଥାନ ପାଇବାକୁ ଥିବା ୩ଜଣ ଖେଳାଳିଙ୍କୁ ଏହି ସିରିଜ୍ ଲାଗି ଚୟନ କରାଯିବ ନାହିଁ। ସେମାନଙ୍କ ମଧ୍ୟରୁ ପୂରା ଫିଟ୍ ହୋଇ ନ ଥିବା ଉପଅଧିନାୟକ ଶ୍ରେୟସ ଆୟର, ଟି-୨୦ ସିରିଜ୍ ଲାଗି ବିଶ୍ରାମ ନେବାକୁ ଥିବା ଦୁଇ ବରିଷ୍ଠ ଖେଳାଳି ଯଥା ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଓ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା। ଏମାନଙ୍କ ସ୍ଥାନରେ ୩ଜଣ ନୂଆ ଖେଳାଳିଙ୍କୁ ସାମିଲ କରାଯିବ। ଆହତ ହେବା ପରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ଓ ଦିନିକିଆ ସିରିଜ୍ ଖେଳି ପାରି ନ ଥିବା ଶୁବମନ ଗିଲଙ୍କୁ ଦିନିକିଆ ଦଳର ନେତୃତ୍ୱ ଦିଆଯିବ। ଏସହିପରି ଆଉ ଜଣେ କିମ୍ବା ଦୁଇ ଜଣ ଖେଳାଳିଙ୍କୁ ଦଳରେ ସାମିଲ କରାଯିବାର ଯଥେଷ୍ଟ ସମ୍ଭାବନା ରହିଛି। ବୁମ୍‌ରାଙ୍କ ସ୍ଥାନରେ ୩୫ ବର୍ଷୀୟ ଫାଷ୍ଟ ବୋଲର ମହମ୍ମଦ୍ ସାମିଙ୍କୁ ଦଳରରେ ସ୍ଥାନ ମିଳିବ ବୋଲି ଆଶା କରାଯାଉଛି। ସାମି ଘରୋଇ କ୍ରିକେଟର ସମସ୍ତ ଫର୍ମାଟରେ ଖେଳିସାରିଛନ୍ତି। ଏଣୁ ସେ ଏବେ ପର୍ଯ୍ୟାପ୍ତ କ୍ରିକେଟ ଖେଳିବା ସହ ୱିକେଟ ନେବାରେ ମଧ୍ୟ ସଫଳ ହୋଇଛନ୍ତି। ତାଙ୍କୁ ଏଥର ଅଣଦେଖା କରିବା ସହଜ ନୁହେଁ। ପାଣ୍ଡ୍ୟାଙ୍କ ସ୍ଥାନରେ କିଏ ଖେଳିବେ ତାହା ଜଣାପଡୁନାହିଁ। ତାଙ୍କ ସ୍ଥାନରେ ଖେଳୁଥିବା ନୀଶୀଥ ରେଡ୍ଡୀଙ୍କର ଫର୍ମ ନାହିଁ। ଶିବମ ଦୁବେଙ୍କ ନାମ ବିଚାରକୁ ନିଆଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଆୟରଙ୍କ ସ୍ଥାନରେ କାହାକୁ ନିଆଯିବ ତାହା ମଧ୍ୟ ଆଲୋଚନା ହେବ।

ୱିକେଟ କିପର ଲୋକେଶ ରାହୁଲଙ୍କ ସ୍ଥାନ ପକ୍କା ଥିଲାବେଳେ ଦ୍ୱିତୀୟ ୱିକେଟରକ୍ଷକ ଭାବେ ଋଷଭ ପନ୍ତଙ୍କୁ ଦଳରେ ନିଆଯିବ କି ନାହିଁ ତାହା ଆଶଙ୍କା ମଧ୍ୟରେ ରହିଛି। ଘରୋଇ କ୍ରିକେଟରେ ଧ୍ରୁବ ଜୁରେଲ ଶତକ ହାସଲ କରିବା ସହ ଭଲ ଫର୍ମରେ ରହିଛନ୍ତି। ଇଶାନ କିସାନ ମଧ୍ୟ ଭଲ ନଜରରେ ରହିଛନ୍ତି। ଏଣୁ ପନ୍ତଙ୍କୁ ନେଇ ଆଶଙ୍କା ବୃଦ୍ଧି ପାଇଛି। ମହମ୍ମଦ୍ ସିରାଜ, ଅର୍ଶଦୀପ ସିଂହ ଓ ହର୍ଷିତ ରାଣା ୩ ପେସର, ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ଥାନ ଏକ ପ୍ରକାର ନିଶ୍ଚିତ ବୋଲି ଆଶା କରାଯାଉଛି।

### ଟି-୨୦ ବିଶ୍ୱକପ୍ କ୍ରିକେଟ

## ଅଷ୍ଟ୍ରେଲିଆ ଦଳରେ ୫ ସ୍ପିନର

ମେଲବୋର୍ଣ୍ଣ,୧।୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ମିଚେଲ ମାର୍ଶଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଘୋଷିତ ୧୫ ଜଣିଆ ଦଳରେ ୫ଜଣ ସ୍ପିନର ରହିଛନ୍ତି। ସେମାନଙ୍କ ମଧ୍ୟରୁ ଆଦାମ ଜାମ୍ପା ଓ ମାଥ୍ୟୁ କୁନେମାନ ସ୍ପେଶାଲିଷ୍ଟ ସ୍ପିନ୍ ବୋଲର। ଏମାନଙ୍କ ସହ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ, କୁପର କନୋଲୀ ଓ ଟ୍ରାଭିସ୍ ହେଡ୍ ସ୍ପିନ୍ ବୋଲିଂ କରନ୍ତି। ଦଳରେ ମଧ୍ୟ ୩ଜଣ ଆହତ ଖେଳାଳିଙ୍କୁ ନିଆଯାଇଛି। ସେମାନେ ହେଲେ ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍ ଓ ଟିମ୍ ଡେଭିଡ୍। ଏମାନେ ଫିଟ୍ ହେଲେ ଦଳରେ ରହିବେ ନଚେତ ଅନ୍ୟ ଖେଳାଳିଙ୍କୁ ନିଆଯିବ। ତେବେ ଦୁଇ ଦମ୍‌ଦାର ଖେଳାଳି ମିଚେଲ ଓଏନ ଓ ବେନ୍ ଡ୍ୱାରସୁଇସ୍ ପ୍ରାରମ୍ଭିକ ଦଳରେ ସ୍ଥାନ ପାଇପାରି ନାହାନ୍ତି। ଜାନୁଆରୀ ୩୧ ସୁଦ୍ଧା ଦଳଗୁଡିକ ଖେଳାଳି ପରିବର୍ତ୍ତନ କରିପାରିବେ। ଅଷ୍ଟ୍ରେଲିଆ ଉଭୟ ଭାରତ ଓ ଶ୍ରୀଲଙ୍କାରେ ଲିଗ୍ ମ୍ୟାଚ୍ ଖେଳିବ।



**ଘୋଷିତ ଦଳ**

ମିଚେଲ ମାର୍ଶ (ଅଧିନାୟକ), ଟ୍ରାଭିସ ହେଡ୍, ଜୋଶ ଇଂଲିଶ (ୱିକେଟକିପର), ମାଥ୍ୟୁ ସର୍ଟ, କାମେରନ ଗ୍ରୀନ୍, କୁପର କନୋଲୀ, ଟିମ୍ ଡେଭିଡ୍, ଗ୍ଲେନ୍ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ, ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ୍, ନାଥାନ ଏଲିସ୍, ଜାଭିୟର ବାର୍ଟଲେଟ୍, ମାଥ୍ୟୁ କୁନେମାନ ଓ ଆଦାମ ଜାମ୍ପା।

## ବେସ୍‌ବଲ୍ ମହାସଂଘର ସଭାପତି ହେଲେ ପଙ୍କଜ

କଟକ,୧।୧(ସମିସ): ଭାରତୀୟ ଆମେଚର ବେସ୍‌ବଲ ମହାସଂଘର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ଓଡ଼ିଶାର ଜଣାଶୁଣା କ୍ରୀଡ଼ା ସଙ୍ଗଠକ ପଙ୍କଜଲୋଚନ ମହାନ୍ତି। ୩୦ ତାରିଖରେ ଭୁବନେଶ୍ୱରର ଏକ ହୋଟେଲରେ ଆୟୋଜିତ ମହାସଂଘର କର୍ମକର୍ତ୍ତା ନିର୍ବାଚନରେ ପଙ୍କଜ ସର୍ବସମ୍ମତିକ୍ରମେ ସଭାପତି ପଦରେ ବିଜୟୀ ହୋଇଥିଲେ। ସେହିଭଳି ହରିୟାଣାର ଅରବିନ୍ଦ କୁମାର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ନିର୍ବାଚନ ପରିଚାଳନା କରିଥିଲେ। ପ୍ରକାଶଯୋଗ୍ୟ, ୨୦୧୬ରୁ ୨୦୧୯ ପର୍ଯ୍ୟନ୍ତ ପଙ୍କଜ ମହାସଂଘର ସଭାପତି ରହିଥିଲେ।




ତାଙ୍କ ତିନିବର୍ଷର କାର୍ଯ୍ୟକାଳ ଭିତରେ ଭାରତରେ ବେସ୍‌ବଲ୍ କ୍ରୀଡ଼ାର ବ୍ୟାପକ ଉନ୍ନତି ହୋଇଥିଲା।

## ଦିନିକିଆ କ୍ରିକେଟର ଭବିଷ୍ୟତ ଅନ୍ଧାର: ଅଶ୍ୱିନ

ଚେନ୍ନଇ,୧।୧(ଏଜେନ୍ସି): ଭାରତର ତାରକା କ୍ରିକେଟର ରବିଚନ୍ଦ୍ରନ ଅଶ୍ୱିନଙ୍କ ମତରେ ଦିନିକିଆ କ୍ରିକେଟର ଭବିଷ୍ୟତ ଅନ୍ଧାର। ସାମ୍ପ୍ରତିକ କ୍ରିକେଟରେ ଟି-୨୦ ଲିଗ୍ ଯୋଗୁଁ ଏହି ଫର୍ମାଟର ମୃତ୍ୟୁ ହେବାକୁ ଯାଉଛି। ଏହାକୁ ଯଦି ଯୋଜନାବଦ୍ଧ ଭାବେ ଖେଳା ନ ଯାଏ, ତେବେ ୨୦୨୭ ବିଶ୍ୱକପ୍ ପରେ ଏହି ଫର୍ମାଟର ଖେଳ ବନ୍ଦ ହୋଇଯିବ ବୋଲି ଅଶ୍ୱିନ ଏକ ସାକ୍ଷାତକାରରେ ଚେତାବନୀ ଦେଇଛନ୍ତି। ଏବେ ଭାରତରେ ବିଜୟ ହଜାରେ ଟ୍ରଫି ଖେଳ ଦେଖିବାକୁ ଦର୍ଶକ ଆସୁଛନ୍ତି। ଏହାର କାରଣ ହେଲେ ରୋହିତ ଶର୍ମା ଓ ବିରାଟ କୋହଲି। ୨୦୨୭ ବିଶ୍ୱକପ୍ ପରେ ଏମାନେ ଅବସର ନେବେ। ଏହାପରେ ଦର୍ଶକ ଖେଳ ଦେଖିବାକୁ ଆସିବା ନେଇ ସନ୍ଦେହ ପ୍ରକାଶ କରିଛନ୍ତି ଅଶ୍ୱିନ।

ଏବେ ଅଧିକ ଅର୍ଥ ପାଇବା ଆଶାରେ ଆଇସିସି ପ୍ରତ୍ୟେକ ବର୍ଷ ବିଶ୍ୱକପ୍ ଆୟୋଜନ କରୁଛି। ଏବେ ଦେଖିଲେ ୨୦୨୩ରେ ଦିନିକିଆ ବିଶ୍ୱକପ୍, ୨୦୨୪ରେ ଟି-୨୦ ବିଶ୍ୱକପ୍, ୨୦୨୫ରେ ପୁରୁଷ ଚାମ୍ପିଅନ୍ସ ଟ୍ରଫି ଓ ମହିଳା ଦିନିକିଆ ବିଶ୍ୱକପ୍ ଆୟୋଜିତ ହୋଇଯାଇଛି। ୨୦୨୬ରେ ଉଭୟ ପୁରୁଷ ଓ ମହିଳା ଟି-୨୦ରେ ବିଶ୍ୱକପ୍ ଓ ୨୦୨୭ରେ ପୁରୁଷ ଦିନିକିଆ ବିଶ୍ୱକପ୍ ଖେଳାଯିବ। ଏତେ ସଂଖ୍ୟାରେ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେଲେ କ୍ରିକେଟ ଖେଳ ଉପରୁ ଦର୍ଶକ ମୁହଁ ଫେରାଇନେବେ। ଏବେ ଟେଷ୍ଟ କ୍ରିକେଟ ସୁରକ୍ଷିତ ସ୍ଥାନରେ ରହିଛି। ଫ୍ରାଞ୍ଚାଇଜ୍ ଭିତ୍ତିକ ଟି-୨୦ ଲିଗ୍ ବିଶ୍ୱରେ ପ୍ରାଧାନ୍ୟ ବିସ୍ତାର କରିଛି। ଏହା ଭିତରେ ଦିନିକିଆ କ୍ରିକେଟ ଚାପି ହୋଇ 'ସ୍ଲୋ ଡେଥ୍' ଆଡକୁ ଅଗ୍ରସର ହେଉଛି। ଦିନିକିଆ କ୍ରିକେଟକୁ ବଞ୍ଚାଇ ରଖିବାକୁ ହେଲେ ସଚିନ ତେନ୍ଦୁଲକର ଦେଇଥିବା ପରାମର୍ଶକୁ କାର୍ଯ୍ୟକାରୀ କରିବାକୁ ହେବ। ଫିଫା ଯେପରି ପ୍ରତି ୪ ବର୍ଷରେ ଥରେ ବିଶ୍ୱକପ୍ କରୁଛି ଠିକ୍ ସେହିପରି ହେବା ଆବଶ୍ୟକ। ଫିଫା ଦ୍ୱାରା ଲା ଲିଗା, ସେରୀ ଏ', ବୁନ୍ଦେସଲିଗା ପରି ଫ୍ରାଞ୍ଚାଇଜ୍ ଭିତ୍ତିକ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେଉଛି। ଫଳରେ ବିଶ୍ୱକପ୍‌ର ଲୋକପ୍ରିୟତା ବଜାୟ ରହୁଛି। ଦିନିକିଆ କ୍ରିକେଟରେ ସେପରି ହେବା ଆବଶ୍ୟକ। ଏହି ଫର୍ମାଟରେ କେବଳ ୪ ବର୍ଷରେ ବିଶ୍ୱକପ୍ ଆୟୋଜନ କରାଯାଉ ବୋଲି ସଚିନ ପରାମର୍ଶ ଦେଇଥିଲେ।



## ଥାଇଲାଣ୍ଡରେ ନୂଆ ବର୍ଷ ପାଳିଲେ ଧୋନି

ନୂଆଦିଲ୍ଲୀ, ୧।୧ (ସମିସ): ନୂତନ ଆଶା ଓ ସ୍ୱପ୍ନ ନେଇ ପାଦଥାପିଛି ବର୍ଷ ୨୦୨୬। ଭାରତୀୟ କ୍ରିକେଟ୍ ଖେଳାଳି ଏହି ନୂତନ ବର୍ଷକୁ ନିଜ ନିଜ ଢଙ୍ଗରେ ପାଳନ କରିଛନ୍ତି। ନୂଆ ବର୍ଷର ଏହି ଖୁସିର ମୁହୂର୍ତ୍ତକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କ୍ରିକେଟର୍‌ମାନେ ଅଭିନନ୍ଦନ ଜଣାଇଛନ୍ତି। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନି ଏଥର ଥାଇଲାଣ୍ଡରେ ପୁରା ପରିବାର ସହ ନୂଆ ବର୍ଷ ସେଲିବ୍ରେସନ କରିଥିଲେ। ଧୋନିଙ୍କ ସହ ପତ୍ନୀ ସାକ୍ଷୀ ଓ ଝିଅ ଜିଭା ମଧ୍ୟ ଉପସ୍ଥିତ ରହିଥିଲେ। ସାକ୍ଷୀ ନିଜର ଇନଷ୍ଟାଗ୍ରାମରେ ଏକ ଫଟୋ ଶେୟାର କରି 'ସମସ୍ତଙ୍କୁ ନୂଆ ବର୍ଷର ଅଭିନନ୍ଦନ' ବୋଲି ଉଲ୍ଲେଖ କରିଛନ୍ତି। ଏହି ଫଟୋରେ ଧୋନି ଓ ସାକ୍ଷୀ ଗୋଲ୍ଡେନ ହେଟ୍ ଟୋପି ପିନ୍ଧିଥିବା ଦେଖିବାକୁ ମିଳିଛି। ସେହିଭଳି ବିରାଟ କୋହଲି ପତ୍ନୀ ଅନୁଷ୍କାଙ୍କ ସହ ନୂଆ ବର୍ଷ ପାଳିଥିଲେ। 'ମୋ ଜୀବନର ଆଲୋକ ସହିତ ନୂଆବର୍ଷ ଆରମ୍ଭ କରିବାକୁ ଯାଉଛି' ବୋଲି କ୍ୟାପସନ ଲେଖି ଅନୁଷ୍କାଙ୍କ ସହ ଏକାଠି ଠିଆ ହୋଇଥିବାର ଫଟୋ ଶେୟାର କରିଛନ୍ତି କୋହଲି। ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ମଧ୍ୟ ପତ୍ନୀ ସଞ୍ଜନା, ମା ଦଲଜିତ୍ ବୁମରା ଓ ପୁଅ ଅଙ୍ଗଦ ସହ ଏକାଠି ନୂଆ ବର୍ଷକୁ ସ୍ୱାଗତ କରିଛନ୍ତି। ସେହିଭଳି 'ନିଜର ପ୍ରିୟ ଲୋକଙ୍କ ହାତ ଧରି ୨୦୨୬ରେ ପ୍ରବେଶ କରୁଛି' ବୋଲି ଫଟୋ ଶେୟାର କରି ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ନୂଆ ବର୍ଷ ଅଭିନନ୍ଦନ ଜଣାଇଥିଲେ।

### ଜାତୀୟ ଥ୍ରୋ'ବଲ୍

## ଓଡ଼ିଶା ଦଳକୁ କାଂସ୍ୟ ପଦକ



ଭୁବନେଶ୍ୱର,୧।୧(ସମିସ): ଓଡ଼ିଶା ଥ୍ରୋ ବଲର ସିନିଅର ପୁରୁଷ ଟିମ୍ କେରଳର କୋଟାୟମ୍‌ଠାରେ ଅନୁଷ୍ଠିତ ୪୭ତମ ଜାତୀୟ ଚାମ୍ପିଅନସିପ୍‌ରେ କାଂସ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶା ଦଳ ପୁରୁଷ ବିଭାଗ କାଂସ୍ୟ ପଦକ ମୁକାବିଲାରେ ମଧ୍ୟପ୍ରଦେଶକୁ ୨-୧ ସେଟ୍‌ରେ ପରାସ୍ତ କରି ଏହି ସଫଳତା ପାଇବାରେ ସମର୍ଥ ହୋଇଛି। ପୂର୍ବରୁ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ରାଜସ୍ଥାନକୁ ୨-୦ସେଟ୍‌ରେ ହରାଇଥିଲାବେଳେ ସେମିରେ ଦିଲ୍ଲୀ ନିକଟରୁ ୧-୨ ସେଟ୍‌ରେ ହାରିଯାଇଥିଲା। ମହିଳା ଦଳ ଲଢୁଆ ଖେଳିବା ସତ୍ତ୍ୱେ କ୍ୱାର୍ଟର ଫାଇନାଲରେ ୪ଥରର ଚାମ୍ପିଅନ ଦିଲ୍ଲୀ ନିକଟରୁ ପରାଜିତ ହୋଇ ସନ୍ତୁଷ୍ଟ ହୋଇଥିଲା। ଓଡ଼ିଶା ଦଳର ପଦକ ବିଜୟ ସଫଳତା ଲାଗି ପ୍ରୋଗ୍ରାମିଂ ଅଫିସର ହରେଶ ମିଶ୍ର, ଓଡ଼ିଶା ଥ୍ରୋ'ବଲ ପ୍ରତିଷ୍ଠାତା କୃଷ୍ଣଚନ୍ଦ୍ର ଦାସ, ଓଡ଼ିଶା ସଂଘ ସଭାପତି ଭୁପିନ୍ଦର ସିଂହ, ଉପସଭାପତି ମଧୁସୂଦନ ମିଶ୍ର ଓ ସମ୍ପାଦକ ଜିତେନ୍ଦ୍ରନାଥ ଦାସ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଫିଫା ରେଫରୀ ତାଲିକାରେ ୩ ଭାରତୀୟ ସାମିଲ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫାର ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଆଉ ୫ଜଣ ଭାରତୀୟ ସାମିଲ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଗୁଜରାଟର ରଚନା କମାନି, ପୁଡୁଚେରୀର ଅଶ୍ୱିନ କୁମାର ଓ ଦିଲ୍ଲୀର ଆଦିତ୍ୟ ପୁର୍କୟସ୍ଥା ଫିଫାର ପୁରୁଷ ଓ ମହିଳା ରେଫରୀ ତାଲିକାରେ ସ୍ଥାନ ପାଇଛନ୍ତି। ସେହିଭଳି ପୁଡୁଚେରୀର ମୁରଲୀଧରନ ପଣ୍ଡୁରଙ୍ଗାନ ଓ ମହାରାଷ୍ଟ୍ରର ପିଟର କ୍ରିଷ୍ଟୋଫର୍ ଫିଫାର ସହାୟକ ରେଫରୀ ମାନ୍ୟତା ଲାଭ କରିଛନ୍ତି। ଫଳରେ ଏବେ ଫିଫାର ୨୦୨୬ ବର୍ଷର ମ୍ୟାଚ୍ ଅଫିସିଆଲ୍ ତାଲିକାରେ ଭାରତର ପ୍ରତିନିଧି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। ଅଶ୍ୱିନ ଓ ଆଦିତ୍ୟ ମଧ୍ୟ କ୍ୱାଲାଲାମ୍ପୁରରେ ଅନୁଷ୍ଠିତ ଏଏଫ୍‌ସି ରେଫରୀ ଏକାଡେମୀ କୋର୍ସକୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି।

## ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୧।୧ (ସମିସ): ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଗୁରୁବାର କିଟ୍ କ୍ରିକେଟ୍ ଗ୍ରାଉଣ୍ଡରେ ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ) ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାର ପ୍ରଥମ ଦିନରେ ଦୁଇଟି ମ୍ୟାଚ୍ ଖେଳାଯାଇଛି। ଏଥିରେ ଦୀନଦୟାଲ୍ ଉପାଧ୍ୟାୟ ଗୋରଖପୁର ବିଶ୍ୱବିଦ୍ୟାଳୟ ୭ ରନରେ ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ (ଛତିଶଗଡ଼)କୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟାଚରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୭୧ ରନରେ ଅଟଳ ବିହାରୀ ବାଜପେୟୀ ବିଶ୍ୱବିଦ୍ୟାଳୟ (ଛତିଶଗଡ଼) ନିକଟରୁ ହାରିଯାଇଛି। ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ଟି ବିଶ୍ୱବିଦ୍ୟାଳୟର ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

## ରାଜ୍ୟ ସିନିଅର୍ ବାସ୍କେଟବଲ୍ ଦଳ ଘୋଷିତ




କଟକ,୧।୧(ସମିସ): ଚେନ୍ନଇର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଆସନ୍ତା ୪ରୁ ୭୫ତମ ଜାତୀୟ ସିନିଅର ବାସ୍କେଟବଲ ଚାମ୍ପିଅନସିପ୍ ଖେଳାଯିବ। ଏଥି ନିମନ୍ତେ ଓଡ଼ିଶା ବାସ୍କେଟବଲ ସଂଘ ପକ୍ଷରୁ ଗୁରୁବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ପୁରୁଷ ଦଳରେ ଅମିତ ସାମଲ, ସେଖ୍ ରିୟାଜ, ଅନିବେଶ ସାହୁ, ସାହିଦ ଖାନ, ଶିବଶଙ୍କର ବେହେରା, ଆଦିତ୍ୟ ବିକ୍ରମ ପ୍ରଧାନ, ଶରତ ନାୟକ, ହାର୍ଦ୍ଦିକ ପଟ୍ଟନାୟକ, ବ୍ରହ୍ମାନନ୍ଦ ବେହେରା, ଲକ୍ଷ୍ମୀଧର ବାରିକ, ଦିବ୍ୟଜିତ ମହାପାତ୍ର ଓ ଅଭିଷେକ ପଶୁପାଳକ ସ୍ଥାନ ପାଇଛନ୍ତି। ଏହି ଦଳରେ ପ୍ରହ୍ଲାଦ ବେହେରା କୋଚ୍, ଆଶିଷ ସିଂହ ସହକାରୀ କୋଚ୍ ଏବଂ ପ୍ରଦୀପ ବେହେରା ମ୍ୟାନେଜର ଭାବେ ରହିଛନ୍ତି। ସେହିପରି ମହିଳା ଦଳରେ ଲିଜାଲିନ ଜେନା, ସଙ୍ଗୀତା କୁମାର ନାଏକ, ଆୟୁଷି ମଲ୍ଲିକ, ତନୁଶ୍ରୀ ଶାସିନି, ଶ୍ୱେତା ପ୍ରଧାନ, ତନୁଶ୍ରୀ ମହାନ୍ତି, ଶୋହନା ପାତ୍ର, ଚିନ୍ମୟୀ ରଣା, ସ୍ୱାଗତିକା ସାହୁ, ବନିତା ଚାର୍ଲସ, ଅନୀଶା ନିଶାନ, ହେମା ସାହୁ ସ୍ଥାନ ପାଇଥିବା ବେଳେ ଦଳର ମୁଖ୍ୟ କୋଚ୍ ରହିଛନ୍ତି ଶଶୀକାନ୍ତ ନାୟକ। ଶୁଭଶ୍ରୀ ସାହୁ ସହକାରୀ କୋଚ୍ ଏବଂ ରାଜେନ୍ଦ୍ର ଖୁଣ୍ଟିଆଙ୍କୁ ମ୍ୟାନେଜର ଭାବେ ଦଳରେ ସାମିଲ କରାଯାଇଛି।

## ବାଂଲା ଖେଳାଳିଙ୍କୁ ନେଇ କେକେଆର୍‌କୁ ଚେତାବନୀ

ନୂଆଦିଲ୍ଲୀ, ୧।୧ (ଏଜେନ୍ସି): ଆଇପିଏଲ୍ ନିଲାମୀରେ ବାଂଲାଦେଶ ଖେଳାଳିଙ୍କୁ କ୍ରୟ କରିଥିବାରୁ କୋଲକାତା ନାଇଟରାଇଡର୍ସ ମାଲିକ ଶାହରୁଖ ଖାନଙ୍କୁ ପ୍ରସିଦ୍ଧ କଥାବାଚକ ଦେବକୀନନ୍ଦନ ଠାକୁର ଚେତାବନୀ ଦେଇଛନ୍ତି। ଯାହା ଏବେ ନୂଆ ବିବାଦ ସୃଷ୍ଟି କରିଛି। ଠାକୁର କହିଛନ୍ତି ଯେ, ମୁଁ ବିସିସିଆଇକୁ ପ୍ରଶ୍ନ କରିବାକୁ ଚାହୁଁଛି। ବାଂଲାଦେଶୀ କ୍ରିକେଟରଙ୍କୁ ଏଠାକୁ ଅଣାଯିବା ଉଚିତ୍ ନୁହେଁ। ଯଦି ସେମାନେ ଆଇପିଏଲ୍ ଖେଳାଳି ନିଲାମୀରେ ସାମିଲ ହେଲେ ତେବେ ଅନ୍ୟକୌଣସି ଫ୍ରାଞ୍ଚାଇଜ ସେମାନଙ୍କୁ ଯେତେବେଳେ କ୍ରୟ କରିନଥିଲେ କୋଲକାତା କାହିଁକି ଆଗ୍ରହ ଦେଖାଇ କିଣିଲା। ସେହି ବାଂଲାଦେଶୀ ଖେଳାଳିଙ୍କୁ କେକେଆର ଦଳରୁ ବାହାର କରିବାକୁ ପଡ଼ିବ। ନଚେତ ଆମେ ଦଳକୁ ବୟକଟ୍ କରିବୁ।

### ଜାତୀୟ ସିନିଅର ଭଲିବଲ୍

## ରାହୁଲ, ଅଶ୍ୱଥୀଙ୍କୁ ଓଡ଼ିଶା ଦଳର ନେତୃତ୍ୱ

ଭୁବନେଶ୍ୱର, ୧।୧ (ସମିସ):

ଆଗାମୀ ଜାତୀୟ ସିନିଅର ଭଲିବଲ୍ ଚାମ୍ପିଅନସିପ୍‌ର ୭୨ତମ ସଂସ୍କରଣ ଲାଗି ଗୁରୁବାର ଓଡ଼ିଶା ପୁରୁଷ ଓ ମହିଳା ଦଳ ଘୋଷଣା କରାଯାଇଛି। ଏଥିରେ ରାହୁଲ ବାରିକଙ୍କୁ ପୁରୁଷ ଦଳର ଏବଂ ଅଶ୍ୱଥୀ ପି.ଆର.ଙ୍କୁ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି। ଜାନୁଆରୀ ୪ରୁ ୧୧ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ବାରଣାସୀରେ ଏହି ଚାମ୍ପିଅନସିପ୍ ଖେଳାଯିବ। ବାରଣାସୀରେ ପ୍ରଥମଥର ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟକୁ ପ୍ରଧାନମନ୍ତ୍ରୀ ଓ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି। ଓଡ଼ିଶା ମହିଳା ଭଲିବଲ୍ ଦଳ ଗତ ସଂସ୍କରଣରେ କ୍ୱାର୍ଟର ଫାଇନାଲରେ ପ୍ରବେଶ



କରିଥିବାରୁ ଏଥର ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ଓଡ଼ିଶା ଭଲିବଲ୍ ସଂଘର ସଭାପତି ପ୍ରଫେସର ଅଚ୍ୟୁତ ସାମନ୍ତ ଆଶାବାଦୀ ରହିଛନ୍ତି।

**ଓଡ଼ିଶା ପୁରୁଷ ଦଳ:** ରାହୁଲ ବାରିକ (ଅଧିନାୟକ), ଦୀପ୍ତିରାଜ ମିଶ୍ର, ମହସୀମ ଖାନ, ରାଖଲ କିଶୋର, ଅନିଲ ସେନାପତି, ଆକାଶ ସିଂ, ଗୋବିନ୍ଦ ପ୍ରସାଦ ବାରିକ, ଶୁଭ୍ରାଂଶୁ ଶେଖର ଓଝା, ଏମ୍‌ଡି ରାଜା, ମାନସ ପ୍ରଧାନ, ମାନସ ପାଣି, ମୋହନ ବିଶ୍ୱାଳ, ଜ୍ଞାନରଞ୍ଜନ ମହାପାତ୍ର ଓ ପ୍ରଜ୍ଞା ସାରଥୀ ଜେନା। ମୁଖ୍ୟକୋଚ୍: ଶୁଭ୍ରାଂଶୁ ଭୂଷଣ ମିଶ୍ର, ସହାୟକ କୋଚ୍: ଲୋଚନବିନ୍ଦୁ ଦାଶ ଓ ରମେଶ ଚନ୍ଦ୍ର ଓଝା।

**ଓଡ଼ିଶା ମହିଳା ଦଳ:** ସୁଚିସ୍ମିତା ଦିଣ୍ଡା, ଅଶ୍ୱଥୀ ପି.ଆର୍. (ଅଧିନାୟିକା), ସ୍ମିଜପ୍ରଜ୍ଞା ଜେନା, କେ. ଭିନା, ଶ୍ରୁତି ଲକ୍ଷ୍ମୀ, କମଲେଶ କୁମାରୀ, ସ୍ନେହମୟୀ କିଶାନ, ସଞ୍ଚାରୀ ସୁନିଲ ଭୋୱାତେ, ମାମାଲି ନାଗ, ଲିପିକା ଖେସ୍, ଶିବାନୀ ପ୍ରିୟଦର୍ଶିନୀ, ଆରତୀ ହେପରିକା, ପାୟଲ କାଣ୍ଡି, ବି. ଅନିଶା। ମୁଖ୍ୟକୋଚ: ସଙ୍ଗୀତା ଟପ୍ପୋ, ମ୍ୟାନେଜର: ରତ୍ନାକର ପ୍ରଧାନ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS